

ନବରାତ୍ର ପୂଜାର ଚତୁର୍ଥ ଦିନରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-93 ◆FRIDAY ◆26 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯୩ ◆ଶୁକ୍ରବାର ◆୨୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

ଆପଣଙ୍କ ପାଖ ଡୀଲର୍ ଙ୍କ ଠିକଣା ଜାଣନ୍ତୁ

72198 21111

BAJAJ SECURE · SHRIRAM Finance · IDFC FIRST Bank · BAJAJ AUTO CREDIT · L&T Finance · TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

# ସାଧାରଣ ୱାର୍ଡକୁ ସ୍ଥାନାନ୍ତର ହେଲେ ମଜୁମଦାର୍



ଭୁବନେଶ୍ୱର, ୨୫।୯ (ସମିସ): ଓଲିଉଡ୍‌ର ଚର୍ଚ୍ଚିତ ଗୀତିକାର ଅଭିଜିତ ମଜୁମଦାର୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ଏମ୍‌ସର ସ୍ୱତନ୍ତ୍ର ଡାକ୍ତର ଟିମ୍ ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରିଛନ୍ତି। ଅଭିଜିତଙ୍କ ଯକୃତ (ଲିଭର) ଏବଂ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପରିଚାଳନାରେ ମଧ୍ୟ ପୂର୍ବାପେକ୍ଷା ସୁଧାର ଆସିଛି ବୋଲି ଏମ୍‌ସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ତାଙ୍କ ଚିକିତ୍ସା ସହ ଫିଜିଓଥେରାପି କରାଯାଉଛି। ସୂଚନା ଅନୁସାରେ, ଶ୍ରୀ ମଜୁମଦାର ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଗତ ୪ତାରିଖରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାର୍‌ରେ ରଖାଯାଇ ଚିକିତ୍ସା କରାଯିବା ପରେ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରରେ ସୋଡିୟମ୍‌ର ମାତ୍ରା କମିବା ସହ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ୍ ଡିପୋଜିଟ୍

କଟକ, ୨୫।୯ (ସମିସ): ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ ବିନିଯୋଗ କରିଥିବା ଟଙ୍କାକୁ ମାଚୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କୁ ୨ବର୍ଷ ଜେଲ୍

କଟକ, ୨୫।୯ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗର ପ୍ରାକ୍ତନ (ଅବସରପ୍ରାପ୍ତ) ଚକବନ୍ଦି ଅଧିକାରୀ ବିଷ୍ଣୁପଦ ଗ୍ରହାଚାର୍ଯ୍ୟ (ଓଏଏସ)ଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶ୍ରୀ ଗ୍ରହଚାର୍ଯ୍ୟ କୁଜଙ୍ଗରେ ଚକବନ୍ଦି ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ଏ.ଏନ୍ ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଚକବନ୍ଦି ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

# ଭିଜିଲାନ୍ସ ଜାଲରେ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୫।୯(ସମିସ): ଲାଞ୍ଚ ନେଇ ଭୁବନେଶ୍ୱର ଟିପିସିଓଡିଏଲ୍-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସପକ୍ଷରେ ରିପୋର୍ଟ ଦେବାକୁ ଜଣେ ଠିକାଦାରଙ୍କଠାରୁ ସେ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତାଙ୍କ ଘର ପାଖ ଏକ ପାର୍କରୁ କାବୁ କରିଛନ୍ତି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଘର ସମେତ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛି। ତାଙ୍କ ଘରୁ ନଗଦ ୯ଲକ୍ଷ ୫୩ ହଜାର ଟଙ୍କା ଜବତ ହୋଇଥିବା ଜଣାଯାଇଛି।

**୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ**



ଅଭିଯୋଗକାରୀ ଠିକାଦାର ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଗତ ଦୁଇ ମାସ ଧରି ଯନ୍ତ୍ରୀ ଶ୍ରୀ ରାୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନଦେଲେ ରିପୋର୍ଟ ଦେବେ ନାହିଁ ବୋଲି ଯନ୍ତ୍ରୀ ମନା କରିଦେଇଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୋଗକାରୀ ଠିକାଦାର ଯନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ପରେ ଯନ୍ତ୍ରୀ ତାଙ୍କ ଘର ନିକଟରେ ଥିବା ଏକ ପାର୍କକୁ ଡାକିଥିଲେ। ସେଠାରେ ତାଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

## ଗଜପତିର ୧୭ ପ୍ରକଳ୍ପରୁ ପାଣି ଶୋଷୁଛି ଆନ୍ଧ୍ର

# ୩୩ ବର୍ଷରେ ଟଙ୍କାଟିଏ ବି କର ପୈଠ କରିନି

ପାରଳାଖେମୁଣ୍ଡି,୨୫।୮(ସମିସ): ବର୍ଷବର୍ଷ ଧରି ଓଡ଼ିଶାର ପାଣି ଶୋଷୁଛି। ଗୋଟିଏ କି ଦୁଇଟି ନୁହେଁ, ୧୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବର୍ଷତମାମ ପାଣି ନେଇ ଧାନ, ମୀନ, ପରିବା ଚାଷ କରି ନିଜ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରୁଛି। କିନ୍ତୁ ଜଳକର ବାବଦକୁ ଟଙ୍କାଟିଏ ବି ଦେଉନାହିଁ। ସେପଟେ ବକେୟା ଗଡ଼ିଗଡ଼ି

■ ଜଳକର ଚୁକ୍ତି ଖିଲାପ କରୁଛି ଆନ୍ଧ୍ର
■ ୪ କୋଟି ୩୨ଲକ୍ଷ ୮୧ହଜାର ୨୧୧ଟଙ୍କା ବକେୟା ଗଡୁଛି

୪ କୋଟି ପାର୍ ହୋଇଗଲାଣି। ଓଡ଼ିଶାର ଜଳ, ଜମି, ଜଙ୍ଗଲ ଉପରେ ଲୋଲୁପଦୃଷ୍ଟି ପକାଇ ଆସୁଥିବା ପଡ଼ୋଶୀ ଆନ୍ଧ୍ରର ଆଉ ଏକ ଦାଦାଗିରି ଏବେ ସାମ୍ନାକୁ ଆସିଛି। ଉଦ୍‌ବେଗର କଥା ହେଲା, ନିଜ ଆଡୁ କରିଥିବା ଚୁକ୍ତିକୁ ଆନ୍ଧ୍ର ଭାଙ୍ଗିଚାଲିଥିଲେ ହେଁ ଓଡ଼ିଶା ସରକାର ଏହାକୁ ନେଇ କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି।

ଆନ୍ଧ୍ରକୁ ଲାଗି ରହିଛି ଗଜପତି ଜିଲ୍ଲା ଦେଇ ପ୍ରବାହିତ ବଂଶଧାରା ଓ ମହେନ୍ଦ୍ରତନୟା ନଦୀ। ଏହି ଦୁଇ ନଦୀର ଜଳ ବ୍ୟବହାରକୁ ନେଇ ଅତୀତରେ ବିବାଦ ଉପୁଜିବାରୁ କଥା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଛି। ତେବେ, ଆର୍ଥିକ ବର୍ଷ ୧୯୮୮-୮୯ରେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଯେଉଁ ପାଣି ଆନ୍ଧ୍ରକୁ ଯିବ, ସେ ବାବଦକୁ କର ଓଡ଼ିଶାକୁ ପୈଠ କରିବ ଆନ୍ଧ୍ର। କିନ୍ତୁ ଚୁକ୍ତି ମୁତାବକ ଆନ୍ଧ୍ର ଜଳକର ପୈଠ କରୁନାହିଁ। ପ୍ରକଳ୍ପ ଆରମ୍ଭଠାରୁ ଆନ୍ଧ୍ର କର ଦେଉନାହିଁ। ଫଳରେ, ଆର୍ଥିକ ବର୍ଷ ୨୦୨୧-୨୨ ସୁଦ୍ଧା ମୋଟ ୪ କୋଟି ୩୨ଲକ୍ଷ ୮୧ ହଜାର ୨ଶହ ୧୧ଟଙ୍କାର ଜଳକର ଆନ୍ଧ୍ର ଉପରେ ଗଡୁଛି। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକର ତଥ୍ୟ ନବୀକରଣ ହୋଇନାହିଁ। ବର୍ତ୍ତମାନ ୨୦୨୫ ବର୍ଷ ଚାଲିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନଃ ଆକଳନ କରାଯାଇନାହିଁ। ଆହୁରି ଉଦ୍‌ବେଗଜନକ କଥା ହେଲା, ୧୭ ପ୍ରକଳ୍ପ ମଧ୍ୟରେ ବୁରୁଗାମଟେଙ୍କ୍, ବୁରୁଗାମନାଳ, ଲକ୍ଷ୍ମୀସାଗର ଓ ରାଧାସାଗର, ଲକ୍ଷ୍ମୀସାଗର ଓ ବୁରୁଗାମଗଡ଼ା ସ୍ଥାନିତ ହୋଇଥିଲେ ମଧ୍ୟ କେତେ ଏକର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଏବଂ ଏଥିରୁ ଆନ୍ଧ୍ରକୁ କେତେ ଓ ଓଡ଼ିଶାକୁ କେତେ ଜଳସେଚିତ ହେଉଛି, ତାହାର ତଥ୍ୟ ମଧ୍ୟ ଜଳସେଚନ ବିଭାଗ ନିକଟରେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ଉପରେ ବକେୟା ଥିବା ଜଳକର ବାବଦ ତଥ୍ୟ ପାଇଁ ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ବାରମ୍ବାର ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଥ୍ୟ ଦେଉନଥିବା ଜଣାପଡ଼ିଛି।



| ପ୍ରକଳ୍ପ | ଜଳସେଚନ କ୍ଷମତା | ଓଡ଼ିଶା | ଆନ୍ଧ୍ରପ୍ରଦେଶ |
|---|---|---|---|
| ଆଳତୀନାଳ | ୩୩୭.୫୭ ଏକର | ୧୩୭.୫୧ଏକର | ୨୦୦ ଏକର |
| ବାଇଝାଲନାଳ | ୧୬୪୬.୯୩ଏକର | ୭୫୭.୨୫ ଏକର | ୮୭୯.୯୫ ଏକର |
| ଗୁମ୍ମାଗଡା ନାଳ | ୭୨୧.୨୭ ଏକର | ୯୮.୩୪ ଏକର | ୫୨୨.୯୩ ଏକର |
| କାଲୁଆନାଳ | ୧୬୫୪.୨୫ଏକର | ୧୧୯୭.୫୯ଏକର | ୪୫୬.୬୬ ଏକର |
| କୃଷ୍ଣସାଗ | ୪୯୭୯.୫୬ଏକର | ୪୫୧୫.୩୧ ଏକର | ୪୬୪.୨୫ଏକର |
| ମହେନ୍ଦ୍ରତନୟା | ୪୮୭୨.୭୬ଏକର | ୩୭୩୦ ଏକର | ୧୧୪୭.୭୬ଏକର |
| ନୀଳନାଳ ଓ ଶିରିଧାନାଳ | ୧୧୪୮.୧୨ଏକର | ୬୧୭.୫୭ ଏକର | ୫୩୦.୫୫ଏକର |
| ରାଧାସାଗର | ୭୦୩.୬୦ ଏକର | ୧୭୯.୨୯ଏକର | ୫୨୪.୩୧ଏକର |
| ରାମସାଗର | ୬୩୭.୦୩ ଏକର | ୬୩୬.୫୯ ଏକର | ୦.୪୪ଏକର |
| ସୀତାସାଗର | ୬୬୩.୯୭ଏକର | ୪୮୯.୧୨ଏକର | ୧୭୪.୮୫ଏକର |

## ଟିକା ଦେବାରେ ଭୁଲ୍: ଚାଲିଗଲା ଶିଶୁପୁତ୍ରର ଜୀବନ

# ହସ୍ପିଟାଲରେ ପୁଲିସ-ସମ୍ପର୍କୀୟ ମୁହାଁମୁହିଁ

ନୟାଗଡ଼, ୨୫।୯(ସମିସ): ଅଢ଼େଇ ମାସର ଏକ ଶିଶୁର ମୃତ୍ୟୁକୁ ନେଇ ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳିଛି। ଶିଶୁର ପରିବାର ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି।



ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ରାଉତରାପୁର ଗ୍ରାମର ଜିତେନ୍ଦ୍ର ଦଳେଇଙ୍କ ଅଢ଼େଇ ମାସର ଶିଶୁପୁତ୍ରକୁ ବୁଧବାର ନିକଟସ୍ଥ ଏଏନ୍ଏମ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଟିକା ଦେବା ବେଳେ ଶିଶୁଟିର ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଦୀର୍ଘ ସମୟ ଧରି ରକ୍ତ ବନ୍ଦ ନ ହେବାରୁ ପରିବାରଲୋକେ ବୁଧବାର ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତା'ର ବ୍ୟାଣ୍ଡେଜ୍ କରି ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଶିଶୁପୁତ୍ରର ଅବସ୍ଥା ଧୀରେଧୀରେ ବିଗିଡ଼ିଥିଲା। ତେଣୁ ଆଜି ପୁଣି ପରିବାରଲୋକ ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଉପଯୁକ୍ତ ଚିକିତ୍ସା ମିଳି ନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଶିଶୁକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହାର କିଛି ସମୟ ମଧ୍ୟରେ ଶିଶୁଟିର ଜୀବନ ଚାଲିଯାଇଥିଲା। ଏହାକୁ ନେଇ ଶିଶୁର ପରିବାର ଓ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସଦଳବଳେ ସେଠାରେ ପହଞ୍ଚିଥିଲେ। ସେଠାରେ ପୁଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ମୁହାମୁହିଁ ଓ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସ୍ଥିତି ନିୟନ୍ତ୍ରଣ କରିଥିଲେ ହେଁ ଶିଶୁର ପରିବାରଲୋକ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବରିଷ୍ଠ ଭେଷଜ ବିଶେଷଜ୍ଞ ଶତ୍ରୁଘ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବ ଏବଂ କମିଟିର ତଦନ୍ତ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ, ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବୋଦାପଡ଼ା ଏଏନ୍ଏମ୍ ସାଗରିକା ମିଶ୍ରଙ୍କ ନାମରେ ନୟାଗଡ଼ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଚିକିତ୍ସାଳୟ କୋଠାରେ ବାଲୁଗାଁ ଅଞ୍ଚଳର ଜଣେ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ଚିକିତ୍ସା ଅବହେଳାରୁ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହେଉଛି। ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁସ୍ଥ ସ୍ୱାସ୍ଥ୍ୟସେବାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି।

## ବିଧାନସଭା ନିର୍ବାଚନ

# ଧର୍ମେନ୍ଦ୍ରଙ୍କୁ ବିହାର, ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ





ଭୁବନେଶ୍ୱର, ୨୫।୯(ସମିସ): ଆଗାମୀ ବିହାର ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାର ଦୁଇ ନେତାଙ୍କୁ ବଡ଼ ଦାୟିତ୍ୱ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ଧର୍ମେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କୁ ମଧ୍ୟ ଦଳ ସହ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସେହିପରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ତାମିଲନାଡୁ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ଦେଇଛି। ଆସନ୍ତା ୨୦୨୬ମସିହାରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ୨ରୁ ବିଜେଡିର ଜନସଂପର୍କ ପଦଯାତ୍ରା

ଭୁବନେଶ୍ୱର, ୨୫।୯(ସମିସ): ଜନସଂପର୍କ ପଦଯାତ୍ରା ପାଇଁ ଗୁରବାର ଶଙ୍ଖ ଭବନରେ ବିଜୁ ଜନତା ଦଳ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ମାସେବ୍ୟାପୀ ପଦଯାତ୍ରା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ତାରିଖ ଯାଏଁ ସମସ୍ତ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ସରକାରଙ୍କ ବିଫଳତା ନେଇ ରାଜ୍ୟବାସୀଙ୍କୁ ସଚେତନ କରାଯିବ। ପୂର୍ବରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏଁ ବିଜେଡି ପଦଯାତ୍ରା କରୁଥିଲା। ଆବଶ୍ୟକସ୍ଥଳେ ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପ୍ରସାରିତ କରାଯାଉଥିଲା। ଚଳିତଥର ପ୍ରଥମରୁ ହିଁ ଏହାକୁ ମାସେବ୍ୟାପୀ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ମାସେବ୍ୟାପୀ ପଦଯାତ୍ରାରେ ସରକାରଙ୍କ ବିଫଳତାକୁ ଉଜାଗର କରିବ ଦଳ**

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ସରକାରଙ୍କ ବିଫଳତା ନେଇ ଅଧିକରୁ ଅଧିକ ଲୋକଙ୍କୁ ଜନସଂପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଜେଡି ପକ୍ଷରୁ କୁହାଯାଇଛି, ଗତ ୧୫ ମାସରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଜନବିରୋଧୀ କାର୍ଯ୍ୟ, ସରକାରଙ୍କ ଅସଲ ଚରିତ୍ରକୁ ପଦାରେ ପକାଇଛି। ବିଶେଷକରି ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁରାଜ, ଚାଷୀଙ୍କୁ ସାର କଷଣ ଆଦି ନାନା ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି।

ଅପରପକ୍ଷେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାରମ୍ବାର କେନ୍ଦ୍ରକୁ ଓଡ଼ିଶାର ନ୍ୟାଯ୍ୟ ଅଧିକାର ପାଇଁ ଦାବି କରିଆସୁଥିଲେ। ହେଲେ ରାଜ୍ୟରେ ଏବେ ବିଜେପି ସରକାର ଥିବା ସତ୍ତ୍ୱେ ଓଡ଼ିଶାକୁ କେନ୍ଦ୍ର ଅବହେଳା ବଢ଼ିବାରେ ଲାଗିଛି। ଏହା ବିରୋଧରେ ବିଜେଡି ଲଢ଼େଇ ଜାରି ରଖିବାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୧୮ ଲକ୍ଷ ଟଙ୍କା ଆତ୍ମସାତ୍

# ପୂର୍ବତନ ସିଡିଭିଓ ଓ ପରିସଂଖ୍ୟାନ ଗଣନାକାରୀ ଗିରଫ





ନୂଆପଡ଼ା,୨୫।୯(ସମିସ): ଜଳବାୟୁ ପରିବର୍ତ୍ତନ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ନୂଆପଡ଼ା ଜିଲ୍ଲା ପ୍ରାଣୀଚିକିତ୍ସା ବିଭାଗର ପୂର୍ବତନ ସିଡିଭିଓ ତ୍ରିଲୋଚନ ଧଳ ଏବଂ ପରିସଂଖ୍ୟାନ ଗଣନାକାରୀ ଅଶୋକ କୁମାର ଦାଉଙ୍କୁ କୋରାପୁଟ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ତଦନ୍ତରୁ ଜଣାଯାଇଛି ଯେ ତ୍ରିଲୋଚନ ଏବଂ ଅଶୋକ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି ଅଧୀନରେ ଆବଣ୍ଟିତ ୧୮ଲକ୍ଷ ଟଙ୍କାର ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତଦ୍ୱୟ ସରକାରୀ ପାଣ୍ଠିକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ହଡ଼ପ କରିଥିଲେ। ଉକ୍ତ ଅନୁଦାନ ଦୁଗ୍ଧ ଏବଂ ଛେଳି ଚାଷ ମାଧ୍ୟମରେ ହିତାଧିକାରୀଙ୍କ ଜୀବିକା ବୃଦ୍ଧି କରିବା ଏବଂ ପରିବେଶ ସୁରକ୍ଷା ପାଇଁ ମଞ୍ଜୁର ହୋଇଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ାରେ କାର୍ଯ୍ୟକାଳ ସମୟରେ ତ୍ରିଲୋଚନ ଲକ୍ଷାଧିକ ଟଙ୍କା ନେଇ ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଯାଇଥିଲେ। ତାଙ୍କ ଉପରେ ଥିବା ଅନ୍ୟାନ୍ୟ ମାମଲାଗୁଡ଼ିକର ତଦନ୍ତ ବେଳେ ଏହି ୧୮ ଲକ୍ଷ ଆତ୍ମସାତ ପଦାକୁ ଆସିଥିଲା।

## ୨୭-୨୮ ରେ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

# ଯୋଗଦେବେ ପ୍ରଧାନବିଚାରପତିଙ୍କ ସମେତ ୧୭ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୨୫।୯(ସମିସ): ମଧ୍ୟସ୍ଥତା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ମହାଭାରତ ଯୁଗରୁ ରହିଛି। ଏହାକୁ ଆଧାର କରି ୨୦୨୩ରେ ଦେଶରେ ମେଡିଏସନ୍ ଆଇନ ଆସିଛି। ଏହି ଆଇନ ସଫଳ ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅନେକ ଲୋକଙ୍କର କମ୍ ଖର୍ଚ୍ଚ ଓ ଖୁବ୍‌ଶୀଘ୍ର ମାମଲାଗୁଡ଼ିକ ସମାଧାନ ହୋଇପାରିବ। ଏହା ଦ୍ୱାରା ନ୍ୟାୟାଳୟ ଉପରେ ରହୁଥିବା ଚାପ ମଧ୍ୟ କମିବ ବୋଲି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ସମ୍ପର୍କରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ନିମ୍ନ ଅଦାଲତରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକ ହ୍ରାସ କରିବା ପାଇଁ ୨୦୨୩ରୁ ମେଡିଏସନ୍ ଆଇନ ଆସିଛି। ଏଥିରେ ଅନେକ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ସମାଧନ ହେବାର ବ୍ୟବସ୍ଥା କରାଯାଇଛି।

ଏହି ଆଇନର ସୁଦୂରପ୍ରସାରୀ ପାଇଁ ୨୭ ଓ

■ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅତିଥି
■ ଉଦ୍‌ଯାପନୀରେ କେନ୍ଦ୍ର ଆଇନ ଓ ଶିକ୍ଷା ମନ୍ତ୍ରୀ ଯୋଗଦେବେ

୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମେଡିଏସନ୍ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇଙ୍କ ସମେତ ୧୭ଟି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ଯୋଗଦେବେ। ଏହାସହ ହାଇକୋର୍ଟ ଓ ସୁପ୍ରିମକୋର୍ଟର ୪୦ରୁ ଊର୍ଦ୍ଧ୍ୱ ଜଜ୍-୧ ମଧ୍ୟ ଯୋଗଦେବେ। ସୁପ୍ରିମକୋର୍ଟର ୧୦ଜଣ ବିଚାରପତିଙ୍କ ସମେତ ୨୦୦ରୁ ଅଧିକ ମାନ୍ୟଗଣ୍ୟ



ଅତିଥି ସାମିଲ ହେବେ। ୨୭ ତାରିଖ ସଂଧ୍ୟା ସାଢ଼େ ୬ଟାରେ ପ୍ରଧାନ ବିଚାରପତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଟର୍ଣ୍ଣି ଜେନେରାଲ୍, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଏହି ଆଇନର ବିଭିନ୍ନ ଦିଗକୁ ନେଇ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଅନେକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହା ମଧ୍ୟସ୍ଥତା ଦିଗରେ ଦେଶକୁ ଏକ ଦିଗ୍‌ଦର୍ଶନ ଦେବ। ରାଜ୍ୟରେ ମଧ୍ୟ ଆଗକୁ ଗାଁମାନଙ୍କରେ ଛୋଟଛୋଟ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ କିପରି ସମାଧନ କାରଯାଇପାରିବ, ତାହା ଉପରେ ଦୃଷ୍ଟି ଦିଆଯାଉଛି। ରାଜ୍ୟ ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଏହି ସମ୍ମିଳନୀ ସମସ୍ତଙ୍କୁ ଆଗକୁ ବାଟ ଦେଖାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

**ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ**

ଭୁବନେଶ୍ୱର,୨୫।୯(ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ. ହୁଜୈଫା ଖୋରାକିୱାଲା, ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟ ସଞ୍ଜୟ ହାନ୍ସ, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ପ୍ରସିଦ୍ଧ ଚଳଚ୍ଚିତ୍ର ଓ ନାଟ୍ୟନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ଚଳିତ ବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନସେସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବା ବେଳେ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତିନିଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତିବିଶେଷ, ଆଇନ ବିଶାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


ଲିସା କେଟ୍‌ଲି
'ମୁମ୍ବାଇ' କୋଚ୍
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-93 •FRIDAY •26 SEPTEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା- ୯୩ •ଶୁକ୍ରବାର •୨୬ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







### ସୃଷ୍ଟି ହେଲା ଆଉ ଏକ ଲଘୁଚାପ

# ଦକ୍ଷିଣକୁ ବର୍ଷା, ଉପକୂଳକୁ ବନ୍ୟା ଭୟ

- ୨୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅବପାତ ବର୍ଷା
- ହୀରାକୁଦରୁ ୨୦ ଗେଟ୍‌ରେ ଜଳ ନିଷ୍କାସନ
- ଆଜି ମୁଣ୍ଡଳୀରେ ଯିବ ୬ ଲକ୍ଷ କ୍ୟୁସେକ୍



■ **ଭୁବନେଶ୍ୱର, ୨୫।୯ (ସମିସ):** ପଛକୁ ପଛ ଆସୁଥିବା ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲିବାରେ ଲାଗିଛି। ଯଦିଓ ଗୁରୁବାର ଗୋଟିଏ ଲଘୁଚାପ ଦୁର୍ବଳ ହୋଇଛି, ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ସମ୍ଭାବନା ରହିଛି। ମାତ୍ର ଗଲା ୨-୩ଦିନ ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ଫଳରେ ବର୍ତ୍ତମାନ ମହାନଦୀ ତଳମୁଣ୍ଡରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତରପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି। ଏଥିସହ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୁର୍ଣ୍ଣିବଳୟ ରହିଥିଲା। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ସେପ୍ଟେମ୍ବର ୨୭ରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ନିକଟରେ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି, ▶ପୃଷ୍ଠା-୭

## ୧୮ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି

■ **ଭୁବନେଶ୍ୱର, ୨୫।୯(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ତତ୍‌ଜନିତ ସ୍ଥିତି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଡି.କେ ସିଂ ଦକ୍ଷିଣଓଡ଼ିଶା ସମେତ ବର୍ଷା ଆଶଙ୍କା ଥିବା ୧୮ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡା ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ରହି ନିଜ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏସ୍‌ଆରସିଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ▶ପୃଷ୍ଠା-୭

### ଭାରତରେ ପ୍ରଥମ

# ଟ୍ରେନ୍‌ରୁ 'ଅଗ୍ନି' ପରୀକ୍ଷା



■ **ନୂଆଦିଲ୍ଲୀ/ବାଲେଶ୍ୱର, ୨୫।୯ (ସମିସ):** ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ଐତିହାସିକ ସଫଳତା। ଗତକାଲି ବିଳମ୍ବିତ ରାତିରେ ଟ୍ରେନରୁ ସଫଳତା ସହ ଲଞ୍ଚ୍ ହୋଇଛି ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ର। ଡିଆର୍‌ଡିଓ ପକ୍ଷରୁ ପ୍ରଥମ ଥର ଲାଗି ପରୀକ୍ଷା କରାଯାଇଥିବା ଏହି ମଧ୍ୟମ ଦୂରଗାମୀ ଅଗ୍ନି କ୍ଷେପଣାସ୍ତ୍ର ଦୁଇ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏଭଳି ସଫଳତା ପାଇବାରେ ରୁଷ, ଚୀନ ଓ ଉତ୍ତର କୋରିଆ ପରେ ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ। ଏବଂ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଓଡ଼ିଶା ମାଟିରେ ଏହାର ପରୀକ୍ଷା କରାଯାଇଛି। ଏହି ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏଭଳି ଐତିହାସିକ ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ।

**ରୁଷ, ଚୀନ୍, ଉତ୍ତରକୋରିଆ ପରେ ଭାରତ ଚତୁର୍ଥ ଦେଶ**

ଗତକାଲି (ବୁଧବାର) ବିଳମ୍ବିତ ରାତିରେ ଟ୍ରେନ୍ ଉପରେ ତିଆରି ହୋଇଥିବା ମୋବାଇଲ ଲଞ୍ଚର ସିଷ୍ଟମ ଜରିଆରେ ଅଗ୍ନି- ପ୍ରାଇମ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରାଯାଇଥିଲା। ରେଳ ଭିତ୍ତିକ ଲଞ୍ଚରରୁ ପ୍ରଥମ ଥର ଲାଗି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଛି। ଟ୍ରେନ ସହ ସଂଯୁକ୍ତ ଏହି ଲଞ୍ଚରରୁ ଦେଶର ଯେକୌଣସି ଭାଗରୁ ଉତ୍‌କ୍ଷେପଣ କରାଯାଇପାରିବ। ରେଳ ଲାଇନରେ ସହଜରେ ଏହାର ପରିବହନ ହୋଇପାରିବ। ▶ପୃଷ୍ଠା-୭

## ପୁରୀ ଜିଲ୍ଲା ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା

■ **କୋଣାର୍କ, ୨୫।୯ (ସମିସ):** ଗୋପ ବ୍ଲକ୍ ଅଧୀନ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାରରେ ଗୁରୁବାର ସକାଳେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା(୨୫) ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧ ତାରିଖରେ ବୁଲୁ ବେହେରା ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ଗିରଫ ହୋଇ ବାଙ୍ଗରସ୍ଥିତ ଜିଲ୍ଲା କାରାଗାରରେ ଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପ୍‌ରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# ଅଶୁଭ ଗୁରୁବାର: ଦୁର୍ଘଟଣାରେ ଗଲା ୧୦ ଜୀବନ

## ବସ୍-ଟ୍ରକ୍ ମୁହାଁମୁହିଁ: ୬ ମୃତ, ୨୦ ଗୁରୁତର



■ **ରାଉରକେଲା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ନିକଟସ୍ଥ ସମିଜ ବ୍ରିଜ୍ ନିକଟରେ ଗୁରୁବାର ଏକ ଘରୋଇ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏଥିରେ ୬ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ, ରକ୍ସି ଗ୍ରାମର ପୁଷ୍ପା ଗୋପ (୫୬), ମେରି ନାଗ(୫୦), ସତ୍ୟଭାମା ଠାକୁର (୫୫), ମଞ୍ଜାବେଡ଼ାର କରମପାଲ ସିଂ (୪୫)

**୪ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଏବଂ ବସ୍‌ର କଣ୍ଡକ୍ଟର ଶବର ବଳ (୫୨)। ଅନ୍ୟଜଣଙ୍କର ପରିଚୟ ମିଳି ପାରିନାହିଁ। ସେହିପରି, ଏହି ଅଘଟଣରେ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଜଣାପଡ଼ିଛି। ସେମାନଙ୍କୁ କେ.ବଲାଙ୍ଗ ଡାକ୍ତରଖାନାରେ ▶ପୃଷ୍ଠା-୭

## ଗଛରେ ପିଟିହେଲା ଟିପ୍ପର; ୨ ମୃତ



■ **ଗୁଣପୁର, ୨୫।୯ (ସମିସ):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଆଜି ଭୋରରେ ଏକ ଟିପ୍ପର ଗଛରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମାନାଗୁଡା ବ୍ଲକ ଅର୍ଜୁନଗୁଡା ଗାଁର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଟିପର ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପା।ରେ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

■ **ନାରାୟଣପାଟଣା, ୨୫।୯ (ସମିସ):** ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣା ସ୍ଥିତ ଷ୍ଟେଟ ବ୍ୟାଙ୍କ୍ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। ଗତ ରାତି ପ୍ରାୟ ୧ଟା ସମୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓଡି ୧୦ ଏକ୍ସ ୬୯୩୬ ଓ ଓଡି ୧୦ ବି ୯୩୦୪ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ଜଣ ଓ ଅନ୍ୟଟିରେ ୨ ଜଣ ବସିଥିଲେ। ଦୁଇଜଣଙ୍କ ମୁଣ୍ଡରେ ଆଘାତ ଯୋଗୁଁ ଘଟଣା ସ୍ଥଳରେ ହିଁ ସେମାନେ ପ୍ରାଣ ହରାଇଥିଲେ। ଅନ୍ୟ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଯୁବକ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତ ଦୁଇ ଆଦିବାସୀ ଯୁବକ ହେଉଛନ୍ତି ଗାଦାବା ଗୁଡା ଗ୍ରାମର ଅଭି ମାଣ୍ଡିଙ୍ଗି(୨୨) ଓ ଅନ୍ୟଜଣେ ଶରତ ତାଡିଙ୍ଗି (୨୨)। ଆହତମାନେ ହେଲେ ଶତିଖାଲର ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଗାଦବାଗୁଡାର ନରୀ ମାଣ୍ଡିଙ୍ଗି (୧୫,) ଶୀବାନା ଶିରିକା (୧୮)। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକା କୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ବିଧାୟକ ପବିତ୍ର ସାଉଁନ୍ତା ପରିବାର ବର୍ଗକୁ ସମାବେଦନ ଜଣାଇଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ମାମଲା: ୬ ଦୋଷୀ ସାବ୍ୟସ୍ତ

■ **ବାରିପଦା, ୨୫।୯ (ସମିସ):** ବାରିପଦାର ସହକାରୀ ସେସନ୍ସ ଜଜ୍ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ସାନସାରସପୋଷି ଗାଁର ଡାହାଣୀ ଅଭିଯୋଗରେ ଅବୈଧ ଭାବେ ବନ୍ଦୀ ରଖି ନିର୍ଯାତନା ଦେଇଥିବା ମାମଲାରେ ବିଚାରପତି ଦେବାଶିଷ ମହାନ୍ତି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ସଂଶୋଧନକୁ ଗୁରୁତ୍ୱ ଦେଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ପ୍ରୋବେସନରେ ମୁକ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ଚାନ୍ଦୁଆ ଥାନା ଅଧୀନରେ ସାନସରସପୋସି ଗାଁର ଅମର କୁମାର ସିଂ (୬୯), କମଲ ସିଂ (୪୦), ସନାତନ ସିଂ (୫୦), ରାଜକିଶୋର ସିଂ(୪୫), ରାଜେନ୍ଦ୍ର ସିଂ (୪୦) ଏବଂ ରଙ୍ଗଲାଲ ସିଂ (୩୫)। ସୂଚନା ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସିଂହଙ୍କ ପକ୍ଷରୁ ୨୦୨୧ ଫେବୃଆରୀ ୨୦ରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ ୨୦୨୦ ନଭେମ୍ବରରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଁରେ ଜ୍ୱର ଏବଂ ଗୋରୁମାନଙ୍କ ମୃତ୍ୟୁ ପାଇଁ ଡାହାଣୀ ଅଭିଯୋଗ କରି ଏକ ତାଲାବନ୍ଦ କୋଠରୀରେ ବନ୍ଦୀ ରଖିଥିଲେ। ଏହି ସମୟରେ ତାଙ୍କୁ ନିୟମିତ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଗରମ ଲୁହା ରଡ୍ ଦ୍ୱାରା ଚେଙ୍କ ମଧ୍ୟ ଦିଆଯାଇଥିଲା। ପ୍ରୋବେସନ୍ ଅଫିସରଙ୍କ ରିପୋର୍ଟରେ ଅଭିଯୁକ୍ତଙ୍କୁ ପ୍ରଥମ ଥର ଅପରାଧୀ ଏବଂ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାରୁ ବିଚାରପତି ସେମାନଙ୍କୁ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟର ସୁବିଧା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜଣେ ଜାମିନଦାର ସହ ମୁକ୍ତ କରାଯାଇଛି। ସେମାନେ ମୟୂରଭଞ୍ଜ ଜିଲ୍ଲା ପ୍ରୋବେସନ୍ ଅଫିସରଙ୍କ ତତ୍ତ୍ୱାବଧାନରେ ୨ ବର୍ଷ ରହିବେ। ପ୍ରୋବେସନ୍ ସର୍ତ୍ତ ଉଲ୍ଲଘଂନ ହେଲେ ତୁରନ୍ତ ଦଣ୍ଡ ଘୋଷଣା ହୋଇପାରେ। କୋର୍ଟ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଭୁକ୍ତଭୋଗୀ ଶ୍ୟାମସୁନ୍ଦର ସିଂହଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବ୍ରଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

### ରାଜ୍ୟବ୍ୟାପୀ ପାର୍ବଣ ଉତ୍ସାହ

# ମନମାରି ବସିଛନ୍ତି ନିଗମ, ବୋର୍ଡ ଆଶାୟୀ

■ **ଭୁବନେଶ୍ୱର, ୨୫।୯ (ସମିସ):** ଗତ ୧୫ ମାସ ମଧ୍ୟରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଏକାଧିକ ପ୍ରୟାସ , ଘନ ଘନ ଦିଲ୍ଲୀ ଗସ୍ତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ। କାହିଁକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ ଓ ନିଗମ ନିଯୁକ୍ତି କାହିଁକି ଅଟକିଛି? ଏହାର ଉତ୍ତର କେହି ଦେବାକୁ ସକ୍ଷମ ନୁହନ୍ତି। ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କ୍ଷମତା ଆଶାୟୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ପାର୍ବଣକୁ ନେଇ ରାଜ୍ୟରେ ଏକ ପ୍ରକାର ଉତ୍ସବର ମାହୋଲ ଥିବାବେଳେ ମନ୍ତ୍ରୀ, ନିଗମ, ବୋର୍ଡ ଆଶାୟୀମାନେ ମନମାରି ବସିଛନ୍ତି। ପୂଜାକୁ ନେଇ ସେମାନଙ୍କ ମଧ୍ୟରେ ସରାଗ ନାହିଁ।

ନିଗମ ଏବଂ ବୋର୍ଡରେ ନିଯୁକ୍ତି ପାଇଁ ଗଲା ବର୍ଷଟିଏ ଧରି ଦଳର ନେତାମାନେ ଉଦ୍ୟମ କରି ଆସୁଛନ୍ତି। ନିଜ ନିଜ ନେତାଙ୍କ ପାଖରେ ଶରଣ ପସିବା ସହ ଏଥିପାଇଁ ପୁଜାଏ ଅର୍ଥ ମଧ୍ୟ ସାରିଲେଣି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି, ନିଯୁକ୍ତି ପ୍ରକ୍ରିୟା

**ଆଶାୟୀଙ୍କ କ୍ଷୋଭ: ଶାସନକୁ ଆସି ଲାଭ କଣ**

ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିଯୁକ୍ତି ପ୍ରକ୍ରିୟା କେଉଁଠି ଏବଂ କାହା ପାଇଁ ଓ କେଉଁ କାରଣ ପାଇଁ ଅଟକିଛି, ସେନେଇ ଦଳର ଶୀର୍ଷ ନେତୃତ୍ୱ ଆଶାୟୀଙ୍କୁ କିଛି ଜଣାଉନାହାନ୍ତି। କେବଳ ସମୟ ଆସିଲେ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଅଭୟବାଣୀ ଶୁଣାଉଛନ୍ତି। ଯାହାକୁ ନେଇ ଆଶାୟୀ ସମ୍ପୂର୍ଣ୍ଣ ନିରାଶ ହୋଇ ପଡ଼ିଲେଣି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଆଶାୟୀ କହିଛନ୍ତି ଯେ ବାରମ୍ବାର ଆମକୁ ଦଳୀୟ ନେତୃତ୍ୱଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ମିଳୁଛି। ସଂଗଠନ ବୃଦ୍ଧି ପାଇଁ କାମ କରିବାକୁ କୁହାଯାଉଛି। କେତେଦିନ ଏମିତି ହାତରୁ ଟଙ୍କା ଖର୍ଚ୍ଚ କରି, ନିଜର ସମୟ ସାରି ସଂଗଠନ ପାଇଁ ଦୌଡୁଥିବୁ। ଦୁର୍ଗାପୂଜା ପୂର୍ବରୁ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେମିତି କିଛି ଜଣାପଡୁନାହିଁ। ରାଜ୍ୟରେ ଆମ ସରକାର ଆସି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏପଟେ ଦଳୀୟ ନେତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଗାପୂଜା ପରେ ପରେ ନିଗମ, ବୋର୍ଡକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରେ। ଏଥିପାଇଁ ଆଶାୟୀମାନେ ଧୈର୍ଯ୍ୟ ଧରି ରହିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ଶେଷ ଆଡ଼କୁ ରାଜ୍ୟ ବିଜେପି ରାଜନୀତି ଏବଂ ସରକାର ସ୍ତରରେ ଅନେକ ଗୁଡ଼ିଏ ଘଟଣା ଘଟିପାରେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପୂର୍ବରୁ ସଙ୍କେତ ଦେଇଥିଲେ। ସେହି ଅନେକ ଘଟଣା କଣ, ତାହାକୁ ଜାଣିବା ପାଇଁ ଦଳର କର୍ମୀ ମହଲରେ ଉତ୍ସୁକତା ବଢ଼ିବାରେ ଲାଗିଛି।

# ପଦାରେ ପଡ଼ିଲା ମହାନଗର ନିଗମର ବନ୍ୟା ମୁକାବିଲା ପ୍ରସ୍ତୁତି

ସମ୍ବଲପୁର, ୨୫।୯ (ସମିସ)

ସମ୍ବଲପୁର ସହରରେ ମଙ୍ଗଳବାର ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ କେଇଘଣ୍ଟାର ବର୍ଷାରେ ଉବୁଟୁବୁ ହୋଇଥିଲା ସମ୍ବଲପୁର। ବର୍ଷା ହୋଇଥିଲା ୧୮୦ ମିଲିମିଟର। ସହରର ତଳିଆ ଅଞ୍ଚଳରେ ପାଣି ଘରମାନଙ୍କରେ ପଶିଥିଲା। ଏପରିକି ବୁଧବାର ସକାଳେ ଅଭିଯୋଗ କରିବାପରେ ବାଲିବନ୍ଧା ଏବଂ ବିନାଖଣ୍ଡିସ୍ଥିତ ଗେଟ୍ ଖୋଲି ମହାନଦୀକୁ ସହରର ବନ୍ୟାଜଳ ନିଷ୍କାସିତ କରାଯାଇଥିଲା। ସେତେବେଳକୁ ତଳିଆ ଅଞ୍ଚଳର ଲୋକେ ପାଣିରେ ଉବୁଟୁବୁ ହେଉଥିଲେ। ସହରର ଗଳିକନ୍ଦିରେ ନାଳ ଗୁଡ଼ିକର ଆବର୍ଜନା ସଫା ହୋଇନଥିବାରୁ ରାସ୍ତା ଉପରେ ନାଳ ପାଣି ବହିବା ଦେଖାଯାଇଥିଲା। ପୁଣି ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋର ସଫେଇ କରାଯାଇନଥିବାରୁ ବର୍ଷାପରେ ତାହା ଉଚ୍ଛୁଳିବା ସହ ନିକଟବର୍ତ୍ତୀ ବସ୍ତି ଅଞ୍ଚଳରେ ଘର ମାନଙ୍କରେ କେଇଫୁଟ୍ ପାଣି ଜମା ହୋଇଥିଲା। ପୁଣି ଅଶୋକ ବିଲ୍ଡକନ୍‌ର ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ଜାତୀୟ ରାଜପଥ ଓ ସର୍ଭିସ ରୋଡ଼ର ପାଣି ନିଷ୍କାସିତ ହୋଇନପାରି ସମସ୍ୟା ସୃଷ୍ଟି କଲା। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଷା ପୂର୍ବରୁ ହୋଇଥିବା ବନ୍ୟା ବାତ୍ୟା ମୁକାବିଲା ବୈଠକ ଫସର ଫାଟିଲା। ଏହା ମହାନଗର ନିଗମର କୋଟି କୋଟି ଟଙ୍କା ବ୍ୟୟରେ ବନ୍ୟା ମୁକାବିଲା ପ୍ରସ୍ତୁତିର ସତ୍ୟତାକୁ ପଦାରେ ପକାଇଛି।



ପ୍ରତିବର୍ଷ ମୌସୁମୀ ଆସିବା ପୂର୍ବରୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରର ନାଳରୁ ମାଟି କାଢ଼ିବା ଏବଂ ତିନି ପ୍ରମୁଖ ନାଳାର ସଫେଇ କାର୍ଯ୍ୟ ହୋଇଥାଏ। ତେବେ, ବାରମ୍ବାର ବିଭିନ୍ନ ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ହେବାସତ୍ତ୍ୱେ ମହାନଗର ନିଗମ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏହାକୁ ଅଣଦେଖା କଲେ। ଏପରିକି ବିଭିନ୍ନ ମହଲରେ ନାଳନର୍ଦ୍ଦମା ସଫେଇ କରାନଗଲେ ସହର କୃତ୍ରିମ ବନ୍ୟାରେ ବୁଡ଼ିବ ବୋଲି ସତର୍କ କରାଯାଇଥିଲା। ୨୦୧୮ ମସିହା ଜୁଲାଇ ୨୩ ତାରିଖ ଭଳି ପ୍ରବଳ ବର୍ଷା ହେଲେ ପୁଣିଥରେ ଜଳାର୍ଣ୍ଣବ ହେବ ସମ୍ବଲପୁର ସହର ବୋଲି ଚେତାବନୀ ଦିଆଯାଇଥିଲା। କିନ୍ତୁ ମହାନଗର ପ୍ରଶାସନ ଏନେଇ ପଦକ୍ଷେପ ନେବାର ତ ଦୂରର କଥା ଭ୍ରୂକ୍ଷେପ ମଧ୍ୟ କଲାନାହିଁ।

ଜୁନ ୬ ତାରିଖରେ ଆୟୋଜିତ ହୋଇଥିଲା ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ। ଏଥିରେ ସମ୍ବଲପୁର ଜିଲ୍ଲାପାଳ ବିପର୍ଯ୍ୟୟର ମୁକାବିଲା କରିବାପାଇଁ ପ୍ରସ୍ତୁତି ଓ ସଠିକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟତଃ ପୂର୍ବରୁ ଘାଇ ହୋଇଥିବା ନଦୀ ଓ କେନାଲ ବନ୍ଦ ମରାମତି, ନାଳ ସଫେଇ ଏବଂ ବନ୍ୟାଜଳ ଅବରୋଧ କରୁଥିବା ସ୍ଥାନଗୁଡ଼ିକୁ ଅବରୋଧମୁକ୍ତ କରିବାସହ ବର୍ଷାଜଳ ଯେଭଳି ନିଷ୍କାସିତ ହୋଇପାରିବ ତାହାକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ବିଭିନ୍ନ ସମ୍ପୃକ୍ତ ବିଭାଗ ଗୁଡ଼ିକର ଅବହେଳା ଯୋଗୁଁ ବର୍ଷାଜଳ ନିଷ୍କାସିତ ହୋଇନପାରି ସମ୍ବଲପୁର ସହରର ତଳିଆ ଅଞ୍ଚଳ ବୁଡ଼ିବା ଦେଖାଯାଇଥିଲା। ଏପରିକି ବିପର୍ଯ୍ୟୟ କମିଟି ବୈଠକ ପରେ ପୁଣି ଜୁନ୍ ୧୬ ତାରିଖ ଟେବୁଲ୍ ଟପ୍ ଅଭ୍ୟାସ ମଧ୍ୟ କରାଯାଇଥିଲା। ତେବେ, ପ୍ରକୃତ ସ୍ଥିତି ମୁକାବିଲାର ସମୟ ଆସିବାବେଳକୁ କେଇଫୁଟ୍ ପାଣିରେ ବୁଡ଼ିଲା ସହରର ଅନେକ ଅଞ୍ଚଳ।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୪୮.୨୩ କିଲୋମିଟର ଦୀର୍ଘ ନାଳ ରହିଛି। ବର୍ଷା ଋତୁ ଆସିବା ପୂର୍ବରୁ ସମସ୍ତ ନାଳରୁ ମାଟି, ଆବର୍ଜନା କାଢ଼ି ତା'କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥାଏ। ଏହାସହ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳସ୍ରୋତ ଅବରୋଧ ଗୁଡ଼ିକୁ ହଟେଇ ନିଷ୍କାସନକୁ ସୁଗମ କରାଯାଇଥାଏ। ବହୁ ସମୟରେ ମହାନଗର ନିଗମ କର୍ତ୍ତୃପକ୍ଷ ବାହାର ଜିଲ୍ଲାରୁ ସଫେଇ କର୍ମଚାରୀ ଓ ଅଧିକ ସଂଖ୍ୟକ ଟ୍ରାକ୍ଟର ଆଣି ଯୁଦ୍ଧକାଳୀନ ଭିତ୍ତିରେ ଏହି ସଫେଇ କାର୍ଯ୍ୟ କରିଥାନ୍ତି। କିନ୍ତୁ ଚଳିତବର୍ଷ ମୌସୁମୀ ପୂର୍ବରୁ ତ ଦୂରର କଥା ପରେ ମଧ୍ୟ ସଫେଇ କାର୍ଯ୍ୟକୁ ନେଇ ମହାନଗର ପ୍ରଶାସନ ଉଦାସୀନ ରହିଥିବା ପରିଲକ୍ଷିତ ହୋଇଛି। ଏହାବ୍ୟତୀତ ସମ୍ବଲପୁର ମହାନଗର ଅନ୍ତର୍ଗତ ସମସ୍ତ ପଡ଼ା ଓ ଗଳିକନ୍ଦିରେ ଥିବା ନାଳଗୁଡ଼ିକ ଅଣଓସାରିଆ ଓ ଅଙ୍କାବଙ୍କା ହୋଇରହିଛି। ସେଗୁଡ଼ିକରେ ଆବର୍ଜନା ଜମା ହୋଇ ରାସ୍ତାରେ ପାଣି ବହିବାସହ ନିକଟସ୍ଥ ଅଞ୍ଚଳର ଘର ମାନଙ୍କରେ ପଶିବା ନଜିର ରହିଛି। ଏନେଇ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ ସମ୍ବଲପୁରର ତିନୋଟି ମୁଖ୍ୟ ନାଳା ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋର ନାଳା ଜଳସେଚନ ବିଭାଗ ଅଧିନରେ ରହିଛି। ପ୍ରତିବର୍ଷ ଟେଣ୍ଡର କରାଯାଇ ଜେସିବି ସହାୟତାରେ ମାଟି ଓ ଆବର୍ଜନା ଉଠାଯାଇଥାଏ। କୁଢ଼ କୁଢ଼ ଆବର୍ଜନା, ମାଟି ଓ ଲଟାବୁଦା ଭରି ରହିଥିବା ସତ୍ତ୍ୱେ ଜଳସେଚନ ବିଭାଗ ପକ୍ଷରୁ ସଠିକ୍ ଭାବେ ସଫେଇ କରାଗଲାନାହିଁ। ମହାନଗର ନିଗମ ଓ ଜଳସେଚନ ବିଭାଗ ଏକଆରେକ ଉପରେ ଦୋଷ ଲଦିବା ଦେଖାଯାଇଥିଲା।

## ଆଶ୍ୱିନ ନବରାତ୍ରର ଚତୁର୍ଥ ଦିବସ



ମା' ସମଲେଶ୍ୱରୀ



ମା' ପାଟଣେଶ୍ୱରୀ

# ଜାତୀୟ କରାଟେ ପ୍ରତିଯୋଗିତାରେ ପାବକିଙ୍କୁ ସ୍ୱର୍ଣ୍ଣ ପଦକ



ସମ୍ବଲପୁର, ୨୬।୯ (ସମିସ) : ସେଣ୍ଟ ଯୋଶେଫ୍ କନଭେଣ୍ଟ ସେକେଣ୍ଡାରୀ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ପାବକି ମହାପାତ୍ର ୧୪ ବର୍ଷରୁ କମ୍ ବର୍ଗରେ ସିଆଇଏସ୍‌ସିଇ ଜାତୀୟ କରାଟେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛି। ସେହିପରି କଲିକତାରେ ଅନୁଷ୍ଠିତ ସିଆଇଏସ୍‌ସିଇ ଜାତୀୟ ଖୋ-ଖୋ ପ୍ରତିଯୋଗିତାରେ ବିଦ୍ୟାଳୟର ତିନି ଜଣ ଛାତ୍ରୀ ନାଭ୍ୟା ନିବେଦିତା ମହାନ୍ତି, ରିଶମା ନାଜ୍ ଓ ବାତୁଲ୍ କାଂସ୍ୟ ପଦକ ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେଣ୍ଟ ଯୋଶେଫ୍ କନଭେଣ୍ଟ ସେକେଣ୍ଡାରୀ ସ୍କୁଲ ଅଧକ୍ଷା ସିଷ୍ଟର ନାଭ୍ୟା ଏବଂ ଅଧ୍ୟାପକ ଅଧ୍ୟାପିକାମାନେ କୃତୀ ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଜିଏମ୍‌ୟୁରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ସମ୍ବଲପୁର, ୨୫।୯ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ଅଧୀନସ୍ଥ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଏଣ୍ଡ ଗଭର୍ଣ୍ଣାନ୍ସ ଓ ଭାରତୀୟ ଶିକ୍ଷା ମଣ୍ଡଳ, ସମ୍ବଲପୁର ପକ୍ଷରୁ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କର ଭାରତର ଲୋକନୀତି ଚର୍ଚ୍ଚାରେ ଅବଦାନ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପରମାଣପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ ପିଜିସି ପ୍ରଫେସର ଅସୀମା ସାହୁ ଓ ବିଶିଷ୍ଟ ବକ୍ତା ଭାବେ ରିସର୍ଚ୍ଚ ଏଣ୍ଡ ଡେଭେଲପମେଣ୍ଟ ଫାଉଣ୍ଡେସନ ଫର ଇଣ୍ଟେଗ୍ରାଲ ହ୍ୟୁମାନିଜମ, ନୂଆଦିଲ୍ଲୀର ଚେୟାରମ୍ୟାନ ପ୍ରଫେସର ମହେଶ ଚନ୍ଦ୍ର ଶର୍ମା, ମଳୟଗିରି ମହାବିଦ୍ୟାଳୟ, ପଲହରାର ପୂର୍ବତନ ଅଧକ୍ଷ ଡକ୍ଟର ଅନିଲ ମିଶ୍ର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡଃ ରାମ ନରେଶ ମହାଲିଙ୍ଗ ଏବଂ ଭାରତୀୟ ଶିକ୍ଷା ମଣ୍ଡଳ, ସମ୍ବଲପୁରର ଡଃ ଦୀପେନ ପଟ୍ଟନାୟକ ଯୋଗ ଦେଇଥିଲେ।




ଆସିଷ୍ଟାଣ୍ଟ ପ୍ରଫେସର ବନିତା ମହାନନ୍ଦିଆ ଆଲୋଚନାଚକ୍ରକୁ ପରିଚାଳିତ କରିଥିଲେ। ପିଜି କାଉନସିଲ ଅଧକ୍ଷ ଓ ଦୀନଦୟାଲ ଉପାଧ୍ୟାୟ ସେଣ୍ଟର ଫର୍ ପବ୍ଲିକ ପଲିସି ଏଣ୍ଡ ଗଭର୍ଣ୍ଣାନ୍ସ ନିର୍ଦ୍ଦେଶକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଆଲୋଚନାଚକ୍ରର ପ୍ରାସଙ୍ଗିକତା ଉପରେ ତାଙ୍କର ବ୍ୟକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରାର ଓ ଅର୍ଥନୀତି ବିଭାଗ ମୁଖ୍ୟ ଡଃ ଉମାଚରଣ ପତି ସ୍ୱାଗତ ଭାଷଣ ରଖିଥିବାବେଳେ କାର୍ଯ୍ୟକ୍ରମର ବିଷୟବସ୍ତୁ ପରିଚୟ ଡଃ କେଶବ ଚନ୍ଦ୍ର ରଥ ପ୍ରଦାନ କରିଥିଲେ। ଆଲୋଚନାଚକ୍ର ପରିଚାଳନାରେ ବିଭାଗୀୟ ଶିକ୍ଷକ ସିଂହ ଶୁଭଲକ୍ଷ୍ମୀ ବହିଦାର, ପ୍ରିୟଙ୍କା ମସାନ୍ତ, ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା ଓ ଗବେଷକମାନେ ସାହାଯ୍ୟ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ, ଥାନାରେ ମାମଲା

ସମ୍ବଲପୁର, ୨୫।୯ (ସମିସ): ଟିପିଡବ୍ଲ୍ୟୁଓଡିଏଲର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ ଅନ୍ତର୍ଗତ ପରମାନପୁର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ହୋଇଛି। ଏନେଇ ଶାସନ ପୁଲିସ୍ ଷ୍ଟେସନରେ ମାମଲା ରୁଜୁ ହୋଇଛି। ପରମାନପୁର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଲାଇନମ୍ୟାନ୍ ଜିତୁ ପ୍ରଧାନ(୨୫) ଏବଂ ତାଙ୍କର ତିନି ସହଯୋଗୀ ଆକ୍ରମଣର ଶିକାର ହୋଇଛନ୍ତି।ସୂଚନା ଅନୁସାରେ ଗତ ୧୯ ତାରିଖ ସନ୍ଧ୍ୟା ପ୍ରାୟ ୭.୨୦ ସମୟରେ ଜିତୁ ପ୍ରଧାନ, ଚନ୍ଦନ ରାଉତ, ଏଓସି-ତ୍ରିନାଥ ସାହୁ ଏବଂ ହେଲପର୍ ନୀଳମଣି ସନ୍ଧା ଏବଂ ସତ୍ୟସାର ଗୁପ୍ତା ବାରିକଙ୍କ ସହିତ ଏକ ଫ୍ୟୁଜ୍ କଲ୍ ଅଭିଯୋଗର ସମାଧାନ ପାଇଁ ପରମାନପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ସାଇବ୍ରିକ୍ସ ସେରସୁଆନ୍ତଲ ଅଞ୍ଚଳକୁ ଯାଇଥିଲେ। ତେବେ ସେମାନେ ଟ୍ରାନ୍ସଫର୍ମରକୁ ଯାଞ୍ଚ କରିବା ପରେ ଜାଣିବାକୁ ପାଇଲେ ଯେ, ଅଭିଯୋଗକାରୀଙ୍କ ନିଜ ପରିସର ଭିତରେ କିଛି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟିଛି। ପରେ ସେ ଉକ୍ତ ଅଭିଯୋଗକାରୀଙ୍କୁ ଅସୁବିଧା ସମ୍ବନ୍ଧରେ ଅବଗତ କରାଇବା ସହ ଏହା ସେମାନଙ୍କ ଦାୟିତ୍ୱ ଅନ୍ତର୍ଭୁକ୍ତ ନୁହେଁ ବୋଲି ଜଣାଇଥିଲେ। ଏଥିରେ ଅଭିଯୁକ୍ତ ସରୋଜ ସାମଲ, ଅଭିଳାଷ ସାମଲ, ଶୁଭମ ପଣ୍ଡା ଅତ୍ୟନ୍ତ ଉତ୍ୟକ୍ତ ହୋଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ।ତେବେ ଶ୍ରୀ ପ୍ରଧାନଙ୍କୁ ବଞ୍ଚାଇବା ପାଇଁ ତାଙ୍କ ସହଯୋଗୀ ଲାଇନ୍‌ମ୍ୟାନମାନେ ଚେଷ୍ଟା କରିବା ସମୟରେ ତିନି ଅଭିଯୁକ୍ତ ସେମାନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହିତ ଅଭିଯୁକ୍ତ ଅଭିଳାଷ ସାମଲ ଜିତୁ ପ୍ରଧାନଙ୍କୁ ମଧ୍ୟ ଗୁଳି କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସେହିପରି ଅଭିଯୁକ୍ତମାନେ ମଧ୍ୟ ବିଦ୍ୟୁତ୍ କର୍ମଚାରୀଙ୍କ ବୋଲେରୋ ଗାଡ଼ି ନଂ-ଓଡି୦୪-ଏ୦୬୮୬ର ପଛ ପାର୍ଶ୍ୱ କାଚକୁ ଭାଙ୍ଗିଦେଇଥିଲେ। ଏହି ଘଟଣା ପରେ ଶାସନ ଥାନରେ ଜିତୁ ଅଭିଯୋଗ କରିଥିଲେ। ପୁଲିସ ୨୬୪/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀଙ୍କୁ କୌଣସି ପ୍ରକାରର ଅପବ୍ୟବହାର କରିବା ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ। ଯେକୌଣସି ପରିସ୍ଥିତିରେ ଆଇନକୁ ହାତକୁ ନିଅନ୍ତୁ ନାହିଁ ଏବଂ ବିଦ୍ୟୁତ୍ ସେବା ପ୍ରଦାନକାରୀ କର୍ମଚାରୀଙ୍କୁ ସଦା ସର୍ବାଦା ସହଯୋଗ କରନ୍ତୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

# ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର, ୨୫।୯ (ସମିସ) : ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା - ୨୦୨୫' ଅଭିଯାନର ଅଂଶସ୍ୱରୂପ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳର ଡିଭିଜନାଲ୍ ରେଳ ହସ୍ପିଟାଲ, ରେଳନଗର, ସମ୍ବଲପୁର ପରିସରରେ ଏକ ବିଶାଳ ଶ୍ରମଦାନ (ଏକ ଦିନ, ଏକ ଘଣ୍ଟା, ଏକ ସାଥ) ଅଭିଯାନ ଆୟୋଜିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ଶ୍ରମଦାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସ ଭାବରେ ଗ୍ରହଣ କରିବା ନିମନ୍ତେ ସେ ଅନୁରୋଧ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ, ଅନ୍ୟାନ୍ୟ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରିଥିଲେ। ସ୍ୱଚ୍ଛତା ହିଁ ସେବା - ୨୦୨୫ ଅନ୍ତର୍ଗତ ଶ୍ରମଦାନ ହେଉଛି ସ୍ୱଚ୍ଛ ଭାରତ ଅଭିଯାନର ବୃହତ୍ତର ଜାତୀୟ ମିଶନ ସହିତ ସଂଲଗ୍ନ ଏକ ସ୍ୱଚ୍ଛ ରେଳ-ଇକୋସିଷ୍ଟମ ପ୍ରତି ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତାର ଏକ ପ୍ରମାଣ। ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବଧିରେ ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି।



# ଘରୋଇ ହିଂସା ଓ ଯୌତୁକ ନିଷେଧ ତାଲିମ ଶିବିର ଉଦ୍‌ଯାପିତ



ସମ୍ବଲପୁର, ୨୫।୯ (ସମିସ) : ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଚାଲିଥିବା ଘରୋଇ ହିଂସା ପ୍ରତିରୋଧ ଆଇନ ଓ ଯୌତୁକ ନିଷେଧ ଅଧିନିୟମକୁ ନେଇ ଦୁଇଦିନିଆ ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ତିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସାଂଯୋଜକ ଏଡ୍.ଏଟ୍. ଆହ୍ୱନ ସୁନୀତା ତ୍ରିପାଠୀ ଏବଂ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ବାଣୀ ମହାପାତ୍ର କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଥାନା ଆଇଆଇସି ଆନ୍ନା ମିଞ୍ଜ ଯୋଗଦେଇ ଘରୋଇ ହିଂସାରେ ପୁଲିସର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ଜଳିରାଣୀ ପ୍ରଧାନ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବକ ସଂଘ, ପାରା ଲିଗାଲ କର୍ମୀ, ଜିଲ୍ଲା ଆଇନ ସହାୟତା କେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ, ସଖୀ କର୍ମକର୍ତ୍ତା ତଥା ପ୍ରୋଗ୍ରାମ ଅଫିସରମାନେ ଯୋଗ ଦେଇଥିଲେ। ଛୋଟଲାଲ ସାହୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶାଖାପାଟଣାରେ ନୂଆଁଖାଇ ଭେଟ୍‌ଘାଟ୍



ସମ୍ବଲପୁର, ୨୫।୯ (ସମିସ):ବିଶାଖାପାଟଣା ଜୁହାର ପରିବାର ପକ୍ଷରୁ ମେଘଦ୍ରିପେଟାର କଳାମେଘା ହଲରେ ଗତ ରବିବାର ଦିନ ଧୁମଧାମରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ପ୍ରଥମେ ମା ସମଲେଇଙ୍କୁ ପୂଜା କରାଯାଇ ସାଂସ୍କୃତିକ କାର୍ଯ୍ୟକମ ଆରମ୍ଭ ହୋଇଥିଲା।ସମ୍ବଲପୁରୀ ନାମୀ କଳାକାର ଶାଶ୍ୱତ କୁମାର ତ୍ରିପାଠୀ ଆଉ ପଦ୍ମିନୀ ଦୋରାଙ୍କ ସମ୍ବଲପୁରୀ ଗୀତରେ ଉପସ୍ଥିତ ପ୍ରବାସୀ ମାନେ ନାଚି ଉଠିଥିଲେ। ଅତିଥି ଭାବେ ଡ. ନନ୍ଦକୁମାର ପାଣିଗ୍ରାହୀ ଓ ଡ. ଶେଷମୋହନ ଦେବତା ଯୋଗ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଚିତ୍ତ ରଞ୍ଜନ ପଣ୍ଡା, ସଭାପତି ମନୋଜ କୁମାର ବେହେରା, ଉପସଭାପତି କୁମୁଦ ବାଗ, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ସଞ୍ଚାଳକ ସୁଶାନ୍ତ ପତି ଓ ଭୁପେନ୍ଦ୍ର ବିଶି, ପୂଜାରୀ ସୁବ୍ରତ ଭୋଇ ଓ ଫକୀର ନାଗ, ଏବଂ ସଦସ୍ୟ କିଶୋରେ ସା, ବିନୟ ବିରଗଣ୍ଡିଆ, ସନ୍ଥ କୁମାର ସାହୁ, ମନୋଜ ରଣା, ତ୍ରିଲୋଚନ ନାୟକ, ପ୍ରେମାନନ୍ଦ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଗୋଶାଳା ଛକରେ ସିଆର୍‌ପିଏଫ୍‌ର ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର, ୨୫।୯ (ସମିସ) : ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଅଧୀନରେ ସମ୍ବଲପୁରର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର, ଗୋଶାଳା ଛକଠାରେ ନିର୍ଦ୍ଧାରିତ ସ୍ୱଚ୍ଛତା ଟାର୍ଗେଟ ୟୁନିଟ୍ (ସିଟିୟୁ) ରେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଏକ ମହାନ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରୁପ୍ ସେଣ୍ଟର, ସମ୍ବଲପୁର ଉପ-ମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଏବଂ ଆହ୍ୱାନରେ ଆୟୋଜିତ ହୋଇଥିଲା। ଗ୍ରୁପ୍ ସେଣ୍ଟର ଏବଂ ରେଞ୍ଜ, ସମ୍ବଲପୁରର କର୍ମଚାରୀମାନେ ମଧ୍ୟ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ବିଶେଷ ଅତିଥି ଭାବେ କଳାମାଟି ସରପଞ୍ଚ ସୁଷମା ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ ସାମିଲ ଥିଲେ। ମୋଟ ୩୮ ଜଣ ଗ୍ରାମୀଣ ପୁରୁଷ ଏବଂ ମହିଳା ସ୍ୱେଚ୍ଛାକୃତ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ ଶ୍ରୀ ସିଂହ କହିଥିଲେ ଯେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଉଦ୍ଦେଶ୍ୟ କେବଳ ସ୍ୱଚ୍ଛତା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସମାଜରେ ସଚେତନତା ପ୍ରସାର କରିବା ଏବଂ ସ୍ୱଚ୍ଛତାକୁ ଜୀବନଶୈଳୀର ଏକ ଅଂଶ କରିବା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ସ୍ମରଣ କରି ସେ କହିଥିଲେ ଯେ ସ୍ୱଚ୍ଛତା ହେଉଛି ସାମାଜିକ ପ୍ରଗତି ଏବଂ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୂଳଦୁଆ। ସେ ଆହୁରି କହିଛନ୍ତି ଯେ ଆଗାମୀ ଦିନରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଅଭିଯାନର ଅଂଶ ଭାବରେ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର, ପଥପ୍ରାନ୍ତ ନାଟକ ଏବଂ ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ।




# ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍‌ଘାଟିତ

ସମ୍ବଲପୁର, ୨୫।୯ (ସମିସ)

ସମ୍ବଲପୁରର ପ୍ରାୟ ୬୪ଜଣ ତରୁଣ ଓ ପ୍ରବୀଣ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ 'ଆବାହନୀ' ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ୟୁଟିଲିଟି ସେଣ୍ଟରରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ପୂର୍ବାହ୍ଣ ୧୧ଟା ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ସଂଯୋଜକ କୁଲଦୀପ ବର୍ମାଙ୍କ ସଂଯୋଜନାରେ ଆୟେଜିତ ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡଃ ଉମାଚରଣ ପତି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶ, ଚିତ୍ରଶିଳ୍ପୀ ଏବଂ କଳା ପ୍ରଶିକ୍ଷିକା ବନ୍ଦନା ପଣ୍ଡା, ସମ୍ବଲପୁର କଳା ଏକାଡେମୀ ଅଧକ୍ଷ ସଞ୍ଜୟ ସାହୁ ଏବଂ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି ଯୋଗ ଦେଇଥିଲେ। ସଭା କାର୍ଯ୍ୟକୁ ଜ୍ୟୋତିରାଦିତ୍ୟ ମହାନ୍ତି ପରିଚାଳନା କରିଥିଲେ।



ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ସଞ୍ଜୟ ସାହୁ, ପବିତ୍ର ବେରିହା, ସୁମନ ପାଲ, ଯତୀନ ପାଢ଼ୀ, ଅଞ୍ଜନ ରେ, ନମ୍ରତା ନାୟକ, ପ୍ରେରଣା ସାମନ୍ତ, ଜିତେନ୍ଦ୍ରିୟ ବେହେରା, ପୂଜା ଜଗଦଲା, ସିଦ୍ଧି ସମୃଦ୍ଧି ପଣ୍ଡା, ସ୍ନିଗ୍ଧା ପଣ୍ଡା, ମହମ୍ମଦ କାଶୀମ, ବନ୍ଦନା ସାହୁ, ଦେବେନ୍ଦ୍ର ସାହୁ, ହେମପ୍ରଭା ଜଗଦଲା, ସୁନୀଲ ବଗର୍ତ୍ତୀ, ରଚନା ସରାଫ, ଅନୁଶୃତା ପାଣିଗ୍ରାହୀ, ଶିବାନୀ ଭୋଇ, ଅପର୍ଣ୍ଣା ପଣ୍ଡା, ନଳିନୀ ମିଶ୍ର, ଜୟଶ୍ରୀ ନାଥ, ଅଂଶୁ କୁମାର ବାଉରୀ, ଜ୍ୟୋର୍ତିରାଦିତ୍ୟ ମହାନ୍ତି, ଆକୃତି ଦାସ, ରାଜେଶ ବଡ଼ାଇ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, ଇପ୍‌ସା ପ୍ରିୟଦର୍ଶିନୀ ସାହୁ, ଶିଳ୍ପୀରାମ, ରାଜବିନ୍ଦର୍ କୌର, ସୁମନ ପଟେଲ, ରୋଶନୀ ପଣ୍ଡିତ, ପ୍ରତୀକ ପ୍ରସାଦ, ଦିବ୍ୟାଂଶୀ ଗୁରୁ, ଲୋକନାଥ ସାହାଣୀ, ଅଭିଷେକ ବିଶ୍ୱାଳ, ଯୁଗଳ କିଶୋର ବାରିକ, ସୁବ୍ରତ ବେହେରା, ବିକାଶ ରଞ୍ଜନ ପୂଜାରୀ, ବନ୍ଦିନୀ ପଣ୍ଡା, ଓମ୍ ଦତ୍ତାତ୍ରେୟ ବୈଠାରୁ, ଖୁସି ସାହା, ଦିପାଳୀ ସେଠ, ପ୍ରଜ୍ଞା ପରମିତା ପୂଜାରୀ, ଅନୁଷ୍କା ପଣ୍ଡା, ରେଖୀ ପଣ୍ଡିତ, ଆକାଂକ୍ଷା ପୂଜାରୀ, କମଳିନୀ ମହାଲିଂଗ, ପଲ୍ଲବୀ ଶର୍ମା, ଶ୍ରିମୟ ନାୟକ, ଯକ୍ଷସିନୀ ସାହୁ, ଏକତା ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ବର୍ଷା ରାଣୀ ମହାକୁର, ଭଗବତୀ ସଲମା, ନିତୁ ଶର୍ମା, ପୁରବ ମେହେର, ଇତିଶା ମହାପାତ୍ର, ଅଞ୍ଜନ ପଟ୍ଟନାୟକ, ଥବିର ସିଉଲ୍, କୁଲଦୀପ ବର୍ମା ଏବଂ ବି. ଚିତ୍ତ ସ୍ୱରୂପାଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଛି।

ଏହି ଅବସରରେ ଗତକାଲି ସମଲେଶ୍ୱରୀ ମନ୍ଦିର ପରିସରରେ ଚିତ୍ରଶିଳ୍ପୀ ମାନଙ୍କ ଏକ କର୍ମଶାଳା ଆୟୋଜିତ ହୋଇଥିବାବେଳେ ଆସନ୍ତା ରବିବାର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।

## ସନ୍ଦେହ ଘେରରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା, ୨୫।୯(ସମିସ):ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧିନସ୍ଥ ଜଲଡ଼ିହି ଗ୍ରାମର ଚିନ୍ତାମଣି କିସାନଙ୍କ ପୁଅ ରମଣୀ କିସାନ ବୁଧବାର ଅପରାହ୍ନରେ କୌଣସି କାରଣରୁ ଅସୁସ୍ଥ ମନେକରି ଶୋଇଥିଲେ। ପରିବାର ଲୋକେ ରମଣୀ ଚେତାଶୂନ୍ୟ ହୋଇ ଯାଇଥିବା ଦେଖି ତୁରନ୍ତ କୁଚିଣ୍ଡା ଡାକ୍ତରଖାନା ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ରମଣୀକୁ ଦେଖିବା ପରେ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ କହିବାନୁସାରେ ଯେଉଁ ସ୍ଥାନରେ ଶୋଇଥିଲେ ରମଣୀଙ୍କୁ ଆଣିବା ପରେ ଏକ ସାପ ଦେଖିଥିଲେ। ପରିବାରର ଅଭିଯୋଗକୁ ସନ୍ଦେହ କରି ଡାକ୍ତର ଶବକୁ ଜବତ ରଖି ମହୁଲପାଲି ପୁଲିସକୁ ଖବର ଦେଇଥିଲେ। ମହୁଲପାଲି ପୁଲିସ ପହଞ୍ଚି ସମସ୍ତ ତଥ୍ୟକୁ ତଦନ୍ତ କରି କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ମହୁଲପାଲି ଥାନାରେ ମାମଲା ଦାଏର କରାଯାଇଥିବା ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରେଢ଼ାଖୋଲ, ୨୫।୯(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ପ୍ରାଥମିକ ଅନୁଷ୍ଠାନ ଆରୋଗ୍ୟ ମନ୍ଦିରରେ ମହିଳା ତଥା ବାଳିକାଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଦଳୀଗଡ଼ ଆୟୁଷ୍ମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ୍ ଅଫିସର ଡାକ୍ତର ଅଙ୍କିତ କୁମାର ଆଚାର୍ଯ୍ୟ, ଫାର୍ମାସିଷ୍ଟ ସରିତା ନାହାକ, ମହିଳା ସ୍ୱାସ୍ଥ୍ୟକର୍ମୀ ସୂର୍ଯ୍ୟକାନ୍ତୀ ସାହୁ, ଏଲଟି ସୁଭାଷ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରମାନେ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ଓ କଦଳିଗଡ଼ ପଞ୍ଚାୟତ ସରପଞ୍ଚ ସରୋଜ ସେଠୀ ଉପସ୍ଥିତ ଥିଲେ। ମୋଟ୍ ୨୫୩ ଜଣ ମହିଳା ଓ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଲୁକାପାଲିରେ କୂଅକୁ ଡେଇଁ ଆତ୍ମହତ୍ୟା

ରେଢ଼ାଖୋଲ, ୨୫।୯(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଲୁକାପାଲିରେ ଗୁରୁବାର ଦିନ କୂଅକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ ଲୁକାପାଲି ସାହିର ସପ୍ନେଶ୍ୱର ମେଣ୍ଡୁଲି। ସୂଚନା ଯୋଗ୍ୟ ଯେ ଲୁକାପାଲି ସାହିର ସପ୍ନେଶ୍ୱର ମେଣ୍ଡୁଲି କୌଣସି କାରଣରୁ ଘରେ କେହି ନ ଥିବା ସମୟରେ ଘର ସମ୍ମୁଖରେ ଥିବା ଖୋଲା କୂଅ ଭିତରକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଜାଣିବା ପରେ ପରିବାର ଲୋକେ ରେଢ଼ାଖୋଲ ପୁଲିସକୁ ଖବର ଦେଇଥିଲେ।ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।କୂଅ ନିକଟରୁ ଏକ ସୁସାଇଟ ନୋଟ ମଧ୍ୟ ପୁଲିସ ଜବତ କରିଛି। ତେବେ ସେ ଜଣେ ମାନସିକ ରୋଗୀ ରହିଥିବା ପରିବାର ଲୋକେ କହୁଥିବା ବେଳେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ପୁଲିସ ତଦନ୍ତ କରୁଛି।

## ନାରୀ ସଶକ୍ତିକରଣ ଏବଂ ମହିଳା ସୁରକ୍ଷା ଉପରେ କର୍ମଶାଳା

**ବରଗଡ଼, ୨୫।୯(ସମିସ):** ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଇଂରାଜୀ ବିଭାଗ ଓ ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ନାରୀ ସଶକ୍ତିକରଣ ଏବଂ ମହିଳା ସୁରକ୍ଷା ଉପରେ ଏକ ଦୁଇଦିନିଆ କର୍ମଶାଳାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମହାପାତ୍ର ମୁଖ୍ୟ ଅତିଥି, ରୋଟାରୀଏନ୍ ଗଙ୍ଗା ସାଗର ପତି, ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠର ଆଇନ ପରାମର୍ଶଦାତା ଆଡଭୋକେଟ୍ ବିମଳ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ.ନକୁଲ ସେଠ୍ ଅଧ୍ୟକ୍ଷତା କରିଥିଲେ। ଇଂରାଜୀ ବିଭାଗର ପ୍ରଫେସର ରାଜଶ୍ରୀ ଭଞ୍ଜ ଅତିଥି ପରିଚୟ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଉମେଶ ମହାପାତ୍ର, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୨୫।୯(ସମିସ):** ବରଗଡ଼ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୮ ତାରିଖ ହେବାକୁ ଥିବା ବିଶ୍ୱ ଜଳାନ୍ତକ ଦିବସ ଉପଲକ୍ଷେ ରାଣା ପ୍ରତାପ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ଉପ ନିର୍ଦ୍ଦେଶକ ତୁଷାରେନ୍ଦୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭିଏସଏଏସ ସନ୍ତୋଷ ସତପଥି ଯୋଗ ଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଓ ଆଲୁମିନି ସଦସ୍ୟ କପିଳ ବାଗ ଲୋକ ଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଛାତ୍ରୀ ସାଲିନୀ ସା ଜଳାନ୍ତକ ରୋଗ ଓ ତାହାର ପ୍ରତିକାର ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ଭଜମନ ମହାକୁଡ, ହୃଷିକେଶ ସାହୁ, ପିଣ୍ଟୁ ପ୍ରଧାନ, ମାନସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଧାରଣା ଜାରି

କୁଚିଣ୍ଡା, ୨୫।୯(ସମିସ)

ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ବଦଳରେ ସ୍ଥାୟୀ ପାରିଶ୍ରମିକ ଦାବିରେ ସୋମବାର ଦିନ ଠାରୁ ଆରମ୍ଭ ହୋଇଥିବା କୁଚିଣ୍ଡା ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତି ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ(ସିଏସଏସ)ଙ୍କ କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚତୁର୍ଥ ଦିନରେ ବି ଜାରି ରହିଛି। ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତି ଅଧୀନରେ କାର୍ଯ୍ୟରତ ଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ପୂର୍ବ ସରକାର ଅମଳରେ ନିଜର କାମ ପାଇଁ ସ୍ଥାୟୀ ପାରିଶ୍ରମିକ ପାଉଥିଲେ। ମାତ୍ର ରାଜ୍ୟରେ ନୂତନ ସରକାର ଆସିବା ପରେ ଏମାନଙ୍କୁ ସ୍ଥାୟୀ ପାରିଶ୍ରମିକ ବଦଳରେ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାକୁ ବିରୋଧ କରି ଏହି ସିଏସଏସମାନେ ବିଭିନ୍ନ ସମୟରେ ବ୍ଲକ ଠାରୁ ଆରମ୍ଭ କରି ରାଜ୍ୟସ୍ତରର ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କର ଦାବି ବାବଦରେ ଜଣାଇବା ସହ ଦୀର୍ଘ ଦିନ ହେବ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ସରକାର ତାଙ୍କର ଦାବିକୁ ଅଣଦେଖା କରୁଛନ୍ତି। ଏହା ସହିତ ରାଜସ୍ୱ ଗ୍ରାମକୁ ନେଇ ସିଏଲ୍ଏଫ ଗଠନ ନିଷ୍ପତ୍ତି ଯୋଗୁଁ ବାଦ ପଡୁଥିବା ସିଆରପିମାନଙ୍କୁ ଥଇଥାନ ଓ ସ୍ଥାୟୀ ନିଯୁକ୍ତି ଦାବି କରି ସେମାନେ ଆନ୍ଦୋଳନ କରି ଆସୁଛନ୍ତି ମାତ୍ର ସରକାର ଏ ଦିଗରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି। ଏଣୁ ୨୨ ତାରିଖ ଠାରୁ ପ୍ରତି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଗଣଧାରଣା ଦେବାକୁ ରାଜ୍ୟ ସଂଘରେ ନିଷ୍ପତି ଗ୍ରହଣ କରାଯାଇଥିଲା, ତଦ୍ ଅନୁସାରେ ସୋମବାର ଦିନ କୁଚିଣ୍ଡା ବ୍ଲକ ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର ଓ ବ୍ୟାଙ୍କ ମିତ୍ର ମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଗୁରୁବାର ଗଣଧାରଣା ଚତୁର୍ଥ ଦିନରେ ପହଞ୍ଚି ଥିବା ବେଳେ ଆଜି ବି



କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ସହିତ ଆଲୋଚନା ପାଇଁ ପହଞ୍ଚି ନ ଥିଲେ। ଗଣଧାରଣାର ନେତୃତ୍ୱ ବ୍ଲକ ସଂଘର ସଭାପତି ଲିନା ମାଝୀ, ସମ୍ପାଦକ ମିଳନ ମଞ୍ଜରୀ କର, ଉପସଭାପତି ବିମଳା ପଟେଲ, କୋଷାଧ୍ୟକ୍ଷ ମିନା ରାଉତ ଓ ସହ ସମ୍ପାଦକ ହୁମସୀନି ଠାକୁର ନେଇଥିଲେ।

**ଜମନକିରା:** ଜମନକିରା ବ୍ଲକର ୨୧ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଇନସେଟିଭ୍ ସହାୟତା ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ବ୍ଲକ ସମ୍ମୁଖରେ ଗଣଧାରଣା ଜାରି ରହିଛି। ବ୍ଲକସ୍ତରୀୟ ଜିପିଏଲ୍ଏଫ କର୍ମୀ ସଙ୍ଘ ସଭାନେତ୍ରୀ ହୀରାମଣୀ ଦେହୁରୀଙ୍କ ନେତୃତ୍ୱରେ ସମସ୍ତ ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀମିତ୍ର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଇନସେଟିଭ୍ ସହାୟତା ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଆଗକୁ ଭାଇ ଜୁଉତିଆ, ଦଶହରା, ବଏଲ ଯାତ୍ରା, ଦିପା ବଳୀ, କାଳି ପୂଜା ଏ ସବୁକୁ ଖାତିର ନ କରି ସରକାର ଦାବି ଶୁଣିବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ସଭାନେତ୍ରୀ ଶ୍ରୀମତୀ ଦେହୁରୀ କହିଛନ୍ତି। ଧାରଣା ଚତୁର୍ଥ ଦିନରେ ସମ୍ପାଦକ ମୀରା ପଟେଲ, ଅଞ୍ଜଳି ପଧାନ, ପ୍ରତିତା ପଧାନ, ସ୍ନେହଲତା ବେହେରା, ସୀତା ରାଣୀ ମହାକୁଲ୍, ଆଶାବତି ନାଏକ, ସସ୍ମିତା ସାହୁ, ସନ୍ତୋଶିନି ଜୟପୁରିଆ, ବାସନ୍ତୀ ବେହେରା, ରେଖାରାଣି ବେହେରା, ମିନା ଠାକୁର, ବାସନ୍ତୀ କୁମୁରା, ରଞ୍ଜିତା ନାଏକ, ଝିଲି ଜେନା, ରୁପେସ୍ୱରି ସୁନାନୀ, ସଞ୍ଜୁ ନେଗି, ପଙ୍କଜିନି ଠାକୁର, ମମତା ପ୍ରଧାନ, ଉର୍ଷିଳା କୁଜୁର୍, ସୁମନ ଆଇନ, ଜ୍ୟେଷ୍ଠା ନାଏକ, ପୁଷ୍ପାଞ୍ଜଳି ବେହେର, ସବିତା ନାଏକ, ଅନିତା ବାର୍ଲା, ମିନା ନାଏକ, ମନ୍ଦାକିନୀ ପଟେଲ, କଳ୍ପନା ସୁନାନୀ, ପଙ୍କଜିନି ନାଏକ, ସୁଭାଷିନୀ କାଲୋ, ସୁନିତା ସରେ ପ୍ରମୁଖ ଯୋଗ ଦେଇଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର

**ଗାଇସିଲେଟ, ୨୫।୯ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗାଇସିଲେଟ ମହାବିଦ୍ୟାଳୟ ଠାରେ ସେବା ପକ୍ଷ ପାଳନ ଅବସରରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଓ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ତାଳପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ସୁମିତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହା ସହିତ ଗାଇସିଲେଟ ବ୍ଲକ ବିଜେପି ପକ୍ଷରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପୂର୍ଣ୍ଣ ଚନ୍ଦ୍ର ମେହେର, ଭେଷଜ ବିଶେଷଜ୍ଞ ସନ୍ତୋଷ ଟେଟେ, ଶିଶୁରୋଗ ବିଶେଷଜ୍ଞ ନୀଳମଣି ପାତ୍ର ରହିଥିଲେ। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ସୁମିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳପାଲି ଓ ଗାଇସିଲେଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜୋନ ୨ର ଜିଲ୍ଲାପରିଷଦ ସଦ୍ୟସ୍ୟା ଝରଣା ପାଣିଗ୍ରାହୀ, ଜିଲ୍ଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ମଦନ ଦୀପ, ଆନନ୍ଦ ମଟାରି ଗୁଦେରପାଲି ମଣ୍ଡଳ ସଭାପତି ବିଶ୍ୱନାଥ ସାହୁ, ଗାଇସିଲେଟ ମଣ୍ଡଳ ସଭାପତି ସୁଧିର ମହାକୁର, କବିଚନ୍ଦ୍ର ସାହୁ ପ୍ରମୁଖ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ବ୍ୟବସ୍ଥାର ପରିଚାଳନା କରିଥିଲେ। ସମସ୍ତ ବିଭାଗରେ ୪୬୯ ଜଣ ପଞ୍ଜୀକରଣ ହୋଇ ଚିକିତ୍ସା ପ୍ରାପ୍ତ କରିଥିଲେ। ଏହା ସହିତ ସିକିଲ ସେଲ ସ୍କ୍ରିନିଂ, ଆୟୁଷ୍ମାନ ଭାରତ କାର୍ଡ ପଞ୍ଜୀକରଣ ଆଦି ମଧ୍ୟ କରାଯାଇଥିଲା। ମୋଟରେ ୨୦ଜଣ ରକ୍ତଦାନ କରିଥିଲେ।

ସେହିପରି ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ତଥା ରୋଗୀ କଲ୍ୟାଣ ସମିତିର ଭାଇସ ଚେୟାରପର୍ସନ ପ୍ରଣୟ ସାହୁ ତାଳପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ଔପଚାରିକ ଭାବେ ଉଦ୍‌ଘାଟନ କରିଥିଲେ। ଡ.ସୁମିତ ମିଶ୍ର, ରୋଗୀକଲ୍ୟାଣ ସମିତିର ସଦସ୍ୟ ନୀଳକଣ୍ଠ ସାହୁ ଓ ବିନାୟକ ପ୍ରସାଦ ଗୁରୁ ତାଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ.ବ୍ରହ୍ମାନନ୍ଦ ଷଡଙ୍ଗୀ, ଭେଷଜ ବିଶେଷଜ୍ଞ ଡ.ଅବଧୂତ ପଧାନ, ଶିଶୁରୋଗ ବିଶେଷଜ୍ଞ ଡ.ନିମାଇଁ ଚରଣ ସାହୁ ଓ ଚକ୍ଷୁ ବିଭାଗରେ ଡ.କିଶୋର ପଧାନ ଉପସ୍ଥିତ ଥିଲେ। ତାଳପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡ.ବଳରାମ ବେହେରା, ଡ.ବିଶ୍ୱନାଥ ମେହେର, ଡ.ଅଜିତ ବେହେରା, ଡ.ଭାଗ୍ୟଶ୍ରୀ ପଟେଲ, ବରିଷ୍ଠ ଫାର୍ମାସିଷ୍ଟ ଅଶୋକ ମହାନ୍ତି ରହିଥିଲେ। ଅନ୍ୟତମ ରୋଗୀ କଲ୍ୟାଣ ସମିତିର ସଦସ୍ୟ ଶାନ୍ତନୁ ପଧାନ ଉପସ୍ଥିତ ଥିଲେ। ମୋଟରେ ସମସ୍ତ ବିଭାଗକୁ ନେଇ ୭୫୫ ଜଣଙ୍କ ପଞ୍ଜୀକରଣ ହୋଇ ଚିକିତ୍ସା ଲାଭ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଘନଶ୍ୟାମ ସାହୁ, ପୂର୍ବତନ ବିଜେପି ସଭାପତି ବିପିନ ବିହାରି ସାହୁ, ବିଜେପି ମିଡିଆ ସେଲ ପ୍ରଭାରୀ ଝସକେତନ ସାହୁ, ମଣ୍ଡଳ ଉପସଭାପତି ଭଗବାନ ପୁଟେଲ, ଶଙ୍କର ମହାନ୍ତି, ଲୋକନାଥ ସାହୁ, ବିକାଶ ସାହୁ, ବାବୁଲାଲ ସା, କାର୍ତ୍ତିକ ବରିହା, ରାମ ପ୍ରସାଦ ସାହୁ, ପ୍ରସାନ୍ତ ସାହୁ, ସୁବ୍ରତ ସାହୁ ରାଧାକାନ୍ତ ଭୋଇ, ହେମନ୍ତ ବେହେରା ସୌରାଙ୍ଗ ଧରାଇ ଓ ସ୍ଥାନୀୟ ଯୁବକ ମାନେ ସହଯୋଗ କରିଥିଲେ।

## କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ସ୍ୱାସ୍ଥ୍ୟମେଳା



**କୁଚିଣ୍ଡା, ୨୫।୯(ସମିସ):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ.ସୁବୋଧ କୁମାର ନାୟକ ସ୍ୱାସ୍ଥ୍ୟ ମେଳା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।କାର୍ଯ୍ୟକ୍ରମକୁ ଜନଚେତନା ପାଇଁ ଡାକ୍ତରଖାନାକୁ ଆକର୍ଷଣୀୟ ଢଙ୍ଗରେ ସଜାଇ ମହିଳା ରୋଗୀଙ୍କୁ ସେଠାରେ ପଞ୍ଜୀକରଣ କରିବା ସହ ଯକ୍ଷ୍ମାରୋଗୀଙ୍କୁ ଏମ୍‌ସିଏଲ ର ସଭିଙ୍କୁ ରଖେ ଧ୍ୟାନ ଟିବି ମୁକ୍ତ ଭାରତ ଅଭିଯାନ ଲେଖା ହେଇଥିବା କିଟ୍ ବ୍ୟାଗ ପ୍ରଦାନ କରିଥିଲେ ସୁପରିଟେଣ୍ଡେଣ୍ଟ ଶ୍ରୀ ନାୟକ।ସୁପରିଟେଣ୍ଡେଣ୍ଟ ଡ.ସୁବୋଧ କୁମାର ନାୟକ ସମେତ ଟେକନିସିଆନ ଦୁଃଖବନ୍ଧୁ କିସାନ, ହସ୍ପିଟାଲ ମ୍ୟାନେଜର ଦୀପକ ନନ୍ଦ, କର୍ମଚାରୀ ଶାନ୍ତନୁ ଦେଓ, କିଶୋର ଦେଓ, ଶରତ ଚନ୍ଦ୍ର ସାହୁ, ସେବିକା ସୁନିତା ଦାସ ପ୍ରମୁଖଙ୍କ ସହ ସେବିକା, ସହାୟିକା, ଡାକ୍ତର, କର୍ମଚାରୀ ଉପସ୍ଥିତ ଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୫।୯ (ସମିସ) :** ଜାତୀୟ ସେବା ସଂସ୍ଥାର ପ୍ରତିଷ୍ଠା ଦିବସ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଡଃ ସନ୍ଧ୍ୟାମୟୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ପ୍ରୟାସ ଦଣ୍ଡସେନା ଯୋଗଦେଇଥିଲେ। ସଭାପତି ପ୍ରଫେସର ଭୋଇ ଏନଏସଏସ ଦିବସ ପାଳନର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଦଣ୍ଡସେନା ଜାତୀୟ ସେବା ସଂସ୍ଥାର କାର୍ଯ୍ୟାବଳୀ କେବଳ ସେବା, ସଫେଇ ଏବଂ ରକ୍ତଦାନ ମଧ୍ୟରେ ସୀମିତ ନୁହେଁ ବରଂ ଏହାର ପ୍ରଭାବ ପରିସର ସୁଦୂର ପ୍ରସାରୀ ବୋଲି ଉଲ୍ଲେଖ କରିଥିଲେ। ପ୍ରଫେସର ସନ୍ଧ୍ୟାମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ଶ୍ୱେତଲାନା ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ମିହିର ଥାଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାପରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଅନିୟମିତତା ଅଭିଯୋଗ

କୁଚିଣ୍ଡା, ୨୫।୯(ସମିସ): କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଗ୍ରାମରେ ଜଙ୍ଗଲଜମି ପଟ୍ଟା ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ଗ୍ରାମରେ ବିଭିନ୍ନ ସଂସ୍ଥା ପାଇଁ ସଂରକ୍ଷଣ କରାଯାଇଥିବା ଜମି ଗୁଡିକ ଚିହ୍ନଟ କରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବା ପାଇଁ ଦାବି କରିଛନ୍ତି।ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ପୂର୍ବରୁ ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମି ଓ ମୃର୍ତ୍ତିକା ସଂରକ୍ଷଣ ବିଭାଗ ଅଧିନରେ ଥିବା ଜମି ଗୁଡ଼ିକୁ ବେଆଇନ ଭାବେ ସେ ଜାଗାରେ ଦଖଲରେ ନ ଥିବା କିମ୍ବା ଚାଷ କରୁନଥିବା ବ୍ୟକ୍ତିଙ୍କୁ ପଟ୍ଟା କରି ମନଇଚ୍ଛା ଭାବେ ପ୍ରଶାସନ ପକ୍ଷରୁ ଦିଆଯାଇଛି।ପ୍ରକୃତରେ ଯେଉଁ ଗରିବ ଆଦିବାସୀ ବ୍ୟକ୍ତିଙ୍କ ଜମିବାଡି ଆଦୌ ନାହିଁ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇନାହିଁ। ଗ୍ରାମର କିଛି ବ୍ୟକ୍ତି ବଜରଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମୃତ୍ତିକା ସଂରକ୍ଷଣ ବିଭାଗ ଅଧିନରେ ଥିବା ଜମିରେ ଆଇଟିଡିଏ ସଂସ୍ଥା ତରଫରୁ ଆମ୍ବ ଗଛ ଲଗାଇ ବଗିଚା କରିଥିଲେ। ହେଲେ ପରେ ସେହି ଗ୍ରୁପର କିଛି ମୁଷ୍ଟିମେୟ ଲୋକ ଚଞ୍ଚକତା କରି ସେହି ଜମିରେ ଦଖଲରେ ଥିବା ରିପୋର୍ଟ ପ୍ରସ୍ତୁତ କରି ସେହି ଜମିକୁ ଜଙ୍ଗଲ ଜମି ଅଧିକାର ଆଇନରେ ନିଜ ନାମରେ ପଟ୍ଟା କରାଇ ନେଇ ଯାଇଛନ୍ତି। ଏହାକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଜାଣତରେ ଅନ୍ୟାୟ ଭାବେ କିଛି ବ୍ୟକ୍ତିଙ୍କ ନାମରେ ବହୁ ମୂଲ୍ୟବାନ ଜମିର ପଟ୍ଟା ପ୍ରଦାନ କରାଯାଇଛି। ଗ୍ରାମବାସୀ ଏହାର ବିରୋଧ କରି ଗ୍ରାମରେ ସରକାରଙ୍କ ପକ୍ଷରୁ ଶ୍ମଶାନଘାଟ, ସ୍କୁଲର ଖେଳ ପଡ଼ିଆ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଅନ୍ୟାନ୍ୟ ସଂସ୍ଥା ପାଇଁ ସଂରକ୍ଷିତ ରଖା ଯାଇଥିବା ଜମି ଗୁଡ଼ିକୁ ଚିହ୍ନଟ କରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିବା ପାଇଁ ଗ୍ରାମବାସୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅନଲାଇନ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉଦ୍‌ଘାଟନୀ ଅପେକ୍ଷାରେ ଭୁକ୍ତା ନୂତନ ସିଏଚ୍‌ସି କୋଠା

**ଅମ୍ବାଭୋନା, ୨୫।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ନିର୍ମାଣ ହୋଇଥିବା ନୂତନ କୋଠାଘରର ନିର୍ମାଣକୁ ଦେଢ଼ ବର୍ଷ ହେଲେ ମଧ୍ୟ ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ସ୍ୱାସ୍ଥ୍ୟ ବିଭାଗ ଓଡ଼ିଶା ସରକାରଙ୍କ ସହ ବନ୍ଦିତାରେ ୧୦ କୋଟି ୭୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରି ପ୍ରସ୍ତୁତ ହୋଇଥିବା ଏହି ନୂତନ ଭବନଟି ସୁବିଧା ସମ୍ପନ୍ନ ଓ ଆଧୁନିକ ରୂପରେ ନିର୍ମିତ ହୋଇଛି। କିନ୍ତୁ ଉଦ୍‌ଘାଟନରେ ବିଳମ୍ବ ହେଉଥିବାରୁ ରୋଗୀମାନେ ଏହାର ଲାଭ ନେଇପାରୁ ନାହାନ୍ତି। ସ୍ଥାନୀୟଲୋକଙ୍କ ଅସନ୍ତୋଷ ତଥା ଅଞ୍ଚଳବାସୀଙ୍କ କହିବା ଅନୁସାରେ, ପ୍ରତିଦିନ ଦୂରଦୂରାନ୍ତରୁ ବହୁ ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ଏଠାକୁ ଆସୁଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ଉପରେ ମୁଖ୍ୟତଃ ପ୍ରାୟ ୧୦୪ ଖଣ୍ଡ ଗାଁର ଲୋକେ ନିର୍ଭର କରିବା ସହିତ ଓଡ଼ିଶାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ୍ୟ ରୋଗୀ ଆସିଥାନ୍ତି। ପୁରୁଣା କୋଠାରେ ସ୍ଥାନ ଅଭାବ ସମସ୍ୟା ରହିଛି। ତେଣୁ ନୂଆ ଭବନ ଖୋଲା ହେଲେ ରୋଗୀମାନେ ସୁବିଧାରେ ଚିକିତ୍ସା ସେବା ଲାଭ କରିବେ। କିନ୍ତୁ ପ୍ରଶାସନୀୟ ଅବହେଳା ଯୋଗୁଁ ଲୋକଙ୍କ ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଉଦ୍‌ଘାଟନ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳି ପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଏହି ଭବନଟି ଉଦ୍‌ଘାଟନ ହେଲେ ଅଧିକ ଡାକ୍ତର, ନର୍ସ ସ୍ୱାସ୍ଥ୍ୟ କର୍ମି ରହିବା ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ଅଧିକ ସୁବିଧା ଜନକ ହେବ। ତେବେ ଏଥିପ୍ରତି ସରକାରଙ୍କ ଦୃଷ୍ଟି କେବେ ପଡ଼ିବ ବୋଲି ଚର୍ଚ୍ଚା ଜୋର ଧରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**
**(15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନର୍ବାର ଖୋଲୁଛି)**

ନିମ୍ନଲିଖିତ ପଦବୀ ପାଇଁ ବିଜ୍ଞାପନ ନମ୍ବର CRPD/SCO/2025-26/05 ମାଧ୍ୟମରେ ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ କ୍ୟାଡ଼ର ଅଧିକାରୀ ନିଯୁକ୍ତି ପାଇଁ ବିଜ୍ଞାପନ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଖୋଲା ଥିଲା।

ନିମ୍ନଲିଖିତ ପଦବୀ ପାଇଁ 15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05 (ସଂଶୋଧିତ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |

**ଯେଉଁ ପ୍ରାର୍ଥୀମାନେ ଉପରୋକ୍ତ ଯେକୌଣସି ପଦବୀ ପାଇଁ ଏହି ନିଯୁକ୍ତି ନିମନ୍ତେ ପୂର୍ବରୁ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ଆବେଦନ କରିଛନ୍ତି ସେମାନଙ୍କୁ ଆବେଦନ କରିବାକୁ ପଡିବ ନାହିଁ । କେବଳ ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆବେଦନ କରି ନାହାଁନ୍ତି ସେମାନେ ବିଜ୍ଞାପନ ନଂ. CRPD/SCO/2025-26/05 (ସଂଶୋଧିତ) ରେ ବିସ୍ତୃତ ଭାବରେ ଉଲ୍ଲିଖିତ ପଦବୀ ପାଇଁ ସଂଶୋଧିତ ଯୋଗ୍ୟତା ମାନଦଣ୍ଡ ସହିତ ଆବେଦନ କରିପାରିବେ ।**

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 15.09.2025 ରୁ 29.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 15.09.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ବିଭିନ୍ନ କଲେଜରେ ଏନ୍‌ଏସ୍‌ଏସ୍ ଦିବସ

### ଅଞ୍ଚଳ କଲେଜ ପଦ୍ମପୁର

ପଦ୍ମପୁର, ୨୫।୯(ସମିସ)

ଅଞ୍ଚଳ କଲେଜ ପଦ୍ମପୁରର ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଏନ୍‌ଏସଏସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୟ ଟିପ୍ପାଙ୍କ ଅତିଥି ପରିଚୟ ଭାଷଣ ସହିତ ସଭା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବରିହା ଏନ୍‌ଏସଏସରେ ଜଡିତ ବିଭିନ୍ନ ପ୍ରକାରର ସେବା ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଏବଂ ଅନୌପଚାରିକ ଉଭୟ କ୍ଷେତ୍ରରେ ଶିକ୍ଷାକୁ ସମାନ ଗୁରୁତ୍ୱ ଦେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ବୁନି ସାହୁ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ପାଣିଗ୍ରାହୀ, ଡ.ତୁଷାରକାନ୍ତ ସାହୁ, ବାଲଗୋପାଳ ମେହେର, ପ୍ରଶାନ୍ତ ସିଦାର, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା, ଡ.ମମତାମୟୀ ଗୁରୁ ଏବଂ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରେ ଏନ୍‌ଏସଏସ ସ୍ୱେଚ୍ଛାସେବୀ ଏବଂ ଛାତ୍ରମାନଙ୍କ ଦ୍ୱାରା ଏକ କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ବରପାଲି ମହାବିଦ୍ୟାଳୟ

**ବରପାଲି:** ବରପାଲି ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏନଏସଏସ ପ୍ରୋଗ୍ରାମ ଅଫିସର ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମାର, ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅଲେଖ ମହାନନ୍ଦ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରାଶାସନିକ ପ୍ରଭାରୀ ଅଧ୍ୟାପକ ସୁଶୀଲ ଶତପଥୀ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଧିରୋଜ ତ୍ରିପାଠୀ, ପୁରନ୍ଦର ନନ୍ଦ, ପୂର୍ବତନ ଅଧ୍ୟକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ, ଅଧ୍ୟାପିକା ସୀମାଞ୍ଜଳି ଦାସ, ଅଧ୍ୟାପିକା ସୀମା ଭୋଇ, ଅଧ୍ୟାପକ ଅରୁଣ ବାରିକ, ସଂଗ୍ରାମ ରଥ ଓ ସୁମନ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଏନଏସଏସ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା। ତାପରେ ଛାତ୍ରୀ ମଲ୍ଲିକା ସାହୁ, ଲିପିକା ବେହେରା ଓ ଟିକେଶ୍ୱରି ମହାନନ୍ଦଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସ୍ୱେଚ୍ଛାସେବୀ ବର୍ଷା ସାଗର, ନମିତା ବାଗ, ବେବି ମହାନନ୍ଦ, ଟିକେଶ୍ୱରି ମହାନନ୍ଦ, ଆକାଶ ବାରିକ, ରିତେଶ ପଧାନ, କୃଷ୍ଣା ପଧାନ, ଅଂଶୁମାନ ଦର୍ଜି, ସତ୍ୟ ନାରାୟଣ ପଧାନ, ଆଶିଷ ବାରିକ, ତାରାକାନ୍ତ ପାତ୍ର, ରାଜା ବାରିକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଜେଡି ସ୍ନାତକ ମହିଳା ମହାବିଦ୍ୟାଳୟ

**ବରପାଲି:** ବରପାଲି ବ୍ଲକ କଦଳୀପାଲି ଜଗବନ୍ଧୁ ଦାଶ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ଏନଏସଏସ ସଂଯୋଜିକା ଅଧ୍ୟାପିକା ପିଙ୍କି ବାରିକ ସ୍ୱାଗତ ଜଣାଇବା ସହ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଜ୍ୟୋତି ସାହୁ, ମନିଷା ଭୋଇ, ପୁନମ ସାହୁ, ପରିନିତା ପଧାନ, ଶୋଭାବତୀ ଥପା, ଯାଜ୍ଞସେନି ପଟେଲ, ସସ୍ମିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବୀରେନ୍ଦ୍ର ଖଟୁଆ, ନୃପରାଜ୍ ବରିହା, ତ୍ରିପୁରା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଅଧ୍ୟାପକ ନେପାଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୫୬ ତମ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ.ଅମିତ ଦାଶ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଡ. ଅମିତ ଦାଶ ପିଲାମାନଙ୍କୁ 'ନିଶା ନିବାରଣ' ଶୀର୍ଷକ ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଶ୍ୱନାଥ ସାହୁ, ଅଧ୍ୟାପିକା ଡ.ବୀଣାପାଣି ତାଣ୍ଡି, ନମିତା ସାହୁ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ପ୍ରତୀକ୍ଷା ତନସନା ଧନ୍ୟବାଦ ଅର୍ପଣ କରିଥିଲେ

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।
-ନେଲ୍‌ସନ୍ ମାଣ୍ଡେଲା

## ଅଶାନ୍ତ ଲଦାଖ

ହିମାଳୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ ରୁ ଦାବି କରି ଆସୁଥିବା ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶ ବିଜ୍ଞାନୀ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକଙ୍କ ସଦ୍ୟତମ ଆମରଣ ଅନଶନ ଆନ୍ଦୋଳନ ହିଂସାର ରୂପ ନେଇଛି। ନେପାଳରେ କ୍ଷମତା ବିରୋଧୀ ଛାତ୍ର ଆନ୍ଦୋଳନ ଅନୁରୂପ ଲଦାଖରେ 'ଜେନ୍‌ଜେଡ୍' ଦ୍ୱାରା ସୃଷ୍ଟ ବ୍ୟାପକ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନରେ ଚାରିଜଣଙ୍କ ଜୀବନ ଯାଇଥିବା ବେଳେ ୭୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଭଳି ହିଂସାତ୍ମକ ପଦକ୍ଷେପକୁ ନିନ୍ଦା କରି ୱାଙ୍ଗଚୁକ୍ ଅନଶନ ଭଙ୍ଗ କରିବା ସହିତ ଶାନ୍ତି ରକ୍ଷା ପାଇଁ ଲଦାଖବାସୀଙ୍କୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ୱାଙ୍ଗଚୁକ୍ ଅନଶନ ପ୍ରତ୍ୟାହାର କରିଥିବାରୁ ଆନ୍ଦୋଳନ କିଛିଦିନ ପାଇଁ ଶିଥିଳ ପଡ଼ିଯାଇପାରେ; କିନ୍ତୁ କ୍ରମାଗତ କେନ୍ଦ୍ରୀୟ ଅବହେଳା ଜନିତ ଅସନ୍ତୋଷ ହୁଏତ ଭବିଷ୍ୟତରେ ପୁଣି ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହୋଇଛି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଥିବା ବେଳେ ଏହିଭଳି କ୍ଷମତା ୱାଙ୍ଗଚୁକ୍ ଲଦାଖ୍ ପାଇଁ ଦାବି କରୁଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ବାରମ୍ବାର ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ନ ଦେବାରୁ ଗତବର୍ଷ ସେ ଦୁଇଦୁଇ ଥର ଅନଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତିଥର ଅନଶନରୁ ଓହରି ଆସୁଥିଲେ ହେଁ ସରକାରଙ୍କ ଟାଳଟୁଳ ନୀତି ଲଦାଖବାସୀଙ୍କୁ ଅସନ୍ତୁଷ୍ଟ କରିଛି। ବିଡ଼ମ୍ବନା ହେଉଛି ଲଦାଖକୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘସୂତ୍ରୀ ପନ୍ଥା ଆପଣେଇଛି।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତରେ ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ପରିସ୍ଥିତି କ୍ରମେ ଅଧିକ ଜଟିଳ ହେଉଛି। ଏ ଦିଗରେ ଅଧିକ କାଳକ୍ଷେପଣ ନୀତିର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ତେଣୁ ବେଳ ହୁଁ ସରକାର ପଦକ୍ଷେପ ନେବା ଦରକାର।

## ଅଙ୍କୁଶ ଜରୁରୀ

ବିଶ୍ୱର ଯେକୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ ସାମାଜିକ ଗଣମାଧ୍ୟମ ଏକ୍ସ(ଟୁଇଟର) ଏ ପର୍ଯ୍ୟନ୍ତ ଏହି ନୈତିକବୋଧକୁ ଗ୍ରହଣ କରିପାରିନାହିଁ। ଏକ୍ସର ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ଏକ୍ସ(ପୂର୍ବର ଟୁଇଟର) ଚେତୁ ନାହିଁ; ବରଂ ଭାରତୀୟ ଆଇନ କାନୁନ୍‌କୁ ଆହ୍ୱାନ ଦେବା ଭଳି ଆଭିମୁଖ୍ୟ ପୋଷଣ କରୁଛି।

ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମ ଯୁଗରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍, ଏକ୍ସ ଆଦି ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥାଗମ ଓ ପ୍ରତିପତ୍ତି ମଧ୍ୟ କମ୍ ନୁହେଁ। ଅର୍ଥ ଓ ପ୍ରତିପତ୍ତି ବଳରେ ସେମାନେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓର ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛନ୍ତି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣକୁ ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତ ମାଟିରେ ସକ୍ରିୟ ରହିବାକୁ ହେଲେ ସଂସ୍ଥାଙ୍କୁ ଉପରୋକ୍ତ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କେବଳ ଏକ୍ସକୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି। ଆମେରିକାରେ ସାମାଜିକ ଗଣମାଧ୍ୟମ କଟକଣାକୁ ଏକ୍ସ ମାନିଥିବା ବେଳେ ବାକ୍ ସ୍ୱାଧୀନତା ଆଳ ଦେଖାଇ ଭାରତୀୟ ଆଇନକୁ ଆହ୍ୱାନ ଦେଇଆସୁଛି ଏବଂ ବିଭିନ୍ନ ସମୟରେ ଆଇନ ଅଦାଲତର ଦ୍ୱାରସ୍ଥ ହେଉଛି। ସଦ୍ୟତମ ଘଟଣାରେ ଆଇଟି ଆଇନ୍ ଧାରା ୭୯ ଆଧାରରେ ଭାରତର ପ୍ରଶାସନିକ ଅଧିକାରୀ କୌଣସି ବିଷୟବସ୍ତୁକୁ ହଟାଇ ପାରିବେ ନାହିଁ ବୋଲି ଏକ୍ସ ଯୁକ୍ତି ଦର୍ଶାଇଛି ଏବଂ ସମ୍ବିଧାନର ବାକ୍ ସ୍ୱାଧୀନତା ଧାରାକୁ କାଠଗଡ଼ା ଭିତରକୁ ଟାଣିଛି।

ଏକ୍ସ ଦ୍ୱାରା ଆଗତ ଅଭିଯୋଗ ଆଧାରିତ ଆବେଦନର ବିଚାର ଅବସରରେ ଅଦାଲତ ଏକ୍ସକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତରେ ବ୍ୟବସାୟ କରିବାକୁ ହେଲେ ଦେଶର ଆଇନ କାନୁନ୍ ମାନିବାକୁ ଏବଂ ସରକାରଙ୍କ 'ସହଯୋଗ' ପୋର୍ଟାଲ୍‌ରେ ପଞ୍ଜିକୃତ ହେବାକୁ ବାଧ୍ୟ। କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। ଏକ୍ସ ଏହା ଯଥାଶୀଘ୍ର ମାନି ନେଉ।

# ନିରୀହ କରମର୍ଦ୍ଦନର ଅସ୍ପଷ୍ଟ ଆର୍ତ୍ତନାଦ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଆମ ନବପ୍ରଜନ୍ମର ଧୁରନ୍ଧର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନକୁ ଏକ ଲଜ୍ଜାକର ପରାଜୟର ତିକ୍ତସ୍ୱାଦ ଦେବା ଯେତିକି ଆମ ଦେଶର କ୍ରିକେଟ-ଅନ୍ଧଭକ୍ତମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା, ତା'ଠାରୁ କାହିଁ କେତେଗୁଣ ଅଧିକ ତିକ୍ତତା, ଉଦ୍ଦାମତାର ସହ ସେମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା 'କରମର୍ଦ୍ଦନ-ବର୍ଜନ'ର ସେହି ସଂକ୍ଷିପ୍ତ ଅଥଚ ଅତି ରୋମାଞ୍ଚକ ନାଟ୍ୟାଭିନୟ ଗୋଟିକ। ଏ ନାଟକର ସୂତ୍ରଧର ଯିଏ ବା ଯେଉଁମାନେ, ସେମାନେ ଥିଲେ ନେପଥ୍ୟରେ, କିନ୍ତୁ ନାୟକ ଭୂମିକା ବେଶ୍ ପାରଙ୍ଗମତାର ସହ ତୁଲାଇଥିଲେ ଅଧିନାୟକ ସୂର୍ଯ୍ୟ। 'ଭାରତମାତା'ଙ୍କ ସ୍ତୁତି, ସ୍ତବ ଓ ବନ୍ଦାପନାକୁ ସର୍ବମହତ୍ତ୍ୱ ଦେଉଥିବା ଆବେଶାକ୍ରାନ୍ତ ସହସ୍ରାଧିକ ଦର୍ଶକମାନଙ୍କ ଆଗରେ ଆମ ଅଧିନାୟକ ଓ ଖେଳାଳିମାନେ ସେମାନଙ୍କ ଉର୍ଜ୍ଜସ୍ୱଳ ଦେଶପ୍ରେମର ନିଆରା ପ୍ରମାଣ ଦେଲେ ଏବଂ ଆମ ପରି ନଛୋଡ଼ବନ୍ଧା ଦେଶପ୍ରେମୀମାନଙ୍କ ଅକୁଳାନ ଚିତ୍ତରଂଜନ ମଧ୍ୟ କଲେ ଦୁବାଇର ଚକାଚକ୍ କ୍ରୀଡ଼ା ପ୍ରାଙ୍ଗଣରେ। ଭଦ୍ର, ସୁଶୀଳ ଓ କୋମଳ ଆବେଗାସିକ୍ତ 'କରମର୍ଦ୍ଦନ' ରୂପକ ଭାବପ୍ରକାଶନୀ ଅଙ୍ଗବିନ୍ୟାସର ଏତାଦୃଶ ଦୟନୀୟ ପରାଭବର ବିଜୟୋତ୍ସବ ପାଳନ କଲେ ଆମେ।

ମାତ୍ର ଚାରିଦିନର ସ୍ୱଳ୍ପ ଅବଧିରେ ଅକାଳ-ସମାପ୍ତି ଭୋଗ କରିଥିବା 'ଅପରେସନ୍ ସିନ୍ଦୂର'ରେ ଚିରଶତ୍ରୁ ପାକିସ୍ତାନର ଦୟନୀୟ ପରାଭବକୁ ଠିକଣା ରଙ୍ଗଢଙ୍ଗରେ ପାଳନ କରି ପାରିନଥିବା ଦେଶପ୍ରେମୀମାନେ ଅତିଶୟ ତୃପ୍ତ ହେଲେ ଅବଶ୍ୟ। କିନ୍ତୁ ଆମ ଦେଶ ଓ ବାହାର ଦେଶମାନଙ୍କରେ ସଦାଜାଗତି ଆର ସହସ୍ରାଧିକ କ୍ରିକେଟ୍-ପ୍ରେମୀ ବିଶେଷଜ୍ଞମାନେ ମାନବୀୟ ଭାବୋଚ୍ଛ୍ୱାସର ଅତି ସଂକ୍ଷିପ୍ତ ଇସ୍ତାହାର ଏହି ନମ୍ର 'କରମର୍ଦ୍ଦନ' ପ୍ରତି ଏହା ଏକ ନିଷ୍ଠୁର ଅବିଚାର ବୋଲି କହି ଏକପ୍ରକାର ଅଛିଣ୍ଡା ବିବାଦଟିଏ ସୂତ୍ରପାତ କରିଦେଲେ। ତେଣୁ ଏ ଲେଖକ ପରି ବହୁ ନିରୋଳା ଦେଶପ୍ରେମୀ ଏବେ ଭାବିବାକୁ ବାଧ୍ୟ ହେଉଛନ୍ତି ଯେ ଆମ ରାଜନୀତି, ଆମ ଦେଶପ୍ରେମ, ଆମ କ୍ରିକେଟ୍-ପ୍ରେମ ଆଦିର ରଢ଼ ଗଦ୍ୟାତ୍ମକ ଆବାହାୱାର ସଂସ୍ପର୍ଶରେ 'କରମର୍ଦ୍ଦନ' ପରି ମୃଦୁଭାବରସାଣିତ କବିତାଟି ଯଦି ଜମା ଆସି ନଥା'ନ୍ତା, ତେବେ ବୋଧହୁଏ ସହସ୍ରଗୁଣ ପ୍ରୀତିପଦ ହୋଇଥା'ନ୍ତା ସେ ଦିନର କ୍ରିକେଟ୍ ରଣାଙ୍ଗନରେ ପାକିସ୍ତାନ ବିପକ୍ଷରେ ଆମର ଏ ବିଜୟ। ଅସିମ ମୁନୀରଙ୍କ 'ଡଂପ୍ ଟ୍ରକ୍- ପାକିସ୍ତାନ' ପାଇଁ 'ମରସିଡିଜ୍-ଭାରତ'ର ଏହି ପ୍ରଚଣ୍ଡ କ୍ରିକେଟାଘାତଟି ବି ହୋଇଥା'ନ୍ତା ସହସ୍ରଗୁଣ ବେଦନାଦାୟକ। ତେବେ, 'କରମର୍ଦ୍ଦନ-ବର୍ଜନ' ନାଟକ ସମ୍ପର୍କରେ ପକ୍ଷବାଦୀ ଓ ବିପକ୍ଷବାଦୀମାନେ ଯାହା ମତମନ୍ତବ୍ୟ ଦିଅନ୍ତୁ ନା କାହିଁକି, ଗୋଟିଏ କଥା କିନ୍ତୁ ଅବିସମ୍ବାଦିତ ସତ୍ୟ ଯେ 'କରମର୍ଦ୍ଦନ' ଏକ ଅର୍ଥହୀନ ଆଚରଣ ନୁହେଁ, ବରଂ ଏକ ନିର୍ଦ୍ଦୋଷ ଉପଚାର, ଯାହାର ଐତିହାସିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ମୂଲ୍ୟ, ଆବେଦନ ଓ ଉପାଦେୟତା ସବୁକାଳେ ବହୁସ୍ୱୀକୃତ।

ଉଲ୍ଲେଖନୀୟ ଯେ 'କରମର୍ଦ୍ଦନ' ରୂପକ ସହଜ ଅଙ୍ଗବିନ୍ୟାସଟି ପ୍ରଥମେ ବ୍ୟବହୃତ ହୋଇଥିଲା ଏକ ସଂକେତ ଭାବରେ। ଶତ୍ରୁଭାବାପନ୍ନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯେତେବେଳେ ପରସ୍ପର ମଧ୍ୟରେ ସଖ୍ୟଭାବ ସ୍ଥାପନ କରିବା ପାଇଁ ଆଗେଇ ଆସୁଥିଲେ, ସେତେବେଳେ ଜଣେ ଅନ୍ୟ ଜଣଙ୍କ ସହ କରମର୍ଦ୍ଦନ କରି ସ୍ପଷ୍ଟ ସଂକେତ ଦେଉଥିଲେ ଯେ ଉଭୟଙ୍କ କରପଲ୍ଲବ ଦୁଇଟି ଅସ୍ତ୍ରଶୂନ୍ୟ। ପରବର୍ତ୍ତୀ କାଳରେ କରମର୍ଦ୍ଦନ ଏକ ବ୍ୟାପକ ଅର୍ଥବହ, ବ୍ୟାପକ ଭାବସଂଚାରି ସଂକେତ ଭାବରେ ଆଦୃତ ହେବା ଆରମ୍ଭ କଲା। ଏହା ହେଲା ବିଶ୍ୱାସ, ବିଶ୍ୱସ୍ତତା, କପଟଶୂନ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟ, ବୁଝାମଣା ତଥା ସହମତି ଓ ଅନ୍ତରଙ୍ଗତାର ଏକ ମାର୍ମିକ ପ୍ରତୀକ। କୂଟନୈତିକ ଦପ୍ତରମାନଙ୍କର ଆଶାଆଶଙ୍କା ପିଚ୍ଛିଳ ପରିବେଶ ହେଉ କି କର୍ପୋରେଟ୍ ଦପ୍ତରମାନଙ୍କର ଭାବଗମ୍ଭୀର ପରିବେଶ ହେଉ, ଏପରିକି ରଣକ୍ଷେତ୍ରରେ ସାମୟିକ ଅସ୍ତ୍ରବିରତିର ଉଲ୍ଲାସକ ପରିବେଶ ହେଉ, ସବୁଠି ଅନୁସୃତ ହୋଇଥାଏ ଏହି କରମର୍ଦ୍ଦନ ପରମ୍ପରା। ପ୍ରତ୍ୟେକ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ଓ ସମାପନ ତ ନିଶ୍ଚିତ ଭାବେ ହୋଇଥାଏ 'କରମର୍ଦ୍ଦନ' ପର୍ବରେ। ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମମାନ ଆମେ ଦେଖିଛେ, ସେ ସବୁ ନିରୋଳା ଉପକ୍ରମ ମାତ୍ର।

ଏହା ମଧ୍ୟ ସତ୍ୟ ଯେ କରମର୍ଦ୍ଦନ-ରୂପକ ଅଙ୍ଗବିନ୍ୟାସଟିର ପବିତ୍ରତା ସବୁବେଳେ ଅତୁଟ ରହିନଥାଏ କି ନିର୍ଭେଜାଲ ହାର୍ଦ୍ଦିକତାର ସଂକେତ ବହନ କରିନଥାଏ। ଦୁର୍ଭାଗ୍ୟଜନକ ହେଉଛି ଯେ ଅନ୍ୟଥା ନିର୍ଦ୍ଦୋଷ, ନିରୀହ ଏହି କରମର୍ଦ୍ଦନ ଅନେକ ସମୟରେ ଶଠତା ଓ କପଟାଚାର ଉପରେ ଆବରଣଟିଏ ଢାଙ୍କିଦେବା ପାଇଁ ନ୍ୟସ୍ତସ୍ୱାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। କରମର୍ଦ୍ଦନ ବା 'ହ୍ୟାଣ୍ଡସେକ୍' ତେଣୁ 'ହାର୍ଟସେକ୍'ର ଦୁର୍ନାମ ମୁଣ୍ଡାଇଥାଏ।

୧୯୩୮ ମସିହାରେ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍ 'ହଲୋକଷ୍ଟ' ପରି ଇହୁଦୀ ନରସଂହାରର ବର୍ବର ରଚୟିତା ହିଟ୍‌ଲରଙ୍କ କରମର୍ଦ୍ଦନ କରି ଫେରି ଆସିଲେ ଲଣ୍ଡନ ଓ ଘୋଷଣା କରିଦେଲେ- 'ଏଣିକି ଶାନ୍ତିର ଉଷାଲୋକରେ ଆମର ବିଶ୍ୱ ପ୍ଲାବିତ ହେବ'। କିନ୍ତୁ ଚେମ୍ବରଲେନ୍‌ଙ୍କ ସେ ସତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କରମର୍ଦ୍ଦନ ଇତିହାସର କଳାପୃଷ୍ଠାରେ ସ୍ଥାନ ନେଇଗଲା ହିଟଲର୍ ପରି ଜଣେ ନରାଧମର ତୁଷ୍ଟିକରଣର ଲଜ୍ଜାକର ନମୁନା ଭାବରେ। ମାତ୍ର ୧୯୯୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସସ୍ନେହ ଅନୁରୋଧ ରକ୍ଷା କରି 'ହ୍ୱାଇଟ୍ ହାଉସ୍'ର ସୁରମ୍ୟ ପ୍ରାଙ୍ଗଣରେ ପରସ୍ପରର କରମର୍ଦ୍ଦନ କରିଥିଲେ ପାଲେଷ୍ଟାଇନ୍‌ର ବିପ୍ଲବୀ ନେତା ୟାସେର୍ ଆରାଫତ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇଟ୍‌ଝାକ୍ ରାବିନ୍। ଅଳ୍ପ କେଇଟି ବର୍ଷ ବା ମାସ ହେଉ ପଛେ, ଚିରବିକ୍ଷୁବ୍ଧ ମଧ୍ୟପ୍ରାଚ୍ୟରେ ବିରାଜମାନ କରିଥିଲା ଶାନ୍ତିର ବାତାବରଣ। ୧୯୪୭ ମସିହାରେ ପରସ୍ପରର କରମର୍ଦ୍ଦନ କରିଥିଲେ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟ ବ୍ୟାଟେନ। ସେ କରମର୍ଦ୍ଦନ ଥିଲା ସ୍ୱାଧୀନତା ସୂର୍ଯ୍ୟାଲୋକର ପ୍ରତୀକ ଏବଂ ଔପନିବେଶିକ ଶାସନରେ କ୍ଷତାକ୍ତ କୋଟି କୋଟି ଭାରତୀୟଙ୍କ ଉଦାରତା, କ୍ଷମାଶୀଳତା ଏବଂ ଅହିଂସ, ବିଦ୍ୱେଷହୀନ ଭ୍ରାତୃତ୍ୱବୋଧର ପ୍ରତୀକ ମଧ୍ୟ। ଅନ୍ୟ ଦୁଇଟି ପ୍ରଖ୍ୟାତ ଅଥଚ ବିଡ଼ମ୍ବିତ କରମର୍ଦ୍ଦନର ଅବସର ଆସିଥିଲା ଦୀର୍ଘ ୫୨ ବର୍ଷ ପରେ। ୧୯୯୯ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'ଲାହୋର-ବସ୍' ଯାତ୍ରାରେ ଲାହୋରରେ ପହଞ୍ଚି ପାକିସ୍ତାନର ସାମରିକ ଶାସକ ପରଭେଜ୍ ମୁସାରଫଙ୍କ ସହ ସହର୍ଷ କରମର୍ଦ୍ଦନ କରିଥିଲେ ଏବଂ ତା'ର ଦୁଇବର୍ଷ ପରେ 'ଆଗ୍ରା ଶିଖର ସମ୍ମିଳନୀ'ରେ ମଧ୍ୟ ଅନୁରୂପ ଭାବରେ ଆପଣାର ସ୍ୱଭାବ ସୁଲଭ ଆତ୍ମୀୟତା ପ୍ରକାଶ କରି କରମର୍ଦ୍ଦନ କରିଥିଲେ ମୁସାରଫଙ୍କ ସହ। ହେଲେ ନିଷ୍ଫଳ ହୋଇଥିଲା ବାଜପେୟୀଙ୍କ ସତ୍ ଅଭିପ୍ରାୟ। କୁଟିଳ ମୁସାରଫ୍ ଦୁଇଥର ଯାକ ପ୍ରଶସ୍ତ ହସ ହସି ହାତ ମିଳାଇ ଥିଲେ ଶାନ୍ତିକାମୀ ବାଜପେୟୀଙ୍କ ସହ ଏବଂ ପ୍ରମାଣ କରିଦେଇଥିଲେ ଯେ ଜଣେ ହସିପାରେ ଏବଂ ସୈତାନ ପରି କପଟାଚାରୀ ହୋଇପାରେ ଏକା ସାଙ୍ଗରେ। ଏହି ଦୁଇଟି ଯାକ ଆପାତତଃ ପ୍ରତିଶ୍ରୁତି-ଗର୍ଭିତ କରମର୍ଦ୍ଦନର କରୁଣ ମରଣ ଆମେ ପ୍ରତ୍ୟକ୍ଷ କଲେ ଖୁବ୍ ଶୀଘ୍ର-ସେହି ମୁସାରଫଙ୍କ ଦ୍ୱାରା ପ୍ରାୟୋଜିତ 'କାର୍‌ଗିଲ୍'ର ରଣାଙ୍ଗନରେ।

ତେବେ ମୁସାରଫଜାତୀୟ ରାଜନେତାମାନଙ୍କ ସହ ସଦିଚ୍ଛା-ରଞ୍ଜିତ କରମର୍ଦ୍ଦନ ସର୍ବଦା ନିରର୍ଥକ ବୋଲି ବହୁପୂର୍ବରୁ ଜଣାଇ ସାରିଥିଲେ ଲୌହ-ମାନବୀ ଇନ୍ଦିରା ଗାନ୍ଧୀ। ଥରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ୟାହିଆ ଖାଁ ଇନ୍ଦିରାଙ୍କ ସହ କରମର୍ଦ୍ଦନ କରିବାର ଅଭିପ୍ରାୟ ପୋଷଣ କରି ଆଗେଇ ଆସୁଥିବା ବେଳେ ଆପଣାର ଶାଣିତ ବୁଦ୍ଧିମତ୍ତା ଓ ପ୍ରତ୍ୟୁତ୍ପନ୍ନମତିତା ତତ୍‌କାଳ ପ୍ରକାଶ କରି କହିଥିଲେ ସେ - 'ନୋ ୱାନ କ୍ୟାନ ସେକ୍ ହ୍ୟାଣ୍ଡସ୍ ଉଇଥ୍ ଏ କ୍ଲେନଚଡ୍ ଫିଷ୍ଟ' (ମୁଦ୍ରାବଦ୍ଧ ମୁଷ୍ଟି ସହିତ କେହି କେବେ ହାତ ମିଳାଇ ନପାରେ)। କେବଳ କୂଟନୀତି ନୁହେଁ, ସାର୍ବଜନୀନ କ୍ଷେତ୍ରରେ ମଣିଷ-ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଗଭର ହେବାବେଳେ ଆମେ ଇନ୍ଦିରାଙ୍କ ଏହି ଆପ୍ତବାକ୍ୟ ଭଳି ମହତ୍ତ୍ୱପୂର୍ଣ୍ଣ ଉଚ୍ଚାରଣଟିକୁ ପ୍ରଥମେ ସ୍ମରଣ କରିବା ଖୁବ୍ ଆବଶ୍ୟକ ନିଶ୍ଚୟ।

ରାଜନୈତିକ ଓ କୂଟନୈତିକ ଆବଶ୍ୟକତା ବା ବାଧ୍ୟବାଧକତା ଦୃଷ୍ଟିରୁ ବହୁଦିନ ତଳୁ କରମର୍ଦ୍ଦନ ପ୍ରାୟତଃ ଏକ ରୁଟିନବନ୍ଧା ଆଚରଣ ହୋଇସାରିଛି- ତେଣିକି ଏହା ନିର୍ମଳ ଭାବପ୍ରେରିତ ହେଉ ବା ବିଶୁଦ୍ଧ ଛଳନାମଖା ହେଉ। ଏବେ ଆମେରିକାର ଟ୍ରମ୍ପ ମହାଶୟ ଏ ଶିଷ୍ଟଶାଳୀନ କରମର୍ଦ୍ଦନକୁ ପରିଣତ କରିଦେଇ ସାରିଲେଣି ଏକପ୍ରକାର କରକର୍ଷଣ ବା କରପେଷଣ ଭାବରେ। ଏ ଦୁର୍ବିନୀତ ମଣିଷ ଜଣକ ସହ ହାତ ମିଳାଇବାର ଦୁଃସାହସ କରିବା ବେଳେ କେତେକେତେ ବିଶ୍ୱସ୍ତରୀୟ ନେତା, ଉପନେତାଙ୍କ ଅସ୍ପଷ୍ଟ ଆର୍ତ୍ତନାଦ ଆମ ପାଇଁ ଏକ ହ୍ୟାସୋଦ୍ଦୀପକ ପରିବେଶ ସୃଷ୍ଟି କରିଥାଏ।

ଶୁଭବୁଦ୍ଧିସଂପନ୍ନ ସଚେତନ ବ୍ୟକ୍ତିବିଶେଷମାନଙ୍କ ସ୍ପଷ୍ଟ ମତ ହେଉଛି - 'ପ୍ରତ୍ୟେକ ଖେଳର ଅନ୍ତଃସ୍ୱର ହେଉଛି ଶାନ୍ତି, ସଂହତି ଓ ସଦ୍‌ଭାବନା। ଆଦର୍ଶସ୍ଥାନୀୟ 'ଖେଳୁଆଡ଼ ମନୋବୃତ୍ତି' ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହି ମୂଲ୍ୟବୋଧ ସବୁର ପରିପୋଷଣ କରିଥାଏ'। ଏହି ମତ ଆମକୁ ଚେତାଇ ଦେଇଥାଏ ଯେ ପ୍ରତ୍ୟେକ କ୍ରୀଡ଼ାପ୍ରତିଯୋଗିତା, ସେ ବିଶ୍ୱସ୍ତରୀୟ ବା ଆଞ୍ଚଳିକ ହେଉ, ସର୍ବଦା ସମସ୍ତ ପ୍ରକାର ଉଗ୍ର, ରକ୍ଷଣଶୀଳ ନୀତି, ଆଦର୍ଶ ଓ ରାଜନୀତିଠାରୁ ନିରାପଦ ଦୂରତାରେ ରହିବା ଆମ ସଭ୍ୟତା ପାଇଁ ଓ ବିଶ୍ୱ ପାଇଁ ଶୁଭଙ୍କର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସବୁଜ-ସୁନାର ଉପଯୋଗିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ବହୁମୁଖୀ ବ୍ୟବହାର, ଉପାଦେୟତା ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବାଉଁଶକୁ ସବୁଜ ସୁନା କୁହାଯାଏ। ଅଥଚ ସେ ଦିଗରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି ହୋଇପାରିନାହିଁ। ଚୀନ୍ ପରେ ଭାରତ ଦ୍ୱିତୀୟ ବୃହତ୍ତମ ବାଉଁଶ ଉତ୍ପାଦନକାରୀ ଦେଶ। ତଥାପି ରପ୍ତାନିରେ ଆମେ ଚୀନ୍ ଠାରୁ ବହୁତ ପଛରେ। ବ୍ରିଟିଶ ସରକାର ଅମଳରେ ବାଉଁଶକୁ ଏକ ଉଦ୍ଭିଦ ଭାବରେ ବର୍ଗୀକୃତ କରି ଏହାର ଚାଷ ଓ ଅମଳ ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିଲା। ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ଦେବାରେ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ୨୦୧୭ରେ ବାଉଁଶକୁ ଏକ ଚାଷୋପଯୋଗୀ ଫସଲ ଭାବରେ ପୁନଃବର୍ଗୀକୃତ କରିଥିଲେ। ଏହା ସାରା ଦେଶରେ ବାଉଁଶ ଚାଷ ଓ ଶିଳ୍ପର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଏହି ପଦକ୍ଷେପକୁ ପୁଞ୍ଜିକୃତ କରିଥିଲେ ଏବଂ ବାଉଁଶରୁ ବିଭିନ୍ନ ଉତ୍ପାଦ ଉତ୍ପାଦନ ପାଇଁ ଯୋଜନା ଆରମ୍ଭ କରିଥିଲେ, ଯାହା ଦ୍ରୁତ ଗତିରେ ରପ୍ତାନି ସମ୍ଭାବନା ବୃଦ୍ଧି କରିଥିଲା।

ବାଉଁଶ ଚାଷ ବହୁମୁଖୀ। ଏହା ଜଳକୁ ବିଶୋଧନ କରିବା ସହିତ ବାୟୁକୁ ବିଶୁଦ୍ଧ କରେ ଏବଂ ମାଟି କ୍ଷୟକୁ ହ୍ରାସ କରେ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବାଉଁଶ ଅନ୍ୟ ଗଛ ତୁଳନାରେ ୩୩ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଏହାକୁ ଆୟୁର୍ବେଦିକ ବା ପ୍ରାକୃତିକ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହିତ ଖେଳନା, ଆସବାବପତ୍ର, ପ୍ରସାଧାନ, କାଗଜ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୌନ୍ଦର୍ଯ୍ୟବର୍ଦ୍ଧକ, କୃଷି ଉପକରଣ ଓ ମନୋରଞ୍ଜନ ସାମଗ୍ରୀ ପ୍ରସ୍ତୁତିରେ ବାଉଁଶର ବ୍ୟବହାର ସାରା ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଉଁଶ ତନ୍ତୁ ପ୍ରାକୃତିକ ଭାବରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆର୍ଦ୍ରତା ଶୋଷଣ କରି ଚର୍ମକୁ ସୁରକ୍ଷିତ ଏବଂ ଆରାମଦାୟକ କରି ରଖୁଥିବାରୁ ବୟନ ଶିଳ୍ପରେ ଏହାର ଉପଯୋଗ ବଢ଼ିବାରେ ଲାଗିଛି। ଏହାଛଡ଼ା ପୋଲ, ସିଡ଼ି, ଟୋକେଇ ଓ ମ୍ୟାଟ୍ ତିଆରି ପାଇଁ ବାଉଁଶର ବ୍ୟବହାର ବଢୁଛି। ଏପରିକି ଜୈବ ଇନ୍ଧନ ଉତ୍ପାଦନ ପାଇଁ ମଧ୍ୟ ବାଉଁଶ ବ୍ୟବହାର କରାଯାଉଛି।

ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ଜାତୀୟ ବାଉଁଶ ମିଶନ ଅଧୀନ'ରେ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ ଭବିଷ୍ୟତରେ ବାଉଁଶ ଭାରତର ସବୁଜ ସୁନା ପ୍ରମାଣିତ ହୋଇପାରେ। ବର୍ତ୍ତମାନ କେବଳ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବାଉଁଶ ବହୁଳ ପରିମାଣରେ ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳକୁ ଏହାର ପରିବର୍ଦ୍ଧନ ପାଇଁ କେନ୍ଦ୍ର ସରକାର ୨୦୧୭ ରେ 'ଭାରତୀୟ ବନ ଆଇନ ୧୯୨୭'କୁ ସଂଶୋଧନ କରି ବାଉଁଶକୁ ଗଛ ପରିବର୍ତ୍ତେ ଘାସ ଭାବରେ ବର୍ଗୀକୃତ କରିଥିଲେ। ବାଉଁଶକୁ କମ ମୂଲ୍ୟର ଉଚ୍ଚ-ଅମଳକାରୀ ଘାସ ଭାବରେ ଜଙ୍ଗଲ ଓ ଶୁଷ୍କ ଅଞ୍ଚଳରେ ଚାଷ କରାଯାଇପାରିବ। ବିଶେଷଜ୍ଞଙ୍କ ମତରେ ବାଉଁଶ ସାଧାରଣତଃ ତିନିରୁ ଚାରି ବର୍ଷ ମଧ୍ୟରେ ଅମଳ ପାଇଁ ପ୍ରସ୍ତୁତ ହୁଏ। ଥରେ ଲଗାଗଲେ ଏହା ଚାଳିଶରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରେ। ଅମଳ ପରେ ଏହା ପୁଣି ବଢ଼ିବା ଆରମ୍ଭ କରେ।

ବାଉଁଶ ଏପରି ଏକ ଉଦ୍ଭିଦ, ଯାହାର ପ୍ରତ୍ୟେକ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ପ୍ରାୟ ୧୩୬ପ୍ରଜାତିର ବାଉଁଶ ଅଛି, ଯାହା କଠୋର ପରିସ୍ଥିତିରେ ମଧ୍ୟ ବଢ଼ିପାରେ। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଭାରତରେ ଏହାର ବାଣିଜ୍ୟିକ ବ୍ୟବହାର ଏପର୍ଯ୍ୟନ୍ତ ସୀମିତ। ଏହି ସମ୍ପର୍କରେ ତାଲିମ ଓ ସଚେତନତା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଚୀନ ୧୯୮୦ ଦଶକରେ ବାଉଁଶ ଚାଷର ପ୍ରୟାସ କରିଥିଲା ଏବଂ ଆଜି ଏହା ସର୍ବାଧିକ ଆର୍ଥିକ ଲାଭ ଉପଭୋଗ କରୁଛି। ସେଠାରେ ୫୦ଲକ୍ଷ ହେକ୍ଟର ଜମିରେ ବାଉଁଶ ଚାଷ କରାଯାଏ। ଭାରତରେ ୧କୋଟି ହେକ୍ଟରରେ ବାଉଁଶ ଚାଷ ହେବା ସତ୍ତ୍ୱେ ଏହାର ବିବିଧତା ଓ ଉପଯୋଗିତା ବିଷୟରେ ସଚେତନତାର ଅଭାବ ଏବଂ ବଜାରୀକରଣ ଅସୁବିଧା ଯୋଗୁଁ ଆମେ ଏହାର ଉପଯୁକ୍ତ ଆର୍ଥିକ ଲାଭରୁ ବଞ୍ଚିତ।

ଯଦି ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଶ୍ୱବିଦ୍ୟାଳୟର ପ୍ରସାରଣ ଶିକ୍ଷା ଅଧୀନରେ ବାଉଁଶ ଉତ୍ପାଦନ ତାଲିମ୍‌କୁ ପରିବର୍ଦ୍ଧିତ କରାଯାଏ ତେବେ ବାଉଁଶ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ପିପଲାନ୍ତରି ଗାଁରେ ଗୋଚର ଜମିରେ ବାଉଁଶ ଚାଷ ଏବଂ ବାଉଁଶ ଉତ୍ପାଦନର ବିବିଧତା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ସେଠାରେ ଅନେକ ପ୍ରକାରର ବାଉଁଶ ଚାଷ କରାଯାଏ।

ଯଦି ପରିବେଶ ଅନୁକୂଳ ବାଉଁଶ ଉତ୍ପାଦଗୁଡ଼ିକୁ ଅନୁର୍ବର ଓ ଗୋଚର ଜମିରେ ଚାଷ କରିବାକୁ ଉତ୍ସାହିତ କରାଯାଏ ତେବେ ଏହା ଭବିଷ୍ୟତରେ ବହୁତ ଭଲ ଫଳାଫଳ ଦେବ ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ। ଗ୍ରାମୀଣ ଜୀବିକା ନିର୍ବାହରେ ବାଉଁଶର ବ୍ୟବହାର ପାଇଁ ଏକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଚୀନର ଉଦାହରଣ ଅନୁସରଣ ପୂର୍ବକ ଆମ ଦେଶରେ ଉପଲବ୍ଧ ବିପୁଳ ପରିମାଣର ଅନୁର୍ବର ଜମିକୁ ପୁନରୁଦ୍ଧାର କରି ଗ୍ରାମୀଣ ସମ୍ପ୍ରଦାୟର ଆୟକୁ ଉନ୍ନତ କରିବା ପାଇଁ ବାଉଁଶ ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର କେନ୍ଦାସୋଲ ସମେତ ଆଉ କେତେକ ଗାଁର ଅସୁର ଜନଜାତି ସପ୍ତମୀ ସନ୍ଧ୍ୟାଠାରୁ ଦଶମୀ ପର୍ଯ୍ୟନ୍ତ ମହିଷାସୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରି 'ହୁଦୁଡ଼ ଦୁର୍ଗା' ଭାବେ ପୂଜା କରି ଆସୁଛନ୍ତି। ନବରାତ୍ରି ସମୟରେ ଏଠାରେ ଅନେକ ସ୍ଥାନରେ 'ମହିଷାସୁର ଶହାଦତ ଦିବସ' ପାଳିତ ହୋଇଥାଏ। ଅସୁର ଜନଜାତି ଏତେମାତ୍ରାରେ ମହିଷାସୁରଙ୍କୁ ଭକ୍ତି କରନ୍ତି ଯେ, ବିଗତ କିଛି ବର୍ଷ ଧରି ସେମାନେ ଦୁର୍ଗାଙ୍କ ହିଂସ୍ର ରୂପରେ ମହିଷାସୁର ବଧର ମୂର୍ତ୍ତିକୁ ବିରୋଧ କରୁଛନ୍ତି। କାରଣ ସେମାନଙ୍କ ମତାନୁସାରେ ଏହା ତାଙ୍କ ପୂର୍ବଜ ମହିଷାସୁରଙ୍କ ସହିତ ସମସ୍ତ ଅସୁର ସମ୍ପ୍ରଦାୟର ଅପମାନ। ସେମାନେ ଏ ସମ୍ପର୍କରେ ଅନେକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ସମଗ୍ର ଭାରତରେ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ସବୁଠାରୁ ଜାକଜମକରେ ଆୟୋଜନ ହେଉଥିଲେ ମଧ୍ୟ ଜଳପାଇଗୁଡ଼ି ଜିଲ୍ଲାସ୍ଥିତ ଅଲିପୁରଦୁଆରର ମାଝେରଡାବରି ଚା' ବଗିଚା ଅଞ୍ଚଳରେ ରହୁଥିବା ଅସୁର ଜନଜାତି ଦୁର୍ଗାପୂଜାର ୯ଦିନ ଶୋକ ପାଳନ କରିଥା'ନ୍ତି ଏବଂ କୌଣସି ଶୁଭ କାର୍ଯ୍ୟ କରିନଥା'ନ୍ତି।

କର୍ଣ୍ଣାଟକ ଓ ମୈସୁରରେ ମହିଷାସୁରଙ୍କ ବିଶାଳ ପ୍ରତିମା ସ୍ଥାନ ପାଇଛି। କୁହାଯାଏ ଯେ, ମୈସୁର ସହର(ମହିଷାସୁରାନା ଉରୁ- ଅର୍ଥାତ୍ ମହିଷାସୁରଙ୍କ ଦେଶ) ମହିଷାସୁରଙ୍କ ନାମାନୁଯାୟୀ ରଖାଯାଇଛି। କର୍ଣ୍ଣାଟକର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା କେତେକ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ବିଧିବିଧାନର ସହ ମହିଷାସୁରଙ୍କ ପୂଜା କରିଥା'ନ୍ତି। ବିଭିନ୍ନ ସ୍ଥାନୀୟ ଲୋକକଥା ଅନୁସାରେ ମହିଷାସୁରଙ୍କୁ କୁଣ୍ଡୋଦରା, ମହିଷନ୍ଧା, ମେଷନ୍ଧା ଓ ନନ୍ଦିକୋନା ଆଦି ନାମରେ ଦେବତା ଭାବେ ପୂଜା କରାଯାଏ। ବିଶେଷ ଭାବେ ସେମାନେ ମଇଁଷିକୁ ପୂଜା କରିଥା'ନ୍ତି। ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ଭୂତାରାଦନେ ଓ ଦେବରାଧନେ ନାମକ ଦୁଇଟି ପରମ୍ପରା ରହିଛି, ଯାହା ମାଧ୍ୟମରେ ସେମାନେ ଅଦ୍ୱିତୀୟ ଦେବତା ଓ ଭୂତପ୍ରେତ(ଆତ୍ମା)ଙ୍କୁ ପୂଜା କରିଥା'ନ୍ତି। ତେଣୁ



ପରମ୍ପରା ଅନୁସାରେ ସେମାନେ ମହିଷାସୁରଙ୍କୁ ତାଙ୍କର ଆଦିଦେବତା ଭାବେ ଦେବରାଧନେ ବିଧିରେ ପୂଜାର୍ଚ୍ଚନା କରିଥା'ନ୍ତି। ମୈସୁର ବ୍ୟତୀତ ମାଧବାଚାର୍ଯ୍ୟଙ୍କ ଦ୍ୱୈତ ଦର୍ଶନର ପୀଠ ଉଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ମଧ୍ୟ ଭୂତରାଜ ଭାବେ ମହିଷାସୁରଙ୍କୁ ପୂଜା କରାଯାଉଛି। ମଠ ପରିସରରେ ଥିବା ଅନନ୍ତେଶ୍ୱର ମନ୍ଦିରର ରକ୍ଷକ ହେଉଛନ୍ତି ମହିଷାସୁର। ସ୍ଥାନୀୟ ମାନ୍ୟତା ଅନୁସାରେ ଯେଉଁମାନେ ମହିଷାସୁରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ନ ମାନନ୍ତି, ସେମାନଙ୍କ ପରିବାରରେ ବିଭିନ୍ନ ସମସ୍ୟା ଆସିଥାଏ। ତେଣୁ ସେମାନେ ମହିଷାସୁରଙ୍କୁ ଅନ୍ନ, ମୁଢ଼ି, ଫଳ, ନଡ଼ିଆ, ନଡ଼ିଆ ଚଅଁର, ଧୂପ, ଦୀପ, ଫୁଲ ଅର୍ପଣ କରିବା ସହିତ କୁକୁଡ଼ା ବଳି ଦେଇ ସନ୍ତୁଷ୍ଟ କରି ଆଶିଷ ଭିକ୍ଷା କରନ୍ତି। ଏହାପରେ ମହିଷାସୁରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ ହୋଇଥା'ନ୍ତି ଏବଂ ଅନେକ ପାରିବାରିକ ସମସ୍ୟା ନେଇ ଆସିଥିବା ଭକ୍ତମାନଙ୍କର ସମସ୍ୟାର ସମାଧାନ କରିଥା'ନ୍ତି। ଏହି ସମୟରେ ଉତ୍ତମ ପାରିବାରିକ ଓ ସାମାଜିକ ଚଳଣି ସମ୍ପର୍କିତ ଅନେକ ନୀତିନିୟମ ସମ୍ପର୍କରେ ସେ ଉପଦେଶ ମଧ୍ୟ ଦେଇଥା'ନ୍ତି। ଏହି ନିୟମଗୁଡ଼ିକ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନଙ୍କ ଉପରେ ମହିଷାସୁରଙ୍କ କୋପଦୃଷ୍ଟି ପଡ଼ିଥାଏ ଏବଂ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରୀୟ ସତ୍ତା ସହିତ ଆସୁରିକ ଶକ୍ତି ଉପରେ ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ କେବଳ ଭାରତରେ ହିଁ ସମ୍ଭବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜନୈତିକ ହଟଚମଟ କରୁଛନ୍ତି ଏଜି: ବିଜେଡି

ଭୁବନେଶ୍ୱର,୨୫।୯(ସମିସ): ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ ଭାବେ ସୃଷ୍ଟି କରାଯାଇଥିଲା ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ଏଜିଙ୍କ ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ପାଇଁ ଉଦ୍ଦିଷ୍ଟ। ଶ୍ରୀ ଆଚାର୍ଯ୍ୟଙ୍କ ହିସାବରେ ଯଦି ଏହା ଏକ କୃତ୍ରିମ ସମସ୍ୟା, ତାହେଲେ ବିଜେପି କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ ଏହାକୁ ସମାଧାନ କରିବା ପାଇଁ ସଫଳ ହୋଇପାରି ନାହିଁ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଆଡଭୋକେଟ ଜେନେରାଲ ଗୋଟିଏ ସାମ୍ବିଧାନିକ ପଦବୀ। ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ଶ୍ରୀ ଆଚାର୍ଯ୍ୟ ଆଜି ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡା ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ; ଶ୍ରୀ ଆଚାର୍ଯ୍ୟ ବକ୍ତବ୍ୟ ଅନୁସାରେ ଯଦି

- ମହାନଦୀ ଜଳ ବିବାଦ ଯଦି କୃତ୍ରିମ, ତେବେ ସମାଧାନ ପାଇଁ ବିଳମ୍ବ କାହିଁକି
- ଆଚାର୍ଯ୍ୟଙ୍କ ମନ୍ତବ୍ୟ ଆଡଭୋକେଟ ଜେନେରାଲ ପଦର ଗରିମା କ୍ଷୁଣ୍ଣ କରିଛି

ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତା ହେଲେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ ମଧ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶାରେ ନୁହେଁ କେନ୍ଦ୍ରରେ ଓ ଛତିଶଗଡ଼ରେ ମଧ ବିଜେପି ସରକାର ଅର୍ଥାତ ଟ୍ରିପଲ ଇଞ୍ଜିନ ସରକାର ରହିଛି। ଏହାପରେ ମଧ ରାଜ୍ୟରେ ବିଜେପି ସରକାର ଆସିବା ପନ୍ଦର ମାସ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ହେଉଛି ଯେ




ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା। ଶ୍ରୀ ଆଚାର୍ଯ୍ୟଙ୍କ ଆଜିର ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଡ. ମହାନ୍ତି ଆହୁରି କହିଛନ୍ତି ଯେ କେବଳ ଦାମୀ ଓକିଲଙ୍କୁ ପୋଷିବା ପାଇଁ ମହାନଦୀ ଜଳ ବିବାଦ ସୃଷ୍ଟି କରାଯାଇଥିଲା ବୋଲି ଦେଇଥିବା ମନ୍ତବ୍ୟ ମଧ ହାସ୍ୟାସ୍ପଦ। ସେ ଆଡଭୋକେଟ ଜେନେରାଲ ପଦବୀ ଗ୍ରହଣ କରିବା ପରେ ରାଜ୍ୟର ଆଡଭୋକେଟ ଜେନେରାଲ ପାଉଥିବା ପାରିତୋଷିକକୁ ଅହେତୁକ ବୃଦ୍ଧି କରାଯାଇଛି କି ? କେଉଁ କାରଣରୁ ଏପରି ବୃଦ୍ଧି କରାଯାଇଛି ତାହା ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିବେ କି? ରାଜ୍ୟର ଆଡଭୋକେଟ ଜେନେରାଲ ପଦବୀରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ଶ୍ରୀ ଆଚାର୍ଯ୍ୟ କଣ ଅଧିକ ଯୋଗ୍ୟ। ତେଣୁ ଓକିଲଙ୍କୁ ପୋଷିବା ପାଇଁ ବିବାଦ ସୃଷ୍ଟି ହୋଇଥିଲା ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଶ୍ରୀ ଆଚାର୍ଯ୍ୟ ଆଡଭୋକେଟ ଜେନେରାଲ ପଦବୀର ମର୍ଯ୍ୟାଦାହାନୀ କରିଛନ୍ତି। ଯେ ପର୍ଯ୍ୟନ୍ତ ସେ ଏହି ଗରିମାମୟ ପଦବୀରେ ଅଛନ୍ତି, ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ସେ କହିଛନ୍ତି।

## ■ ଲିଙ୍ଗରାଜ ମନ୍ଦିର ନିକଟରେ 'ସ୍ୱଚ୍ଛତା ହି ସେବା ୨୦୨୫'

# 'ଗଣସଫେଇ ଅଭିଯାନ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯(ସମିସ): ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ। ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ସେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟରମାନଙ୍କ ସହ ବିଜେପି ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ।

# ତେଜସ ଜେଟ୍ ପାଇଁ 'ହାଲ୍' ସହିତ ବୁଝାମଣା

ନୂଆଦିଲ୍ଲୀ, ୨୫।୯: ୯୭ଟି ତେଜସ୍ ଯୁଦ୍ଧ ବିମାନ ଲାଗି ପ୍ରତିରକ୍ଷା ବିଭାଗ ଆଜି ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏଥିରେ ୬୮ଟି ଲଢୁଆ ବିମାନ ଏବଂ ୨୯ଟି ଟୁଇନ୍ ସିଟର ବିମାନ ରହିଛି। ୬୨ ହଜାର ୩୭୦ କୋଟି ଟଙ୍କାରେ ଏହି ତେଜସ୍ ବିମାନ କିଣାଯିବ ବୋଲି ବାୟୁ ସେନା ପକ୍ଷରୁ କୁହାଯାଇଛି। ବାୟୁ ସେନାରେ ଲଢୁଆ ବିମାନ ସଂଖ୍ୟା କମିକମି ଯାଉଥିବାରୁ ସେନା ଚିନ୍ତାରେ ପଡ଼ିଯାଇଛି। ପୂର୍ବରୁ ଯୁଦ୍ଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଗ୍ ବିମାନ ଆସନ୍ତାକାଲି ଶୁକ୍ରବାର ଦିନ ଅବସର ନେବାପରେ ଭାରତୀୟ ବାୟୁ ସେନାରେ ଫାଇଟର ସ୍କ୍ୱାର୍ଡନ ସଂଖ୍ୟା ୩୦କୁ ହ୍ରାସ ପାଇବ। ସୂଚନାଯୋଗ୍ୟ ଯେ ତେଜସ୍‌ର ୬୪ ପ୍ରତିଶତ ଯନ୍ତ୍ରାଂଶ ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି।

# ଯାଞ୍ଚ ହେବ ବେଆଇନ ପାଥୋଲାବ୍ ଓ କ୍ଲିନିକ୍

## ସିଏଚ୍‌ସି ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସିଡିଏମ୍‌ଓ

ଭୁବନେଶ୍ୱର,୨୫।୯(ସମିସ): ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ଚାଲୁଥିବା ବେଆଇନ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକର ଯାଞ୍ଚ ହେବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ସି ସୁପରିଟେଣ୍ଡେଣ୍ଟମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସିଏଚ୍‌ସି ଅଧୀନରେ ଥିବା ଏହି ବେଆଇନ ସ୍ୱାସ୍ଥ୍ୟାନୁଷ୍ଠାନର ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବା ପାଇଁ କୁହାଯାଇଛି। ବେଆଇନ ଭାବେ ସ୍ଥାପିତ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି।

**'ସକାଳ' ପ୍ରଭାବ**

ଏ ପ୍ରସଙ୍ଗରେ ଗତ ସେପ୍ଟେମ୍ବର ୧୯ରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ବିନା ପଞ୍ଜିକରଣରେ ଶତାଧିକ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଛି। ସରକାରୀ ଭାବେ କେବଳ ୪୪ଟି ପାଥୋଲାବ୍‌କୁ ଅନୁମତି ମିଳିଛି; ମାତ୍ର ଶତାଧିକ ବେନାମୀ ସଂସ୍ଥା ଖୋଲିଛି। ରୋଗୀମାନଙ୍କର ଏମାନେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରି ଭୁଲ୍ ରିପୋର୍ଟ ଦେଉଛନ୍ତି। ଫଳସ୍ୱରୂପ ଭୁଲ୍ ଚିକିତ୍ସାରେ ରୋଗୀ ଖର୍ଚ୍ଚାନ୍ତ ହେବା ସହ ପ୍ରାଣହାନୀ ଘଟୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ନିରୀହ ରୋଗୀଙ୍କ ଜୀବନ ବିପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

# ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୫।୯(ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି ୧୩ ଗ୍ରାମର ନର୍ସିଂ ଛାତ୍ରୀ ଅଙ୍କିତା ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି। ପ୍ରେମରେ ବିଫଳ ହୋଇ କିଛି ଦିନ ପୂର୍ବେ ସେ ଏକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଛି।

ସୂଚନା ଅନୁଯାୟୀ, ଅଙ୍କିତା ଜିଲ୍ଲା ସଦରରେ ଥିବା ଏକ ଘରୋଇ କଲେଜରେ ବିଏସ୍‌ସି ନର୍ସିଂର ଶେଷ ବର୍ଷର ଛାତ୍ରୀ ଥିଲେ। ପ୍ରେମ ସମ୍ପର୍କକୁ ନେଇ ସେ ପୂର୍ବରୁ କୌଣସି ଏକ ବଟିକା ଖାଇ ଦେବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତକାଲି ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ତେବେ ଆଜି ପୁନର୍ବାର ସେ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରେମଜନିତ କାରଣକୁ ନେଇ ଅଙ୍କିତା ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ

# ୩ ଦିନରେ ୩୪୯୪ ଇ-ଚାଲାଣ ଓ ୫୪ ଲକ୍ଷ ଜରିମାନା

କଟକ, ୨୫।୯(ସମିସ): ମୋଟରଯାନ ନିୟମ ଉଲ୍ଲଂଘନ ବିରୋଧରେ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ତିନି ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ୫୪ ଲକ୍ଷ ୮୨ ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଙ୍ଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟର ଯାନର ୭ଟି ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍

**ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ପାଇଁ ୧୩୦ ଚାଲାଣ**

ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଙ୍ଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କ୍ଷେତ୍ରରେ ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ସର୍ବାଧିକ ୮୦ଟି ଇ-ଚାଲାଣ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ବରଗଡ଼ ଆରଟିଓଙ୍କ ଦ୍ୱାରା ସର୍ବାଧିକ ୩୬ଟି ଇ-ଚାଲାଣ ଜାରି ହୋଇଛି। ଭରଲୋଡିଂ ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୨ଟି ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୫ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ଯୋଗୁଁ ଝାରସୁଗୁଡା ଆରଟିଓଙ୍କ ଦ୍ୱାରା ସର୍ବାଧିକ ୧୯ଟି ଇ-ଚାଲାଣ ଜାରି କରାଯାଇଛି। ଫିଟନେସ ଓ ପରମିଟ୍ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ବିରୋଧରେ ଏନଫୋର୍ସମେଣ୍ଟରେ ଝାରସୁଗୁଡ଼ାରେ ୬୯ ଇ-ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ସର୍ବମୋଟ୍ ଭୁବନେଶ୍ୱର-୧ ଆରଟିଓରେ ସର୍ବାଧିକ ୧୫,୧୯,୧୯୧ ଟଙ୍କା ଆଦାୟ ହୋଇଥିବା ବେଳେ ବଲାଙ୍ଗିରରେ ୪,୭୭,୮୬୫, ବାଲେଶ୍ୱରରେ ୩,୭୧,୬୩୧, ସୋନପୁରରେ ୩,୩୦,୩୨୪, ଝାରସୁଗୁଡ଼ା ଆରଟିଓଙ୍କ ଦ୍ୱାରା ୨,୪୮,୫୫୫, ରାୟଗଡ଼ାରେ ୨,୪୬,୦୦୦ ଓ ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨,୩୯,୯୫୦, ଟଙ୍କା ଆଦାୟ କରାଯାଇଛି।

## ଅବଶିଷ୍ଟାଂଶ

### ଦକ୍ଷିଣକୁ ବର୍ଷା...

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଶୁକ୍ରବାର କୋରାପୁଟ ଓ ମାଲାକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୭ରେ ମଧ ସମାନ ସ୍ଥିତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ବନ୍ୟା ଜଳ ପ୍ରବେଶ କରୁଛି। ଏଥିପାଇଁ ହୀରାକୁଦରୁ ଆଜି ଆଉ ୪ଟି ଗେଟ୍ ସହ ମୋଟ୍ ୨୦ଟି ଗେଟ୍ ଦେଇ ସାଢ଼େ ୩ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଯେହେତୁ ତଳମୁଣ୍ଡରେ ଦୁଇ ଦିନ ହେବ ବର୍ଷା ସାମାନ୍ୟ କମିଛି, ତେଣୁ ମୁଣ୍ଡଳୀରେ ଯେଉଁ ପରିମାଣରେ ବନ୍ୟା ଜଳ ଆସିବ ବୋଲି ଆକଳନ କରାଯାଇଥିଲା, ସେଥିରେ ହ୍ରାସ ଘଟିବ ବୋଲି ଜଳସମ୍ପଦ ବିଭାଗ କହିଛି। ୨୬ ତାରିଖରେ ମୁଣ୍ଡଳିରେ ସକାଳ ୮ ରୁ ୧୧ ଟା ମଧ୍ୟରେ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବ ବୋଲି ବିଭାଗ କହିଛି। ଏହା ପ୍ରଭାବରେ ମହାନଦୀର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବ। କିନ୍ତୁ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ଦେଖିବାକୁ ମିଳିବ ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗକୁ ଥିବା ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ପ୍ରଭାବିତ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଥିବା ଜଳ ଭଣ୍ଡାର ଗୁଡିକରେ ଜଳ ସଂରକ୍ଷଣ ହୋଇ ରହିବ।

### ୧୮ ଜିଲ୍ଲାପାଳଙ୍କୁ...

ଯନ୍ତ୍ରୀ, ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ, ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା କୋରାପୁଟ ଓ ମାଲକାନାଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରିବା ସହ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି ବୋଲି ଏସ୍‌ଆରସି କହିଛନ୍ତି। ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଟ୍ରେନ୍‌ରୁ 'ଅଗ୍ନି'...

ଡିଆର୍‌ଡିଓ ସୂତ୍ରରୁ ପ୍ରକାଶ ଯେ ଏହି କ୍ଷେପଣାସ୍ତ୍ରର ପରୀକ୍ଷା କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମରୁ କରାଯାଇଛି। କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମ ହେଉଛି ମିସାଇଲ ଲଞ୍ଚ କରିବାର ଏକ ଅତ୍ୟାଧୁନିକ ବ୍ୟବସ୍ଥା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରେନ୍ ଡିଜାଇନ୍ କରାଯାଇଥିଲା। ଏହି ଟ୍ରେନ୍ ରେଳ ଲାଇନ୍ ଥିବା ଦେଶରୁ ସବୁ ସ୍ଥାନକୁ ଯାଇପାରିବ। ଓଡ଼ିଶାର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପପୁଞ୍ଜ ପରୀକ୍ଷଣ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଛି। ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ୨୦୦୦ କିମି ପର୍ଯ୍ୟନ୍ତ ନିଜର ଲକ୍ଷ୍ୟ ଭେଦ କରିପାରିବ। ଏଥିରେ ବହୁତ ଅତ୍ୟାଧୁନିକ ଆଡଭାନ୍ସଡ ଫିଚର ରହିଛି। ଏହି ପରୀକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଶତ୍ରୁ ଦୃଷ୍ଟିରୁ ଲୁଚି ରହିବା ପାଇଁ ନିଜ ମିସାଇଲକୁ ରେଳ ସୁଡଙ୍ଗରେ ଲୁଚାଇ ରଖାଯାଇପାରିବ। ରାତିର ଘନ ଅନ୍ଧାକାରରେ ଓ କୁହୁଡି ତଥା ଧୂଆଁଳିଆ ଇଲାକା ମଧ୍ୟରେ କ୍ଷେପଣାସ୍ତ୍ର ଲଞ୍ଚ କରାଯାଇପାରିବ। ଦେଶର ରେଳ ନେଟୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପ୍ରଣାଳୀ ବ୍ୟବହାରରେ ଏହା ପ୍ରଥମ।

ଉତ୍‌କ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିପାରିଛି। ଭବିଷ୍ୟତରେ ସେନାବାହିନୀ ଦ୍ୱାରା ରେଳ ନେଟୱର୍କ ଭିତ୍ତିକ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି। 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ଭି କାମତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

### ବସ୍-ଟ୍ରକ୍...

ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ପୁଲିସ ଘଟଣାସ୍ଥଳରୁ ୫ଶବ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ। ସୂଚନାନୁଯାୟୀ, ରାଉରକେଲାରୁ ବଡ଼ବିଲ ଯାଉଥିବା ଲିଙ୍ଗରାଜ ଯାତ୍ରୀବାହୀ ବସ୍‌ଟି ୫୨୦ନମ୍ବର ଜାତୀୟ ରାଜପଥରେ କେ. ବଲାଙ୍ଗ ନିକଟରେ ଟ୍ରକ୍ ସହ ଧକ୍କା ହୋଇଥିଲା। ରକ୍ସି ରେଳ ଫାଟକ ନିକଟରୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଜାମ ରହିଥିବାରୁ ଉକ୍ତ ବସ୍‌ଟି ରଙ୍ଗ ରୁଟ୍‌ରେ ଯାଇଥିଲା। ତେବେ ଅପରପଟରୁ କୋଇଡ଼ା ପଟକୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଉକ୍ତ ବସକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଖବର ପାଇ କେ.ବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି କରିଥିଲେ।

ଉଲ୍ଲେଖଯୋଗ୍ୟ, ରକ୍ସି ଗ୍ରାମର ୩ ଜଣ ଓ ନିକଟସ୍ଥ ମଞ୍ଜାବେଡ଼ା ଗ୍ରାମର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି କେ. ବଲାଙ୍ଗ ଓ ଲହୁଣୀପଡ଼ା ଡାକ୍ତରଖାନାରେ ମୃତାହତ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡ଼ିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

କାର୍ଯ୍ୟର ନାମ: EPC ମୋଡ୍‌ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ୍ ଓଭର ବ୍ରିଜ୍ ଏବଂ ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-118/CI/25-26



**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112



**AFFIDAVIT**

By virtue of an affidavit before the Executive Magistrate, Bhubaneswar, Affidavit No - 54 on dated 24.09.2025. I Susmita Rout, W/o- Sarat Kumar Rout, residing at Plot No. 986/966, Prakruti Vihar, Baramunda, Bhubaneswar-751003, Dist- Khordha, Odisha. That my maiden name is Susmita Sahoo, D/o- Hrusikesh Sahoo. That Susmita Sahoo & Susmita Rout is one and same person. Hence I shall be known as **SUSMITA ROUT** for all future purposes.

**AFFIDAVIT**

I, Nishikanta Parida, aged about 38 years, S/o- Ramesh Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1968, dtd- 22/09/2025 that now onwards I shall be known as **NISHIKANT PARIDA** for all future purposes.

**AFFIDAVIT**

By virtue of an affidavit (CF No. 85, date- 24/09/2025) before the Executive Magistrate, Bhubaneswar. I, **Nirmala Patasani,** W/o Siba Narayan Swain, resident of Plot No. 238/2961, Lane-6, Srikhetra Vihar, Aiginia, Khandagiri, Bhubaneswar, Dist- Khordha, Odisha declare that, I want to change my name from **Nirmala Swain to Nirmala Patasani** in my son's (Deepam Jyoti Swain) school record (studying in Class IX in PM Shri Kendriya Vidyalay No.2 CRPF Campus, Bhubaneswar) & in Bank related documents. Henceforth, I shall be known as **Nirmala Patasani** for all future purposes.

**Nirmala Patasani**

**AFFIDAVIT**

By virtue of an affidavit No. 2620 sworn before the Executive Magistrate, Sukinda on dated- 25/09/2025. I Sukanta Rana, aged 48 years, S/o- Late Hrushikesh Rana resident of Vill/Po/Ps- Sukinda, Dist- Jajpur, Odisha, Pin-755018 my name & date of birth has been written as Sukanta Rana, DOB- 16/09/1977, in my Aadhar Card No. 3226 3273 6153 & Pan Card No- HRBPR4159C but my name & date of birth has been written as Sasikanta Rana, DOB- 01/01/1997 in my Driving License No- OR0419980054778 issue on dated 07/06/1998 by RTO Chandikhole declare that Sukanta Rana DOB- 16/09/1977 & Sasikanta Rana DOB- 01/01/1997, S/o- Hrushikesh Rana is same & one person for all future purposes.

**SUKANTA RANA**

**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, dated- 30.08.2025, I Gitanjali Biswal, W/o. Late Ajaya Biswal, resident of At/Po. Gadarodanga, PS.- Brahmagiri, Dist.- Puri, Odisha- 752011 declare that I have changed my son's name from **Ayushubiswa** to **Ayush Biswal.** Henceforth he will be known as **AYUSH BISWAL** for all purposes.

**Gitanjali Biswal**

**AFFIDAVIT**

By virtue of an affidavit No. 5690 sworn before the Executive Magistrate, Champua on dated- 25/09/2025. I, Sahid Anwar, aged 40 years, S/o- Mohammad Daud, resident of At- Muslim basti, Po/Ps- Champua, Dist- Keonjhar, Odisha, Pin - 758041 my correct name is Sahid Anwar & birth of date 09/02/1985 is mentioned in my Aadhar Card No- 2547 8919 4200 & Pan Card No- CCGPA7431P, in my passport no L5752113 my name wrongly entered Mohammad Sahid Anwar instead of Sahid Anwar & D.O.B wrongly entered 05/05/1983 instead of 09/02/1985, declare that Sahid Anwar, D.O.B 09/02/1985 & Mohammad Sahid Anwar, D.O.B 05/05/1983 same and one person for all future purposes.

**SAHID ANWAR**

**AFFIDAVIT**

By virtue of an affidavit No.10443, Dtd.25.09.2025 sworn before the Executive Magistrate, Balasore I, Basant Manjari Pradhan, W/o.- Late Prafulla Kumar Pradhan, At- Nalkuli, Po.- Manikula, Ps.- Sadar, Dist.- Balasore, Pin- 756002, Odisha renounce, relinquish and abandon the use of my former name Basanti Pradhan (old name) instead of Basant Manjari Pradhan (New name). Henceforth, I will be known as **Basant Manjari Pradhan** for all purposes.

**AFFIDAVIT**

I, Jeet Dash, S/o.: Jiban Pradip Dash, resident of Ranipatna, PO-Balasore, PS- Sahadevkhunta, Dist- Balasore, Pin-756001, Odisha, declare by this affidavit No.: 281, dtd. 25.09.2025 that now onwards I shall be known as **Jeet Prakash Dash** for all future purposes.

**AFFIDAVIT**

By virtue of an affidavit No. 3911, Dtd.25.09.2025 sworn before the Executive Magistrate, Bhogarai I, Manasi Das, W/o. Chandan Das, At.Tengramari , Po. Jayrampur, Ps. Bhogarai, Dist. Balasore, Pin- 756038, Odisha renounce, relinquish and abandon the use of my minor son's former name Nanit Kumar Das (old name) instead of Nainit Kumar Das (New name). Henceforth, he will be known as **Nainit Kumar Das** for all purposes.

**AFFIDAVIT**

I POTNURU PRASANNA KUMAR, S/o- Late Potnuru Venkata Ramana, resident of Bharat Nagar, Bell Road,, Po/Ps- Jeypore, DT- Koraput- 764 001, Odisha declare by this Affidavit No.3949 Dated - 25/09/2025,that now onwards I shall be known as **POTNURU PRASAN KUMAR** for all future purpose.

**AFFIDAVIT**

I VYSYA PRABHAVATI, D/o DOKI SATAYANARAYANA & W/O VYSYARAJU KRISHNA RAJU, resident of Mill Street, Nabarangapur Road, Po/Ps- Borigumma, DT- Koraput-764 056, Odisha declare by this Affidavit No.3948, Dated - 25/09/2025,that now onwards I shall be known as **VYSYA RAJU PRABHAVATI** for all future purpose.

**AFFIDAVIT**

I, Ramesh Chandra Parida, aged about 67 years, S/o- Late Surendra Parida, resident of Raghupati Nagar, Puri- Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1969, dtd- 22/09/2025 that now onwards I shall be known as **RAMESH PARIDA** for all future purposes.

# ସବୁଠି ଶାରଦୀୟ ନବରାତ୍ର ପୂଜା

## ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାର







### ମାଁ ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା

ବରଗଡ଼, ୨୫।୯ (ସମିସ): ଜଗତଜନନୀ ମାଁ ଦୁର୍ଗା ଧରାପୃଷ୍ଠକୁ ଅବତରଣ କରିବା ଆଗରୁ ଭକ୍ତଙ୍କୁ ମାଁଙ୍କ ଆଗମନର ବାର୍ତ୍ତା ଦେବା ପାଇଁ ଶୁଭ୍ର ବେଶ ଧରି କାଶତଣ୍ଡି ସ୍ୱାଗତ କରିଥାଏ। ଦଶହରାରେ ଭକ୍ତିମୟ, ଶକ୍ତିମୟ ହୋଇଉଠେ ଧରାଧାମ। ମାଁ ମଙ୍ଗଳମୟୀ କେଉଁଠି ଦୁର୍ଗା ତ କେଉଁଠି ସମଲେଶ୍ୱରୀ ଆଉ କୁରୁଆଁ ଠାରେ ମାଁ ମାହେଶ୍ୱରୀ ରୂପରେ ପୂଜା ପାଇଥାନ୍ତି। ସମସ୍ତ ମାହେଶ୍ୱରୀ ପୀଠ ମଧ୍ୟରେ ବରଗଡ଼ ଜିଲ୍ଲାର ମାଁ ମାହେଶ୍ୱରୀ ଶକ୍ତି ପୀଠ କୁରୁଆଁ ଅନନ୍ୟ। ମାଁ ମାହେଶ୍ୱରୀ ଶକ୍ତି ପୀଠ କୁରୁଆଁ ଠାରେ ବର୍ଷ ତମାମ ମାହେଶ୍ୱରୀ ସଂସ୍କୃତିର ରୀତିନୀତି ପାଳନ ପୂର୍ବକ ମାଁଙ୍କୁ ଅନ୍ନଭୋଗ ଲାଗି ହୁଏ। ମାଁ ମାହେଶ୍ୱରୀ ସଂସ୍କୃତିରେ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଉପଚାର କରାଯାଏ। ମୂଳାଷ୍ଟମୀ ଦିନ ମାଁ ମାହେଶ୍ୱରୀଙ୍କର ଖଣ୍ଡାଧୁଆ ହୁଏ। ମାଁ ମାହେଶ୍ୱରୀ ଅନ୍ନପୂର୍ଣ୍ଣା ରୂପେ ପୂଜା ପାଇଥାନ୍ତି। ଆଶ୍ୱିନ ଅମାବାସ୍ୟା ଦିନ ଖଣ୍ଡା ଲେଉଟା ହୁଏ। ସେହିଦିନ ଠାରୁ ମାଁ ଉଗ୍ରରୂପ ଧାରଣ କରିଥାନ୍ତି। ମହାଷ୍ଟମୀ ଯାତ୍ରାରେ ମାଁ ଗମ୍ଭୀରାରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ମାଁ ମାହେଶ୍ୱରୀ ପାର୍ଶ୍ୱ ଦେବୀଙ୍କୁ ନେଇ ଦନ୍ତା ନଦୀକୁ ସ୍ନାନ ପାଇଁ ଯାଇଥାନ୍ତି। ଠିକ୍ ମହାଷ୍ଟମୀ ଯାଉଥିବା ଏବଂ ମହାନବମୀ ଆସୁଥିବା ସନ୍ଧି ବେଳାରେ ନଦୀ ପଠାରେ ମାଁଙ୍କର ସନ୍ଧି ପୂଜା ହୋଇଥାଏ। ପୂର୍ଣ୍ଣିମାରେ ମାଁ ମାହେଶ୍ୱରୀଙ୍କ ରଣଜୀତା ମହାପର୍ବ ଅନୁଷ୍ଠିତ ହୋଇଥାଏ। ମାଁ ମାହେଶ୍ୱରୀ ଶକ୍ତି ପୀଠରେ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା ହୋଇଆସୁଛି।

ଜଗନ୍ନାଥ ସଂସ୍କୃତିରେ ଯେପରି ପ୍ରତି ୧୨ ବର୍ଷ ବ୍ୟବଧାନରେ ନବକଳେବର ହୁଏ। ଠିକ୍ ସେହିପରି ମାଁ ମାହେଶ୍ୱରୀ ସଂସ୍କୃତିରେ ମାହେଶ୍ୱରୀଙ୍କର ଚଳନ୍ତି ପ୍ରତିମା ଶାଳକା ଦେବୀ ଏବଂ ପାର୍ଶ୍ୱ ଦେବୀ ମାଁ ଖମ୍ବେଶ୍ୱରୀଙ୍କର ନବକଳେବର ହୋଇଥାଏ। ଶାଳକା ଦେବୀଙ୍କ ବାଡି ଆଉ ଖମ୍ବେଶ୍ୱରୀ ଖମ୍ବରେ ଯେତେବେଳେ ଫାଟ ଦେଖାଯାଏ ମାଁ ଖମ୍ବେଶ୍ୱରୀ ତାଙ୍କର ସେବାୟତ ମାନଙ୍କୁ ସ୍ୱପ୍ନାଦେଶ ଦିଅନ୍ତି। କେଉଁ ଦିଗରେ ଏବଂ କେଉଁ ସ୍ଥାନରେ ଶାଳକା ଦେବୀଙ୍କ ପାଇଁ ମହୁର ବୃକ୍ଷ ଏବଂ ମାଁ ଖମ୍ବେଶ୍ୱରୀ ଦେବୀଙ୍କ ପାଇଁ ରୋହିଣୀ ବୃକ୍ଷ ଠାବ ହେବ ତାହା ସ୍ୱପ୍ନରେ ଜଣାଇଥାନ୍ତି। ପରଦିନ ସେବାୟତମାନେ ଦାରୁ ଅନ୍ୱେଷଣରେ ବାହାରିଥାନ୍ତି। ଯେଉଁ ରୋହିଣୀ ବୃକ୍ଷରେ କୌଣସି ପ୍ରକାର କ୍ଷତ ଚିହ୍ନ ନଥିବ କିମ୍ବା କୌଣସି ପକ୍ଷୀ ବସା ବାନ୍ଧି ନ ଥିବ ସେହି ବୃକ୍ଷକୁ ଠାବ କରାଯାଇଥାଏ। ସେବାୟତ ମାନଙ୍କ ଦ୍ୱାରା ସେହି ବୃକ୍ଷରେ ନାଲି ଛିଟ ଏବଂ ଦହି ହାଣ୍ଡି ଝୁଲାଇ ଦିଆଯାଏ। ବ୍ରାହ୍ମଣ ଦାରୁ ଛେଦନ ପାଇଁ ଲଗ୍ନ ନିର୍ଦ୍ଧାରଣ କରିଥାନ୍ତି। ଲଗ୍ନ ଅନୁଯାୟୀ ମାଁ ମାହେଶ୍ୱରୀ ମନ୍ଦିରରୁ ମାହେଶ୍ୱରୀଙ୍କର ପାର୍ଶ୍ୱ ଦେବୀ ବୁଢ଼ାରଜା, ଧଳା ଛତ୍ର, କଳା ଛତ୍ର, ନାରାୟଣୀ, ମାଁ ମାହେଶ୍ୱରୀଙ୍କର ଚଳନ୍ତି ପ୍ରତିମା ଶାଳକା ଦେବୀ, ବରୁଆ ଏବଂ ସେବାୟତ ମାନେ ଘଣ୍ଟ ଶଙ୍ଖ ବାଜାଦଳ ସହ ବୃକ୍ଷ ଛେଦନ ପାଇଁ ଶୋଭାଯାତ୍ରାରେ ବାହାରିଥାନ୍ତି। ପଣ୍ଡିତ ମହାଶୟଙ୍କ ଶୁଦ୍ଧି ତନ୍ତ୍ର ପାଠ କରି ଠାବ ହୋଇଥିବା ବୃକ୍ଷକୁ ଶୁଦ୍ଧ କରିଥାନ୍ତି। ସମସ୍ତ ଦେବାଦେବୀଙ୍କୁ ପୂଜନ କରି ମାଁଙ୍କ ପାଟଖଣ୍ଡା ଦ୍ୱାରା ବୃକ୍ଷ ଛେଦନ ହୁଏ। ନବକଳେବର ସମୟରେ ଯେମିତି ପ୍ରଭୁ ଜଗନ୍ନାଥଙ୍କ ଗୁପ୍ତ ନୀତି ଏବଂ ବ୍ରହ୍ମ ପରିବର୍ତ୍ତନ କରାଯାଇଥାଏ ଠିକ୍ ସେହିପରି ମାଁ ମାହେଶ୍ୱରୀଙ୍କର ସେବାୟତଙ୍କ ଦ୍ୱାରା ଗୁପ୍ତ ନୀତି ହୋଇ ବ୍ରହ୍ମ ପରିବର୍ତ୍ତନ କରାଯାଇଥାଏ ବୋଲି ସୂଚନା ରହିଛି।

### ମାଁଙ୍କୁ ଦର୍ଶନ କଲେ ସାଂସଦ

ପାଇକମାଳ: ପାଇକମାଳରେ ଶାରଦୀୟ ନବରାତ୍ର ଦୂର୍ଗାପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସାଂସଦଙ୍କ ନିଜ ଗାଁ ପାଇକମାଳରେ ଶାରଦୀୟ ନବରାତ୍ର ଦୂର୍ଗାପୂଜା ହେଉଥିବା ବେଳେ ନବରାତ୍ରର ତୃତୀୟ ଦିନରେ ମାଁଙ୍କ ଚନ୍ଦ୍ରଘଣ୍ଟା ବେଶ ହୋଇଥିଲା। ସାଂସଦ ପ୍ରଦୀପ ପୁରୋହିତ ମେଢ଼କୁ ଯାଇ ମାଁଙ୍କୁ ଦର୍ଶନ କରିବା ସୌଭାଗ୍ୟ ଲାଭ କରିଥିଲେ। ନବରାତ୍ର ଦୂର୍ଗାପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ଆୟୋଜକ କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ନବରାତ୍ର ଦୂର୍ଗାପୂଜା ପରିଚାଳନା କମିଟିର ସଭାପତି ସୁଶାନ୍ତ ନାଗ, ଉପସଭାପତି ରାକେଶ ଅଗ୍ରୱାଲ, ସମ୍ପାଦକ ଆଶୁତୋଷ ସାହୁ, ସହ ସମ୍ପାଦକ ଯୋଗେନ୍ଦ୍ର ଭୋଇ, ଆଇନଜୀବୀ ରାଜକିଶୋର ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ଗୁଣନାଗ, କୈଳାସ ଦିଶ୍ରୀ, ଏମଡିରାଜ, ଇନ୍ଦ୍ରଜିତ ଭୋଇ, ହରେକୃଷ୍ଣ ସୁନା, ରାଜେନ୍ଦ୍ର ସେଠ, ମାଧବ ପାଣିଗ୍ରାହୀ, ବିକି ଅଗ୍ରୱାଲ, ଉକ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମହଦା ଜଡ଼ାମୁଣ୍ଡା ମାଁ ସମଲେଶ୍ୱରୀ ମନ୍ଦିର

ବରପାଲି/ମହଦା: ବରପାଲି ବ୍ଲକ ମହଦା ଜଡ଼ାମୁଣ୍ଡା ମାଁ ସମଲେଶ୍ୱରୀଙ୍କ ଶାରଦୀୟ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ପୂଜାକର୍ତ୍ତା ନାରାୟଣ ପ୍ରଧାନ ଓ ଭୋଲାନାଥ ସାହୁ ସପତ୍ନୀକ ଭାବେ ଏବଂ ବହୁ ଭକ୍ତ ପୂଜନୋତ୍ସବରେ ଉପସ୍ଥିତ ଥିଲେ। ଶାରଦୀୟ ନବରାତ୍ର ପୂଜାର୍ଚ୍ଚନା ମାଁଙ୍କ ବିଭିନ୍ନ ରୂପରେ ଭିନ୍ନଭିନ୍ନ ମଣ୍ଡପ ଏବଂ ଦେବୀ ମନ୍ଦିର ମାନଙ୍କରେ ଧୁମଧାମରେ ଆଗେଇ ଚାଲିଛି। ପରମ୍ପରା ଅନୁସାରେ ପଣ୍ଡିତ ମାନେ ଗତ ୨୨ ତାରିଖ ନବରାତ୍ର ପୂଜାର ଶୁଭାରମ୍ଭ କରିଥିଲେ।

ଗୁରୁବାର ନୀତିକାନ୍ତି ସହ ପଣ୍ଡିତ ସୁଶାନ୍ତ ତ୍ରିପାଠୀ ଓ ପଦ୍ମନାଭ ତ୍ରିପାଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ପରେ ଚଣ୍ଡୀ ପାଠ ବିଧି ସହ ହୋମଯଜ୍ଞ ଘୃତାହୁତୀ ପର୍ବ ଆରମ୍ଭ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁ ନିଜ ମନସ୍କାମନା ପୂରଣ ପାଇଁ ମାଁଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ।

## ପଦ୍ମପୁର ଉପଖଣ୍ଡ ଜଳାର୍ଣ୍ଣବ, ପନିପରିବା ନଷ୍ଟ ଆଶଙ୍କା

ପଦ୍ମପୁର, ୨୫।୯ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ମଙ୍ଗଳବାର ରାତିରୁ ପ୍ରବଳ ବର୍ଷା ଜାରି ରହିଥିବା ବେଳେ ବୁଧବାର ଓ ଗୁରବାର ତୁହାକୁ ତୁହା ବର୍ଷା ଲାଗି ରହିଛି। ସୋହେଲା ବ୍ଲକରେ ସର୍ବାଧିକ ୧୦୧ ମିଲିମିଟର ବର୍ଷା ହୋଇଥିବା ବେଳେ ବିଜେପୁରରେ ୮୮ ମିମି, ଗାଇସିଲେଟରେ ୪୧ମିମି, ଝାରବନ୍ଧରେ ୫୨ମିମି, ପଦ୍ମପୁରରେ ୬୨ମିମି ଓ ପାଇକମାଲରେ ୮୦ ମିମି ବର୍ଷା ରେକର୍ଡ ହୋଇଛି। ଅନେକ ସ୍ଥାନରେ ପାଣି ଜମା ରହିଥିବା ବେଳେ ଚାଷୀଙ୍କ ଫସଲରୁ ପାଣି ନିଷ୍କାସନ ହୋଇ ନ ପାରି ପନିପରିବା ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି।

● ଗନ୍ଧମାର୍ଦ୍ଦନ ପର୍ବତ ଜୈବ ବିବିଧତାର ସୁରକ୍ଷା

## କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କୁ ସାଂସଦଙ୍କ ପତ୍ର

ପଦ୍ମପୁର, ୨୫।୯ (ସମିସ): ଗନ୍ଧମାର୍ଦ୍ଦନ ପର୍ବତର ଜୈବ ବିବିଧତାର ସୁରକ୍ଷା ଓ ନୃସିଂହନାଥ ତଥା ହରିଶଙ୍କରର ବିକାଶ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ପତ୍ର ଲେଖି ଜଣାଇଛନ୍ତି। ଓଡ଼ିଶାର ବଲାଙ୍ଗିର ଏବଂ ବରଗଡ଼ ଜିଲ୍ଲାରେ ବିସ୍ତୃତ ଔଷଧୀୟ ବନସ୍ପତି ଭରା ଗନ୍ଧମାର୍ଦ୍ଦନ ପାହାଡକୁ ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବେ ମାନ୍ୟତା ଦିଆଯାଇଛି। ଗନ୍ଧମାର୍ଦ୍ଦନ ପାହାଡକୁ ପ୍ରାୟତଃ 'ଆୟୁର୍ବେଦିକ ସ୍ୱର୍ଗ' ଭାବେ ଉଲ୍ଲେଖ କରାଯାଏ। ଏଠାରେ ୧୦୦୦ରୁ ଅଧିକ ପ୍ରଜାତିର ଔଷଧୀୟ ବନସ୍ପତି ରହିଛି। ତନ୍ମଧ୍ୟରୁ ଅନେକ ବିରଳ ପ୍ରଜାତିର ଶତାବ୍ଦୀ ଧରି, ପାରମ୍ପରିକ ଚିକିତ୍ସକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସ୍ୱଦେଶୀ ସ୍ୱାସ୍ଥ୍ୟସେବା ଅଭ୍ୟାସ ପାଇଁ ଏହି ଔଷଧି ଉପରେ ନିର୍ଭର କରିଆସୁଛନ୍ତି। ଏହି ପାହାଡଗୁଡିକ କେବଳ ଏକ ଜୈବ ବିବିଧତା ହଟସ୍ପଟ୍ ନୁହେଁ ବରଂ ଭାରତର ପାରମ୍ପରିକ ଜ୍ଞାନ ବ୍ୟବସ୍ଥାର ଏକ ଅମୂଲ୍ୟ ସମ୍ପତ୍ତି ଅଟେ ବୋଲି ପତ୍ରରେ ସାଂସଦ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ଗନ୍ଧମାର୍ଦ୍ଦନର ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ଦାବି କରିଛନ୍ତି।

## ବିକାଶ ଲ' ସ୍କୁଲ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ବରଗଡ଼, ୨୫।୯ (ସମିସ): ବିକାଶ ଲ' ସ୍କୁଲ ଓ ବିକାଶ ଫାର୍ମାସି କଲେଜର ମିଳିତ ଆନୁକୂଲ୍ୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ଯୋଗଦେଇ ବିକାଶ ଫାର୍ମାସି କଲେଜର ଅଧ୍ୟକ୍ଷ ଡ.ଶୁଭେନ୍ଦୁ ଶେଖର ମିଶ୍ର 'ଲିଗାଲ୍ ଆଣ୍ଡ ରେଗୁଲେଟୋରି ଆସ୍ପେକ୍ଟସ୍ ଅଫ୍ ଫାର୍ମାସି ଇନ୍ ଇଣ୍ଡିଆ' ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ ଡି.ନାଗେଶ୍ୱର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବାନନ୍ଦ ସାହୁ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସନ୍ତୋଷୀ ସାହୁ, ସାଗତିକା ସାହୁ, ସୁଶୋଭିତା ଦାଶ, ସାଗରିକା ବିଶ୍ୱାଳ, ଅଞ୍ଜନା ପୂଜାରୀ ଓ ଲ' ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଲ' ସ୍କୁଲର ଅଧ୍ୟାପକ ଜୈମିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

ବରଗଡ଼, ୨୫।୯ (ସମିସ): ବିକାଶ ଆବାସିକ ବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଗୁରୁବାର 'ପ୍ରଭାବଶାଳୀ ଯୋଗାଯୋଗରେ ପ୍ରତିବନ୍ଧକ ଏବଂ ଏହାର ପ୍ରତିକାର' ସମ୍ବନ୍ଧୀୟ ଆଲୋଚନା କରାଯାଇଛି। ଏଥିରେ ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ ଏସ୍ କାନ୍ତାରାଓ, ଅଧ୍ୟାପକ ପବିତ୍ର ମୋହନ ସାହୁ, ବାଣିଜ୍ୟ ବିଭାଗର ସଂଯୋଜକ ସୁଜିତ ଦୋରା, ସହଯୋଗୀ ଅଧ୍ୟାପକ ଅନିକେତ ଚୌହାନ ଏବଂ ବାଣିଜ୍ୟ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ଏବଂ ଅଧ୍ୟାପିକା ବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ଉଭୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ପ୍ରତ୍ୟୁଷ, ନବନୀତ, ଆଦର୍ଶ, ସ୍ୱସ୍ତିକ, ନିଖୋଲ, ଭ୍ରଂଶସିତ, ଏସ୍ ଗୋପିନାଥ, ନେହା, ନିହାରିକା, ସଞ୍ଜନା, ରିସିତା, ସ୍ନେହା, ସୋନାଲି ଆଲୋଚନା ଚକ୍ରର ବିଷୟବସ୍ତୁ ଉପରେ ବିସ୍ତୃତ ଧାରଣା ଉପସ୍ଥାପନା କରିଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ଅଧ୍ୟାପକ ସୁଜିତ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଶ୍ୱ ହିନ୍ଦୀ ଦିବସ

ବରପାଲି, ୨୫।୯ (ସମିସ): ବରପାଲି ଜଗବନ୍ଧୁ ଦାସ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ବିଭାଗ ଅଧ୍ୟାପକ ନେପାଳ ବିଶ୍ୱାଳଙ୍କ ପରିଚାଳନା ସଭାରେ ମୁଖ୍ୟ ବକ୍ତା ଭାବେ ପାର୍ବତୀ ଗିରୀ ମହିଳା ମହାବିଦ୍ୟାଳୟ ବରଗଡ଼ର ହିନ୍ଦୀ ବିଭାଗ ମୁଖ୍ୟ ଅଧ୍ୟକ୍ଷା ରଞ୍ଜିତା ନାୟକ ଯୋଗ ଦେଇଥିଲେ। ହିନ୍ଦୀ ବିଭାଗର ଅଧ୍ୟାପିକା ଜ୍ୟୋତି ସାହୁ ସେମିନାରର କେନ୍ଦ୍ରୀୟ ଧାରଣା ବ୍ୟାଖ୍ୟା କରି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ବିଶ୍ୱ ସ୍ତରରେ ହିନ୍ଦୀ ଭାଷାର ବ୍ୟବହାର ଉପରେ ମତ ରଖିଥିଲେ। ଶେଷରେ ଅଧ୍ୟାପିକା ଜ୍ୟୋତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟେନରରେ ଗୋରୁ ଚାଲାଣ, ୩ ଅଟକ




ବରଗଡ଼, ୨୫।୯ (ସମିସ): କଣ୍ଟେନରରେ ଗୋରୁ ଚାଲାଣ କରୁଥିବା ସମୟରେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ବରତୁଣ୍ଡା ଅଞ୍ଚଳରୁ ପାଇକମାଳ ପୁଲିସ ଗାଡି ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି। ବରତୁଣ୍ଡା ଠାରେ ଗୋଟିଏ ଗୋରୁ ବଜାର ରହିଛି। ଏ ଅଞ୍ଚଳରୁ ଗୋରୁ ଚାଲାଣ ହେଉଥିବା ଖବର ବିଭିନ୍ନ ସମୟରେ ସାମ୍ନାକୁ ଆସିଥାଏ। ବୁଧବାର ଚେରେଙ୍ଗାଝାଞ୍ଜ ଠାରେ ଅପରାହ୍ଣରେ ଗୋଟିଏ କଣ୍ଟେନରରେ ଗୋରୁ ଚାଲାଣ ହେଉଥିବା ସମୟରେ ପାଇକମାଳ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। କଣ୍ଟେନରକୁ ପୁଲିସ ଜବତ କରିବା ସହ ୮ଟି ଗୋରୁ ଉଦ୍ଧାର କରି ତିନି ଜଣକୁ ଗିରଫ କରିଛି। ସେମାନେ ଉତ୍ତର ପ୍ରଦେଶର ଜିତେନ୍ଦ୍ର (୩୨), ଗୁଲଜର ଅହମ୍ମଦ(୩୮) ଓ ପାଇକମାଳ ଥାନା ଜାମସେଠର ଘନ ଶବର (୪୫) ବୋଲି ଜଣା ପଡ଼ିଛି। ସେମାନଙ୍କ ନାମରେ ପାଇକମାଳରେ କେସ ରୁଜୁ କରି କୋର୍ଟଚାଲାଣ କରାଯାଇଛି। ଉଦ୍ଧାର ଗୋରୁଙ୍କୁ ଗନ୍ଧମାର୍ଦ୍ଦନ ଗୋଶାଳାରେ ଛଡା ଯାଇଛି। ମାଫିଆ ମାନେ ନିରୀହ ଲୋକଙ୍କୁ ପ୍ରବର୍ତ୍ତାଇ ଗୋରୁ ଚାଲାଣ କରିବାକୁ କହୁଥିବା ବେଳେ ସେମାନେ ପୁଲିସ ହାବୁଡରେ ପଡ଼ି ଜେଲ ଯାଉଛନ୍ତି। ହେଲେ ପୁଲିସ ଚଢ଼ାଉ ବେଳେ ମାଫିଆମାନେ ବର୍ତ୍ତି ଯାଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।



## ଅଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ଜୋନାଲ ଚାମ୍ପିଅନ୍

ପଦ୍ମପୁର, ୨୫।୯ (ସମିସ): ଓଡ଼ିଶା ସରକାର ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କବାଡି(ବାଳକ) ପ୍ରତିଯୋଗୀତାରେ ଅଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁର ୮ମ ଜୋନର ଜୋନାଲ୍ ଚାମ୍ପିଅନ୍ ହୋଇଛି। ୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନେଇ ଗଠିତ ହୋଇଥିବା ୮ମ ଜୋନର ସମସ୍ତ ମ୍ୟାଚ୍ କଣ୍ଟାବାଞ୍ଜି ଭୋକେସ୍ନାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ପଡ଼ିଆରେ ଖେଳାଯାଇଥିଲା। ଚୂଡାନ୍ତ ମ୍ୟାଚ୍‌ରେ ଅଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଲ୍ଲିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସିନ୍ଦେଧକେଲାକୁ ୨୫-୬ ପଏଣ୍ଟରେ ପରାସ୍ତ କରି ବିଜୟୀ ହୋଇଥିଲା। ବିଜେତା ଖେଳାଳି ମାନଙ୍କୁ ଉତ୍ସାହିତ କରିବା ପାଇଁ ମହାବିଦ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।




ଖେଳ ଶିକ୍ଷକ ସଦାନନ୍ଦ ସାହୁ ଖେଳାଳି ମାନଙ୍କୁ ଫାଇନାଲ ମ୍ୟାଚ୍ ପାଇଁ ଶୁଭକାମନା ଜଣାଇଥିଲେ। ରାଉରକେଲା ମ୍ୟୁନିସିପାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜୋନ୍ ଫାଇନାଲ୍ ମ୍ୟାଚ୍ ହେବ। ଶେଷରେ କ୍ରୀଡା ସଂସଦର ଉପସଭାପତି ଷଡ଼ାନନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

● ସୋହେଲା ଦୁର୍ଗାପୂଜା ଜିଲ୍ଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା

## ଅତାବିରାକୁ ହରାଇ ଗର୍ଭଣା ସେମିଫାଇନାଲରେ

ସୋହେଲା, ୨୫।୯ (ସମିସ): ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଚାଲିଥିବା ଜିଲ୍ଲା



ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଗର୍ଭଣା ଏବଂ ଅତାବିରା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଅତାବିରା ଦଳକୁ ହରାଇ ଗର୍ଭଣା ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଗର୍ଭଣା ଦଳର ଅଜିତ ନେଗି ଏକ ଗୋଲ କରି ଗର୍ଭଣା ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଅତାବିରା ଦଳର ତୁଡେଶ୍ୱର ମିର୍ଧା ଗୋଲ ପରିଶୋଧ କରିଥିଲେ। ଏହା ପରେ ନିର୍ଦ୍ଧାରିତ ସମୟରେ ଆଉ କେହି ଗୋଲ କରି ନ ପାରିବାରୁ ଫଳାଫଳ ପାଇଁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ଗର୍ଭଣା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍ ପ୍ରାରମ୍ଭରେ ଦୁର୍ଗାପୂଜା କମିଟିର ଉପସଭାପତି ବଳବୀର ସିଂ ଠାକୁର ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଗର୍ଭଣା ଦଳର ଅଜିତ ନେଗିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇ ଥିଲା। ଆଜିର ମ୍ୟାଚ୍‌କୁ ପଞ୍ଚାନନ ପାତ୍ର, ଅଭୟ ପଧାନ, ଶିବୁ ଅଗ୍ରୱାଲ, ରଞ୍ଜିତ ଛତରିଆ ପରିଚାଳନା କରିଥିଲେ। ଆସନ୍ତାକାଲି ସୋହେଲା ଏବଂ ଅମୃତଧାରା ବରଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ଏସ୍‌ଇଏମ୍ ପମ୍ପ ଚାଳକ ସଂଘ ତରଫରୁ ଦାବିପତ୍ର



ଭେଡେନ, ୨୫।୯ (ସମିସ): ଭେଡେନ ବ୍ଲକ ଏସ୍‌ଇଏମ୍ ପମ୍ପ ଚାଳକ ସଙ୍ଘ ଭେଡେନର ସଦସ୍ୟ ମାନେ ଭେଡେନ ବିଡିଓ କର୍ଣ୍ଣ ସୁନାଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଭେଡେନ ବ୍ଲକ ଅଧୀନ ସମସ୍ତ ନଳକୂପ ମରାମତି ଓ ପାଇପ ଜଳ ଯୋଗାଣ କାର୍ଯ୍ୟରେ ଦୀର୍ଘ ୨୪ବର୍ଷ କାମ କରୁଛନ୍ତି। ସେମାନେ ପାରଶ୍ରମିକ ବାବଦକୁ ୩୨୫୦ ଟଙ୍କା ପାଉଛନ୍ତି ତା ସହିତ ୩ବର୍ଷ ପୂର୍ବରୁ ମେଗା ଜଳ ଯୋଗାଣ ପ୍ରକଳ୍ପର ଜଳଯୋଗାଣ ତାଲିମ ନେଇଛନ୍ତି। ହେଲେ ବର୍ତ୍ତମାନ ଭେଡେନ ବ୍ଲକରେ ମେଗା ଜଳଯୋଗାଣ ଆରମ୍ଭ ହୋଇଥିବା ବେଳେ ସେମାନଙ୍କୁ ଅଣଦେଖା କରାଯାଇଛି। ସେମାନେ ସମସ୍ତେ ତାଲିମ ପ୍ରାପ୍ତ ହୋଇଥିବାରୁ ସମସ୍ତଙ୍କୁ ମେଗା ଜଳଯୋଗାଣ କାର୍ଯ୍ୟରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ଏସଇଏମ ପମ୍ପ ଚାଳକ ସଙ୍ଘର କର୍ମଚାରୀ ଉପସ୍ଥିତ ଥିଲେ।

## ସମାଜସେବୀ ବିକାଶ ଅଗ୍ରୱାଲଙ୍କୁ ମରଣାନ୍ତକ ଆକ୍ରମଣ

ବରଗଡ଼, ୨୫।୯ (ସମିସ)

ବରଗଡ଼ର ଜଣାଶୁଣା ସମାଜସେବୀ ବିକାଶ ଅଗ୍ରୱାଲଙ୍କ ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ନେଇ ଟାଉନ ଥାନାରେ ଏତଲା ଦାୟର ହୋଇଛି। ଆକ୍ରୋଶମୂଳକ ଭାବେ ଦୁର୍ବୃତ୍ତ ମାନେ ଏପରି କାଣ୍ଡ ଭିଆଇ ଥିବା ଅଭିଯୋଗ ହୋଇଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବିକାଶ ଅଗ୍ରୱାଲ ଓ ତାଙ୍କ ସାଥୀ ମାନେ ଘଟଣା ସମ୍ପର୍କରେ ଜଣାଇବା ସହ କାହିଁକି ତାଙ୍କ ଉପରେ ଆକ୍ରମଣ କରାଗଲା ସୂଚନା ଦେଇଥିଲେ। ଦିନ ୧୨.୩୦ରେ ବିକାଶ ନିଜ ଦୋକାନରେ ଥିବା ସମୟରେ ୨୦ ରୁ ୨୫ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଅତର୍କିତ ଭାବେ ଆକ୍ରମଣ କରି ଫେରାର ହୋଇ ଯାଇଥିବା ବିକାଶ ଅଭିଯୋଗ କରିଛନ୍ତି।

ଗତ ଦୁଇ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ଚୋରି ଘଟଣା ସମ୍ପର୍କରେ ସକାଳ ଖବରକାଗଜ ସମେତ ବିଭିନ୍ନ ଖବରକାଗଜ



ଓ ସାମାଜିକ ଗଣମାଧ୍ୟମରେ ଏହା ପ୍ରସାରିତ ହୋଇଥିଲା। ଏହାକୁ ନେଇ ଆକ୍ରୋଶ ରଖି ଏପରି ଆକ୍ରମଣ ହୋଇଥାଇ ପାରେ ବୋଲି ବିକାଶ ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଂକଳ୍ପ ପରିବାରର ସମ୍ପାଦକ ଜି.ରମେଶ ସମାଜସେବା କ୍ଷେତ୍ରରେ ବିକାଶ କାର୍ଯ୍ୟ କରୁଥିବା ବେଳେ ଏପରି ଘଟଣା ନିନ୍ଦନୀୟ ବୋଲି କହିଥିଲେ। ସେହିପରି ସାମଜିକ ସଂଗଠନ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ମଧ ବିକାଶ ଅଗ୍ରୱାଲ ଓ ସଂକଳ୍ପ ପରିବାରର କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହି ଆକ୍ରମଣର ଦୃଢ଼ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ଆଲୋକ ପ୍ରଧାନ ଘଟଣାର ନିନ୍ଦା କରିବା ସହ ଏପରି ଘଟଣା ଦ୍ୱାରା ସମାଜସେବୀ ମାନେ ନିରୁତ୍ସାହିତ ହେବେ ବୋଲି କହିଥିଲେ। ସେହିପରି ଆମ୍ବେଦକର ଯୁବା ସଂଘର ଅବିନାଶ ବାଗ ତଥା ଅନେକ ସାମାଜିକ ସଂଗଠନର ପ୍ରତିନିଧି ମାନେ ଘଟଣାକୁ ନିନ୍ଦା କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ, ପୁଲିସ ବିଭାଗ, ଅବକାରୀ ବିଭାଗ ତଥା ବରଗଡ଼ ସମସ୍ତ ଜନସାଧାରଣ ମିଶି ବରଗଡ଼ ସହରକୁ ନିଶାମୁକ୍ତ ନ କଲେ ଆଗାମୀ ଦିନରେ ବରଗଡ଼ ସହର ନିଶାର ଗଡ଼ରେ ପରିଣତ ହେବ

● ଆକ୍ରମଣକୁ ଘୋର ନିନ୍ଦା ଓ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବି
● ବରଗଡ଼କୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଦାବି

ବୋଲି ମତ ପ୍ରକାଶ ପାଇଥିଲା। ବିଶିଷ୍ଟ ସମାଜସେବୀ ତଥା ସଂକଳ୍ପ ପରିବାର ମୁଖ୍ୟ ବିକାଶ ଅଗ୍ରୱାଲଙ୍କୁ ମରଣାନ୍ତକ ଆକ୍ରମଣକୁ ସବୁ ମହଲରେ ନିନ୍ଦା କରିବା ସହ ବରଗଡ଼ ପୁଲିସ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି ବୈଠକରେ ଦାବି କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

# ଝାରସୁଗୁଡ଼ାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତୁତି ସମୀକ୍ଷା



ଝାରସୁଗୁଡ଼ା,୨୫।୯ (ସମିସ): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ ପରେ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ଝାରସୁଗୁଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏହାପରେ ସେ ଅମଲୀପାଲି ସ୍ଥିତ ସଭା ସ୍ଥଳରେ ପହଞ୍ଚି କାର୍ଯ୍ୟ ତଦାରଖ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଗତ ୩ ଦିନ ହେବ ରାଜ୍ୟସ୍ତରୀୟ ଅଧିକାରୀ ଓ ମନ୍ତ୍ରୀଙ୍କ ଝାରସୁଗୁଡ଼ାରେ ସମୀକ୍ଷା ଚାଲିଛି। ତେବେ ଗୁରୁବାର ଖୋଦ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାକୁ ଆସି ସମୀକ୍ଷା କରିଛନ୍ତି। ୨୭ ତାରିଖରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଗସ୍ତରେ ଆସିବେ ଏବଂ ଅମଲୀପାଲିସ୍ଥିତ ପଡ଼ିଆରେ ଆୟୋଜିତ ସଭାକୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାବାସୀଙ୍କ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ସାମିଲ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ାରେ ସମୀକ୍ଷା ପୂର୍ବରୁ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସଭାସ୍ଥଳରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ବିମାନବନ୍ଦରରୁ ନେଇ ସଭାସ୍ଥଳ ଯାଏଁ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, କେଉଁଠି ସଭାକୁ ଆସୁଥିବା ଲୋକଙ୍କ ଯାଞ୍ଚ ହେବ ସେନେଇ ଡିଜିପି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବେଳେ ଏଡିଜି ଆଇନ ଶୃଙ୍ଖଳା ସନ୍ତୋଷ ବାର୍ଲା, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଝାରସୁଗୁଡ଼ା ଏସପିଜି ଆର ରାଘବେନ୍ଦ୍ର, ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା, ସୋନପୁର ଏସପି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀରବି ନାଏକ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର, ସଂଗଠନ ସମ୍ପାଦକ ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ବୈଠକ



**ଝାରସୁଗୁଡ଼ା:** ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ଆରପି କୁଚେ, ପୁଲିସ ଏଡିଜି ସନ୍ତୋଷ ବାଲା, ଆଇଜି ହିମାଂଶୁ ଲାଲ, ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ଉପଲକ୍ଷେ ସମସ୍ତ ଆୟୋଜନ କିଭଳି ଭାବେ ସମ୍ପାଦିତ ହେବ ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଆରଡିସି ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଜି ଅପରାହ୍ଣରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଏସ୍‌ପିଜି ଆଇଜିଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇଜି, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଡିଏଫଓ, ଏସ୍‌ପିଜିର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପାର୍ବଣର ଆଗମନ, କାଶତଣ୍ଡୀରେ ସଜେଇ ହୋଇଛି ପ୍ରକୃତିରାଣୀ



ପଦ୍ମପୁର,୨୫।୯ (ସମିସ): କାଶତଣ୍ଡି ଫୁଲ ଶରତ ଋତୁରେ ପ୍ରକୃତିର ଅଦ୍ୱିତୀୟ ସୃଷ୍ଟି। ଶରତର ଆଗମନ ପରେ ଏବେ ସବୁଠି କାଶତଣ୍ଡିର ସମ୍ଭାର ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ରାସ୍ତାକଡ ହେଉ କି ନଇପଠା, ଏପରିକି ବିଲହିଡରେ ମଧ୍ୟ କାଶତଣ୍ଡି ଶୋଭା ପାଉଛି। ସତେ ଯେମିତି କାଶତଣ୍ଡି ଜଗତଜନନୀ ମାଁ ଦୁର୍ଗାଙ୍କ ଆଗମନକୁ ଚାହିଁ ରହିଛି। ଆଉ ପ୍ରକୃତିର ଏହିରୂପ ସମସ୍ତଙ୍କୁ ଆନମନା କରିଛି। ପାର୍ବଣ ଋତୁ ଆସି ପହଞ୍ଚିଲାଣି, ଆଉ କିଛିଦିନ ପରେ ଧରାବତରଣ କରିବେ ଜଗତଜନନୀ ମାଁ ଦୁର୍ଗା। ମାଁଙ୍କୁ ସ୍ୱାଗତ କରିବାକୁ ବାହୁ ମେଲାଇ ବସିଛି କାଶତଣ୍ଡି ଫୁଲ। ବିଲବାଡି, ନଇପଠା ଓ ରାସ୍ତାଘାଟ ସବୁଠି ପସରା ମେଲୁଛି କାଶତଣ୍ଡିର। ସୁଲୁସୁଲିଆ ପବନରେ ଦୋହଲୁଥିବା କାଶତଣ୍ଡିକୁ ଦେଖି କ୍ଷଣିକ ପାଇଁ ଲୋକେ ଅଟକି ଯାଉଛନ୍ତି। ଅନ୍ୟପକ୍ଷରେ କବି ମନ ଉଚ୍ଛନ୍ନ ହେଉଛି। ସେ ନିଜ କବିତା ମାଧ୍ୟମରେ ପ୍ରକୃତିରାଣୀର ଅପୂର୍ବ ଶୋଭାରାଜି ବର୍ଣ୍ଣନା କରୁଛି। ଏହି କଥା ସତ ଯେ, କାଶତଣ୍ଡି ଫୁଲର ମହକ ନାହିଁ; କିନ୍ତୁ ଏହାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ଏହି ଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ। ବିଶେଷ କରି ରେଖାପଞ୍ଚମୀରେ କାଶତଣ୍ଡି ଫୁଲଗୁଚ୍ଛକୁ କବାଟରେ ବାନ୍ଧି ପୂଜା କରାଯାଏ। ତେବେ ଏହା ହିଁ ଲାସ୍ୟମୟୀ ପ୍ରକୃତିର ଜନସମାଜ ପ୍ରତି ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ।

## ରେଳଷ୍ଟେସନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୨୫।୯ (ସମିସ): ଦକ୍ଷିଣ ପୂର୍ବ ହାୱଡା ବମ୍ବେ ମୁଖ୍ୟ ରେଳପଥ ଜଙ୍କସନ ଝାରସୁଗୁଡ଼ା ରେଳୱେ ଷ୍ଟେସନରେ ଚକ୍ରଧରପୁର ଡିଇଏନ ଏଚଏମ ପିକେ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରବାର ଏକ ଦିନ ଏକ ଘଣ୍ଟା ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ ରେଳବିଭାଗୀୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ରାଜେଶ ଓ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଶ୍ୟାମସୁନ୍ଦର ରାଏଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ଝାରସୁଗୁଡ଼ାର ରେଳଷ୍ଟେସନର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଏମକେ ବେହୁରା, ରେଳବିଭାଗୀୟ ଚିଫ୍ କମରସିଆଲ ଇନସ୍ପେକ୍ଟର ଚନ୍ଦନ ମିଶ୍ରଙ୍କ ସମେତ ଅନେକ ଅଧିକାରୀ ଓ କର୍ମଚାରୀ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ଥିଲେ।

## ବିଶ୍ୱ ଜଳାତଙ୍କ ଦିବସ ସଚେତନତା

ଦେବଗଡ଼,୨୫।୯ (ସମିସ): ବାଲିରୋଇ ସ୍ଥିତ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡ.ବିଜୟ ପାତ୍ରଙ୍କ ଆବାହକତ୍ୱରେ ବିଶ୍ୱ ଜଳତାଙ୍କ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଯୋଗଦେଇ ବିଶ୍ୱ ଜଳାତଙ୍କ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଚେତନତା କାର୍ଯ୍ୟକ୍ରମ ବୈଠକରେ ଜଳତାଙ୍କରୋଗ କୁ କିପରି ପ୍ରତିରୋଧ କରାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଡିପିଏମଓଏଲଏମ ଶିଶିର ଷଡଙ୍ଗୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ବିଭିନ୍ନ ବିଭାଗ ଅଧିକାରୀ ଓ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ତାଲିମ ସଂଯୋଜକ ଡ.ପ୍ରଣତି ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓ ତିଳେଇବଣି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିଶି ସ୍ୱପ୍ନା ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ

ଝାରସୁଗୁଡ଼ା,୨୫।୯ (ସମିସ): ବ୍ରଜରାଜନଗର ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଉପଦେଷ୍ଟା ବିକ୍ରମ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ ମହନୀୟତା ବିଷୟରେ କହିଥିଲେ। ଉପଦେଷ୍ଟା ବିକ୍ରମ ପଧାନ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଲଳିତା ପ୍ରଧାନ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଡ.ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରେମ ସାଗର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଲୁଗୁ ଚରଣ ମାରାଣ୍ଡି ତଦାରଖ କରିଥିଲେ। ସମାରୋହରେ ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଅନୁପ ଗୁଲସନ୍ ଲାକ୍ରା, ଦୀପିକା କେରକେଟା, ହରିଶ ଭଟଟର, ଶିବା ତ୍ରିବେଦୀ ତଥା ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ଝାରସୁଗୁଡ଼ା,୨୫।୯ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଗୁରୁବାର କୋଲାବିରା ବ୍ଲକ୍ ଅଧୀନ କୁଳିହାମାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରବାସୀ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, କୋଲାବିରା ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ତରାଇ ଏବଂ ସ୍ଥାନୀୟ ସରପଞ୍ଚ ବିନୋଦିନୀ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣର ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଶ୍ରମିକ ମାନେ ବହୁଳ ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଜେପୁର ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା ଶିବିର

ବିଜେପୁର,୨୫।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁର ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଡିପିଏଚଓ ଭିବିଡି ଡ.ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଦନ୍ତରୋଗ ବିଶେଷଜ୍ଞ ଡ.ଆଶିଷ ପଣ୍ଡା, ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡ.ପୂର୍ଣ୍ଣ ଶଙ୍କର ମେହେର, ଶିଶୁରୋଗ ବିଶେଷଜ୍ଞ ଡ.ଅମିତ ଭୋଇ, ଜେନେରାଲ ଓପିଡି ଡ.ସୋନାଲି ମେହେର ଏବଂ ଡ.ସୁଦିପ୍ତ ପ୍ରଧାନ, ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମିଶ୍ର, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ରୁଦ୍ରଦେବ ତନସନା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହାପରେ ଡାକ୍ତର ମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବହୁ ସଂଖ୍ୟାରେ ରୋଗୀଙ୍କ ସମାଗମ ହୋଇଥିଲା। ୟୁଥ୍ ରେଡକ୍ରସ, ଏନଏସଏସ ଓ ଏନସିସି ବିଭାଗର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ରୋଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ବ୍ଲକସ୍ତରୀୟ ଆଶା ସମୂହ, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ। ଶିବିରରେ ସମୁଦାୟ ୧୫୪ ଜଣ ଛାତ୍ରଛାତ୍ରୀ ଟିଡି ଭ୍ୟାକ୍ସିନ ପାଇଥିବା ବେଳେ, ବିଭିନ୍ନ ବିଭାଗର ବିଶେଷଜ୍ଞ ମାନଙ୍କ ପାଖରେ ୫୬୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ମହିଳା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର



ବରଗଡ଼,୨୫।୯ (ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଲୋକ ସାହିତ୍ୟ ଆଧାରିତ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ.ପୁଷ୍ପାଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ଡ.ସଂଘମିତ୍ରା ମିଶ୍ରଙ୍କ ପରିଚାଳନାରେ ଆଲୋଚନା ଚକ୍ରର ପ୍ରଥମ ଅଧିବେସନ ହୋଇଥିଲା। ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ମୋନାଲିସା ସାହୁଙ୍କ ପ୍ରବନ୍ଧ ଥିଲା 'ଭୁଖା ନାଟକରେ ବଜନିୟାଁ ଜନ ଜାତିର ସଂଘର୍ଷ' ଉପରେ ଆଲୋଚନା ହୋଇଥିଲା। ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନ ଏହା ଉପରେ ଆଲୋକପାତ କରିଥିଲେ। ସେହିପରି ୨ୟ ପ୍ରବନ୍ଧ 'ସମ୍ବଲପୁରୀ ଲୋକଗୀତରେ ନାରୀ ଜୀବନର ଚିତ୍ର' ଉପସ୍ଥାପନ କରିଥିଲେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ଲୋପାମୁଦ୍ରା ପାଣିଗ୍ରାହୀ। ଏହାର ଆଲୋଚକ ଭାବେ ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ଡ.ସରୋଜ ଦେବତା ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପିକା ତୁଳମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ନାତକୋତ୍ତର ଓ ସ୍ନାତକ ନବାଗତା ଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ଡ.ଲକ୍ଷ୍ମୀବନ୍ତ ସାହୁଙ୍କ ସହଯୋଗିତାରେ ଭୁଖା ନାଟକର ସଂଗୀତ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ପ୍ରଭାସିନି ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ଶିକ୍ଷାନୁଷ୍ଠାନରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ● ବରପାଲି ମହାବିଦ୍ୟାଳୟ

ବରପାଲି,୨୫।୯ (ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବୁଧବାର ଉଦ୍ଭିଦ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଡମିନିଷ୍ଟ୍ରେଟିଭ୍ ବର୍ସାର ପ୍ରଧାପକ ସୁଶୀଳ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସେମିନାର ସଚିବ ରିତିକ ସାହୁ ବୈଠକରେ ସଭାପତିତ୍ୱ କରିଥିଲେ। +୩ ଦ୍ୱିତୀୟ ବର୍ଷ କରିସ୍ମା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଝାରବନ୍ଧ ଡିଗ୍ରୀ କଲେଜ

**ଝାରବନ୍ଧ:** ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଝାରବନ୍ଧ ଡିଗ୍ରୀ କଲେଜରେ ପାଳିତ ହୋଇଯାଇଛି। ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସିନିଅର ଛାତ୍ରଛାତ୍ରୀ ଫୁଲ, ଚନ୍ଦନ ଓ ସଙ୍ଗୀତ ମାଧ୍ୟମରେ ସ୍ୱାଗତ କରିଥିଲେ। ସଭାରେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ସାତ୍ତ୍ୱିକ ସାହୁ, ନବୀନ ମେହେର, ଗଗନ ବିହାରୀ ଦନଶନା, ରଶ୍ମି ମହାଲିଂ, ରିତାଞ୍ଜଳୀ ଗୁରୁ, ରୁକ୍ମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରିଙ୍କୁ ପ୍ରଧାନ ସୌରବ ବାରିକ, ମିଳେନ୍ଦ୍ର ବାଗ, ମୁରାରୀ ଦୀପ, ରଞ୍ଜନ ମାଝୀ, ଭାଗ୍ୟବାନ ସାହୁ, ସୁମିତ ପଟେଲ, ଯୋଗେନ୍ଦ୍ର ମହାପାତ୍ର, ପ୍ରିତମ ସାହୁ ଯୋଗେଶ ସାହୁ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ।

### ଅଞ୍ଚଳ ମହାବିଦ୍ୟାଳୟ

**ପଦ୍ମପୁର:** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗଦ୍ୱାରା ନବାଗତ ଛାତ୍ରଛାତ୍ରୀ ଏବଂ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକ ନିର୍ମଳ କୁମ୍ଭାରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱ ତଥା ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଛାତ୍ରୀ ଗୀତାଞ୍ଜଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତୁ ତୋଳିବାକୁ ଯାଇଥିବା ବୃଦ୍ଧଙ୍କୁ ଦଳିଦେଲା ହାତୀ

ଦେବଗଡ,୨୫।୯ (ସମିସ): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନ ଅଧୀନ ବୁଢ଼ାଖମଣ ଗାଁରେ ଛତୁ ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ବୁଢ଼ାଖମଣ ଗାଁର ବାଣେଶ୍ୱର ବେହେରା (୭୨) ବୋଲି ଜଣାପଡିଛି। ବାଣେଶ୍ୱର ଆଜି ସକାଳେ ପାଖ ଜଙ୍ଗଲକୁ ଛତୁ ଖୋଜିବାକୁ ଯାଇଥିବା ବେଳେ ଦନ୍ତା ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦାଙ୍କ ସହିତ ପରିବାର ଲୋକେ ଜଙ୍ଗଲ ଭିତରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ବାରକୋଟ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିଛିଦିନ ହେବ ଅଞ୍ଚଳରେ ହାତୀ ପଲ ଫସଲ ନଷ୍ଟ କରୁଛନ୍ତି। ହାତୀ ଆକ୍ରମଣରେ ବୃଦ୍ଧଙ୍କର ମୃତ୍ୟୁ ପରେ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ବନ ବିଭାଗର କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟାଳୟର ସୁରକ୍ଷା ଓ ନିରାପତ୍ତା ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ

ବରଗଡ଼,୨୫।୯ (ସମିସ): ବରଗଡ଼ ଜିଲ୍ଲା ସଦରମହକୁମାରେ ଅବସ୍ଥିତ ପିଏମଶ୍ରୀ ବାଳିକା ହାଇସ୍କୁଲ ବରଗଡ଼ରେ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ ହୋଇଯାଇଛି। ଏହି ପର୍ଯ୍ୟାୟର ତୃତୀୟ ଦିବସରେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ୍ ପତି ପ୍ରଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା ଓ ସମତା ଏବଂ ନୋଟିଂ ଓ ଡ୍ରାଫ୍ଟିଂ କରିବା ପଦ୍ଧତି ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ। ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁରୁଷୋତ୍ତମ୍ ବିଶି ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ପ୍ରଶିକ୍ଷକ ବେଣୁଧର ବରିହା ବିଦ୍ୟାଳୟ ବିକାଶ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ପେଡାଗୋଜି କୋର୍ଡିନେଟର୍ ପୁଷ୍ପାଞ୍ଜଳି ଦାଶ ତାଲିମ୍ ବିଷୟ ବସ୍ତୁ ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିଥିଲେ। ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ବିକାଶ ନିମନ୍ତେ ଆୟୋଜିତ ଏହି ତାଲିମ୍ ଶିବିରରେ ବିଜେପୁର ବ୍ଲକ୍ ଓ ସୋହେଲା ବ୍ଲକ୍‌ର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ବୋଲେରୋ ସହ ୬ କେଜି ଗଞ୍ଜେଇ ଜବତ

### ସନ୍ଦେହ ଘେରରେ ଅବକାରୀ ଅଧିକାରୀ



ଦେବଗଡ଼,୨୫।୯ (ସମିସ): ରିଆମାଳ ପଟୁ ଦେବଗଡ଼ ଅଭିମୁଖେ ଏକ ବୋଲେରୋରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ସୂଚନା ପାଇ ଗୁରୁବାର ସକାଳୁ ଅବକାରୀ ଅଧିକ୍ଷିକା ବାସନ୍ତୀପ୍ରଭା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ୫୩ ନମ୍ବର ଜାତୀୟ ରାଜପଥ ଚିକିଣିଘାଟି ଠାରେ ଛକି ରହିଥିଲେ। ବୋଲେରୋଟି ଉକ୍ତ ରାସ୍ତାରେ ଆସିବା ମାତ୍ରେ ଅବକାରୀ ବିଭାଗ କର୍ମଚାରୀ ମାନେ ଗାଡିର ଯାଞ୍ଚ କରିଥିଲେ। ଏଥିରେ ଗାଡିରୁ ଏକ ବସ୍ତାରେ ୬ କେଜି ଓଜନର ଗଞ୍ଜେଇ ଜବତ କରିଥିଲେ। ତେବେ ଏହି ସମୟରେ ବୋଲେରୋ ଗାଡି ଚାଳକ ଓ ଅନ୍ୟ ଜଣେ ଅଭିଯୁକ୍ତ ଅବକାରୀ କର୍ମଚାରୀଙ୍କ ଅବହେଳାର ସୁଯୋଗରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ ଅବକାରୀ କର୍ମଚାରୀ ମାନେ ଅଟକ ବୋଲେରୋ ଓ ୬ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଫେରାର ଅଭିଯୁକ୍ତ ଜଣକ ରିଆମାଳ ଥାନା ଗୁଣ୍ଡିଆପାଲି ଗାଁର ଉପେନ୍ଦ୍ର ପ୍ରଧାନ ବୋଲି ସୂଚନା ମିଳିଛି। ତେବେ ପୂର୍ବ ସୂଚନା ପାଇ ବେଆଇନ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ ପାଇଁ ଯାଇଥିବା ବିଭାଗୀୟ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ବିନା ଘଟଣାସ୍ଥଳରୁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ କିପରି ଜବତ ଗଞ୍ଜେଇ ଆଣିଲେ ବୋଲି ପ୍ରଶ୍ନ ଉଠିଛି। ଯଦି ଚଢ଼ଉ ପାଇଁ ଜଙ୍ଗଲିଆ ଘାଟିରାସ୍ତାକୁ ବାଛିଲେ ତେବେ ପର୍ଯ୍ୟାପ୍ତ କର୍ମଚାରୀ ନଥିଲେ କାହିଁକି ଏବଂ ଯଦି ଥିଲେ ତେବେ ସ୍ପଷ୍ଟ ଦିବାଲୋକରେ ଅଭିଯୁକ୍ତ ମାନେ ଫେରାର ହେଲେ କିପରି ବୋଲି ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଜବତ ଗଞ୍ଜେଇ ପରିମାଣକୁ ନେଇ ସାଧାରଣରେ ଅବକାରୀ କର୍ମଚାରୀଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ ପାଇଛି।

ସକାଳ THE SAKALA



## ନୂଆପଡ଼ାରେ ବିରଳ ମେରୁଦଣ୍ଡ ଅପରେସନ

# ଦୀର୍ଘ ଅଢେଇ ଘଣ୍ଟାର ସଫଳ ଅସ୍ତ୍ରୋପଚାର

ନୂଆପଡ଼ା, ୨୫ ।୯ (ସମିସ)

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମଥର ପାଇଁ ବିରଳ ମେରୁଦଣ୍ଡ ଅପରେସନ ହୋଇଯାଇଛି। ଅସ୍ଥି ବିଶେଷଜ୍ଞ ଡ. ବିପୁଲ କୁମାର ଗର୍ଗ ଏବଂ ତାଙ୍କ ଟିମ୍ ଦ୍ୱାରା ଦୀର୍ଘ ଅଢେଇ ଘଣ୍ଟାର ପ୍ରୟାସ ପରେ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ସିଡିଏମ ଡା. ଧନେଶ୍ୱର ସେଠୀଙ୍କ ଉତ୍ସାହ, ପ୍ରେରଣା ଓ ବିଶ୍ୱାସ ପାଇଁ ସମ୍ଭବ ହୋଇପାରଛି ଡାକ୍ତର କହିଛନ୍ତି। ଡ. ରଶ୍ମୀଜିତ ବେହେରା ଏନଏସଥିସିଆ ଦେଇଥିଲେ। ରୋଗୀ ଜଣକ କୋମନା ବ୍ଲକ ଶୁକଲିମୁଣ୍ଡି ଗାଁର ବିଭୀଷଣ ଶବର(୫୫)। ତାଙ୍କୁ ଏକ ବଳଦ ଶିଙ୍ଘରେ ଟେକି ଦେଇଥିବାରୁ ତାଙ୍କ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇ ପକ୍ଷାଘାତ ଗ୍ରସ୍ତ ହୋଇଯାଇଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।ପରିବାର ଲୋକ ସରକାରୀ ଡାକ୍ତରଙ୍କ ଉପରେ ଭରସା କରି ରହିଥିଲେ।ଏହି ସମର୍ପିତ ଚିକିତ୍ସକ ଦଳ ତାଙ୍କୁ ସର୍ଜରୀକରି ସୁସ୍ଥ କରିବାର ଆଶ୍ୱାସନା ଦେଇଥିଲେ।ରୋଗୀର ସର୍ଭିକାଲ ସ୍ପାଇନ ସର୍ଜରୀ ଆବଶ୍ୟକ ଥିଲା। ଏମିତି ସର୍ଜରୀ ପ୍ରାୟତଃ ମେଡିକାଲ କଲେଜରେ କିମ୍ବା ବଡବଡ କର୍ପୋରେଟ ହସ୍ପିଟାଲରେ ହୋଇଥାଏ। ପ୍ରାଇଭେଟ ହସ୍ପିଟାଲରେ ଏଇ ଅପରେସନ ଖର୍ଚ୍ଚ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥାଏ ବୋଲି ଡାକ୍ତରମାନେ କହନ୍ତି। ବୁଧବାର ବିଳମ୍ବିତ ରାତିରେ ତାଙ୍କର ଅପରେସନ ହୋଇଥିଲା। ସମୟରେ ସିଡିଏମଓ ଡା. ସେଠୀ, ଡିଏମଓ ଡା. ଲଳିତ ମୋହନ ବିଶି, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କିଛି ଦିନ ଆଗରୁ ସର୍ଜରୀ ବିଶେଷଜ୍ଞ ଡା. ସ୍ୱସ୍ତି ରେଖା ନାୟକ ଏବଂ ଟିମ୍ ଏଭଳି ଏକ ବିରଳ ଅପରେସନ କରି ଶରାଘାତ ବାଳକର ଜୀବନ ରକ୍ଷା କରିଥିଲେ। ଏହି ବିଷୟରେ ସିଡିଏମଓ ଡା.ସେଠୀ କହନ୍ତି ଏଭଳି ଅସାଧାରଣ ଅପରେସନ ପଛରେ ଜିଲ୍ଲାପାଳଙ୍କ ନିରନ୍ତର ପ୍ରୋତ୍ସାହନ ଓ ପ୍ରେରଣା ଆମକୁ ବଳ ଯୋଗାଇଥିଲା। ତାଙ୍କ ପ୍ରଚେଷ୍ଟାରେ ଏଠାରେ ଉନ୍ନତ ମାନର ଅପରେସନ ଥିଏଟର, ଓଟି କାର୍ଯ୍ୟକ୍ଷମ ହୋଇପାରିଛି, ଯାହା ଏଭଳି ବିଶେଷ କାମରେ ଆସୁଛି। ଏହି ସମର୍ପିତ ସର୍ଜରୀ ଟିମର ସମସ୍ତ ସଦସ୍ୟଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଧନ୍ୟବାଦ ଜ୍ଞାପନ କରିଛନ୍ତି।



## ମାଟୁଲଗାଁରେ ହାତୀ ଉପଦ୍ରବ

# ମକା ଓ ଧାନ ଫସଲ କଲେ ନଷ୍ଟ

**ଲାଞ୍ଜିଗଡ଼, ୨୫ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ମୂଷାନାଳ ସେକ୍ସନ ମାଟୁଲ ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଜାମଚୁଆଁ ଜଙ୍ଗଲରେ ୨୨ ଟିକିଆ ହାତୀପଲ ରହିଥିବା ବେଳେ ବୁଧବାର ରାତିରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ମାଟୁଲ ଗାଁରେ ଥିବା ମେରୁ ମାଝୀ, କରୁଣା ମାଝୀ ଓ ଜାମଚୁଆଁ ଗାଁର ଧାନୀ ମାଝୀ ଓ ଗୁରୁବନ ହରିଜନଙ୍କ ୨ ଏକର ମକା ଓ ୫ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ବହୁ କଷ୍ଟରେ ଧାର ଉର୍ଦ୍ଧାର କରି ମକା ଓ ଧାନ ଚାଷ କରିଥିଲା।ବର୍ତ୍ତମାନ ଧାନ କ୍ଷେତକୁ ହାତୀ ଦଳି ଚକଟି ନଷ୍ଟ କରିଦେଇଥିବାରୁ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଜାମଚୁଆଁ ଜଙ୍ଗଲଠାରେ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରେ ମୂଷାନାଳ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି। ଏନେଇ ମୁଷାନାଳ ବନପାଳ ଚିନ୍ତାମଣି ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇନଥିଲା। ସରକାରଙ୍କ ପକ୍ଷରୁ ଏମାନଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।



## ମହିଳାଙ୍କ ଆତ୍ମହତ୍ୟା

**ଲାଞ୍ଜିଗଡ଼, ୨୫ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସହର ବଜାରପଡ଼ାରେ ଏକ ଭଡା ଘରେ ଜଣେ ବିବାହିତା ମହିଳା ଗୁରୁବାର ସକାଳେ ବେକରେ ଶାଢ଼ୀ ଗୁଡେଇ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛି।ବେଦାନ୍ତ ସହଯୋଗୀ କମ୍ପାନୀରେ କାମ କରୁଥିବା ଉଦୟ ନାୟକଙ୍କ ସ୍ତ୍ରୀ ପ୍ରତିମା ନାୟକ (୪୫) ଅଟେ।ମୃତ ପ୍ରତିମାଙ୍କ ସ୍ୱାମୀ ଉଦୟ କିଛି ମାସ ହେଲା ଲାଞ୍ଜିଗଡ଼ ବଜାରପଡ଼ାରେ ଭଡାଘରେ ରହୁଛନ୍ତି। ଗୁରୁବାର କୌଣସି କାମରେ ସକାଳ ୮ ଘଣ୍ଟା ସମୟରେ ବାହାରକୁ ଯାଇଥିଲେ। ଫେରିବା ପରେ ଘର ଭିତରକୁ ଯାଇ ଦେଖିଲେ ପ୍ରତିମା ବେକରେ ଶାଢ଼ି ଗୁଡେଇ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତୁରନ୍ତ ଲାଞ୍ଜିଗଡ଼ ଥାନାରେ ଅଭିଯୋଗ କରିଥିଲେ।ଖବରପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ ସଞ୍ଜୟ ବୈଠାରୁ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଲାଞ୍ଜିଗଡ଼ ଥାନା କେଶ ନଂ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ଭାଲୁ କାମୁଡ଼ାରେ ମହିଳା ଗୁରୁତର

**ନୂଆପଡ଼ା, ୨୫ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଢ଼ୋର୍ଲାମୁଣ୍ଡା ଗାଁର ଘରମଣି ରାଉତ (୪୦)ଭାଲୁ କାମୁଡାରେ ଗୁରୁତର ହୋଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଘର ମଣି ସ୍ଥାନୀୟ ପାଟି ଡଙ୍ଗରକୁ ଛେଳି ଚାରାଇବାକୁ ଯାଇଥିବା ବେଳେ ଜଙ୍ଗଲି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଉକ୍ତ ମହିଳାଙ୍କୁ ଗୁରୁତର ଭାବେ ଉଦ୍ଧାର କରି କୋମନା ରେଞ୍ଜକୁ ଖବର ଦେଇ ସ୍ଥାନୀୟ ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କୋମନା ଅଣାଗଲା। ସେଠାରେ ମଧ ଅବସ୍ଥା ସଂକଟାପନ୍ନ ହେବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଛି। ତାଙ୍କର ମୁଣ୍ଡର ବାଳ ସହ ଛାଲ ଉପୁଡି ଯାଇଛି। ଖବର ନେବାବେଳ ସୁଦ୍ଧା ଅବସ୍ଥା ଠିକ ଥିବା ଜଣାପଡ଼ିଛି।

## ଏଚଆଇଭି ଏଡ୍ସ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ/ହରଭଙ୍ଗା, ୨୫ ।୯ (ସମିସ):** ବୀରନରସିଂହପୁର ସାଧୁଚରଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏଚଆଇଭି ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନ, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନବକିଶୋର ଦୀପ, ପରାମର୍ଶଦାତା ବନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ ଦୁଇଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୌନ ରୋଗ, ଏଚଆଇଭି ଏଡ଼ସର ଭୟାବହତା, ଲକ୍ଷଣ ଓ ତା'ର ନିରାକାରଣ ଏବଂ ସମାଜରେ ଥିବା ଭେଦଭାବ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରମାକାନ୍ତ ନାଗ, ସ୍ୱାଗତିକା ମହାକୁଡ଼, ପ୍ରଭାତୀ ତ୍ରିପାଠୀ, ସୁକନ୍ୟା ସାହୁ, ରାଜେନ୍ଦ୍ର ରଣା, ଶୋଭନ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ପ୍ରସ୍ତୁତି

**ବୌଦ୍ଧ, ୨୫ ।୯ (ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତକ୍ଷଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ ଙ୍କଳା ସିଦ୍ଧତପୋ ସେବାବନ ସିଦ୍ଧଗୁରୁମଠରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠର ମହନ୍ତ ସର୍ବେଶ୍ୱର ଦାସ ଅଧ୍ୟକ୍ଷତା କରିଥିଲେ। ଯଜ୍ଞ ଉଦ୍ୟକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଯଜ୍ଞ ମାର୍ଗଦର୍ଶକ ଭାବେ ଶ୍ରୀ ରାଧା ମାଧବ ସେବା ଶ୍ରମ ମୁଖ୍ୟ ବ୍ରହ୍ମଚାରୀ ଆଦିତ୍ୟ ଦାସ ଓ ଆଚାର୍ଯ୍ୟ ସର୍ବେଶ୍ୱର ମହାପାତ୍ର ଯୋଗଦେଇ ଯଜ୍ଞ ଉପକାରିତା ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଯଜ୍ଞ ପରିଚାଳନା ପାଇଁ ବିଭିନ୍ନ ସବ କମିଟି ଗଠନ କରାଯାଇଥିଲା। ରଘୁବୀର ଦାସ, ପୟୋଧର ମହାକୁଡ଼, ପ୍ରଶାନ୍ତ ସେଠି, ଧନମାଳୀ ଦେହୁରୀ, ମୟସେନ ରଣା, ଶ୍ରୀପତି ମହାକୁଡ଼, ମନୋଜ ମହାକୁଡ଼, ଶିବ କର୍ମୀ, ଅକ୍ଷୟ ମହାକୁଡ଼, ମହେଶ ପ୍ରସାଦ ଅଗ୍ରୱାଲ, ରମେଶ ପ୍ରସାଦ ସାହୁ, ଶାନ୍ତନୁ ଚାନ୍ଦ, ଦାଶରଥି ମହାକୁଡ଼, ଦୁଷ୍ମନ୍ତ କୁମାର ପୃଷ୍ଟି, ବିଦେଶୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କୃଷକ ଉତ୍ପାଦନ କମ୍ପାନୀର ପଞ୍ଚମ ବାର୍ଷିକ ସାଧାରଣ ସଭା

**ଶଗଡ଼ା, ୨୫ ।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବାନ୍ଧଗୋରାସ୍ଥିତ ବାବା ଧବଳେଶ୍ୱର କଲ୍ୟାଣ ମଣ୍ଡପରେ ମାତୃଶକ୍ତି କୃଷକ ଉତ୍ପାଦନ କମ୍ପାନୀର ପଞ୍ଚମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବୌଦ୍ଧ ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ଯୋଗେନ୍ଦ୍ରନାଥ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଭେଙ୍କଟ ରମଣ ରାଓ, ଉପ ମତ୍ସ୍ୟ ଅଧିକାରୀ ଅଭିଳାଷ ପଣ୍ଡା, ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ମୟୂରୀ ସିଂ ସରଦାର, ପ୍ରାଣୀଧନ ନିରୀକ୍ଷକ ଯାଜ୍ଞ ସିନି ପ୍ରଧାନ, ଓଡ଼ିଶା ଜୀବିକା ମିଶନର କଣ୍ଟାମାଳ ବ୍ଲକ ସଂଯୋଜିକା ରାଧାରାଣୀ ନାଏକ, କମ୍ପାନୀର ଡାଇରେକ୍ଟର ଚନ୍ଦ୍ରକାନ୍ତି ଚାଉଳିଆ, ଦୁହିତା ମନହିରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଖଟୁଆ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ସଭା ପରିଚାଳନା କରିଥିଲେ। କମ୍ପାନୀ ସଭାପତି ଚନ୍ଦ୍ରକାନ୍ତି ଚାଉଳିଆ କମ୍ପାନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିବା ବେଳେ ହିସାବ ରକ୍ଷକ ତୋଫାନ ମେହେର ବାର୍ଷିକ ଆୟ ବ୍ୟୟର ବିବରଣୀ ପଠନ କରିଥିଲେ। ଶୁଭ୍ରାଂଶୁ ସାହୁ, ଅନିଲ ବେହେରା, ସୌମ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ତୋଫାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ଦିନରେ ଜିପିଏଲ୍ଏଫ କର୍ମୀଙ୍କ ଧାରଣା



**ଧର୍ମଗଡ଼, ୨୫ ।୯ (ସମିସ):** ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ସରକାର ଏମାନଙ୍କୁ ଅଣଦେଖା କରୁଥିବାରୁ ରାଜ୍ୟ ସଂଘର ଆହ୍ୱାନକ୍ରମେ ପୂର୍ବପରି ସ୍ଥାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ୬ ମାସର ବକେୟା ରାଶି ପ୍ରଦାନ, ପରଫାର୍ମାନ୍ସ ବୋନସ ବନ୍ଦ କରିବା, କାର୍ଯ୍ୟ ଅନୁଯାଇ ବର୍ଦ୍ଧିତ ପାରିଶ୍ରମିକ, ରେଭେନ୍ୟୁ ଭିଲେଜ ରେ ଗୋଟିଏ ସିଏଲଏଫ ଉଚ୍ଛେଦ ଭଳି ୭ ଦଫା ଦାବି ନେଇ କାର୍ଯ୍ୟରତ ସମସ୍ତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ସିଆରପିମାନେ ଆଜକୁ ଚାରି ଦିନ ହେଲା ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି।ସରକାର ଯଦି ଦାବି ଗୁଡିକ ପୂରଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ କାର୍ଯ୍ୟାଳୟ, ମିଶନ ଶକ୍ତି କାର୍ଯ୍ୟାଳୟ, ଓଏଲଏମ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଜାରି ରହିବ ବୋଲି ସଂଘର ସଭାନେତ୍ରୀ ସୁଶ୍ରୀ ସଙ୍ଗୀତା ମହାହ୍ଲୁତି ପ୍ରକାଶ କରିଛନ୍ତି। ଧର୍ମଗଡ଼ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଡାକେ ଲହଜଲ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ବଣିଆ, ନାରୀନେତ୍ରୀ କଲ୍ୟାଣୀ ନାଏକ, ମମତା ଗୋପାଳ, ସନ୍ତୋଷ ପାଢ଼ୀ, ଲବଣି ରାଉତ ଯାଦବ, କ୍ଷେତ୍ରମୋହନ ଶତନାମୀ, ରାଜା ହାତୀ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପୂର୍ବ ବିଜେଡି ସରକାର ଥିଲା ସମୟରେ ମିଶନଶକ୍ତି ବିଭାଗ ଖୋଲି ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ତଥା ରୋଜଗାର କ୍ଷମ କରିଥିଲେ। କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ବର୍ତ୍ତମାନର ବିଜେପି ସରକାର ବିଭିନ୍ନ ସମୟରେ ଏମାନଙ୍କୁ ଅଣଦେଖା କରି ଆସୁଛନ୍ତି ବୋଲି ବିଜୁ ଜନତା ବ୍ଲକ ସଭାପତି ଶ୍ରୀ ଲହଜଲ କହିଛନ୍ତି।

# ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ୩ଟି ଗେଟ୍ ଖୋଲିଲା

**ନୂଆପଡ଼ା, ୨୫ ।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଗୁରୁବାର ନୂଆପଡ଼ା ଜିଲ୍ଲା ଲୋୟରଇନ୍ଦ୍ର ଜଳ ସେଚନ ପ୍ରକଳ୍ପର ୩ ଗୋଟି ଗେଟ ଖୋଲା ଯାଇଛି।ଜଳ ସେଚନ ପ୍ରକଳ୍ପର ୩, ୬ ଓ ୮ ନମ୍ବର ଗେଟ ଖୋଲା ଯାଇଛି।ଜଳ ପ୍ରକଳ୍ପକୁ ୪୫୦ ଘନ ମିଟର ପାଣି ପ୍ରବେଶ କରୁ ଥିବା ବେଳେ ୪୭୪.୨୬ ଘନ ମିଟର ପାଣି ନିଷ୍କାସନ ହେଉଛି।ଏବେ ଜଳ ଭଣ୍ଡାରରେ ୨୬୪.୫ ମିଟର ପାଣି ରହିଛି।ଆବଶ୍ୟକ ହେଲେ ଅଧିକ ଗେଟ ଖୋଲା ଯିବ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ସୂଚନା ଦେଇଛନ୍ତି।



# କନ୍ତେଶିରର ଇଷ୍ଟଦେବୀଙ୍କ ଦଶହରା ସମ୍ପନ୍ନ



**କେସିଙ୍ଗା, ୨୫ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମର ଇଷ୍ଟଦେବୀ ମାଁ କଳାପାହାଡ଼, ମାଁ ମାଣିକେଶ୍ୱରୀ, ମାଁ ବସ୍ତେନ୍ ଦେବୀ, ମାଁ ବ୍ରହ୍ମଜେମା, ମାଁ ଡଙ୍ଗର ଦେବୀ, ମାଁ ଭୀମା ଦେବୀ, ମାଁ ପାଟଦେଉ ଦେବୀ, ମାଁ ଲିମ ପଡେନ ଦେବୀ, ମାଁ ମାଉଳି ଦେବୀ, ମାଁ ବାବୁରା ଦେବୀଙ୍କ ଦଶହରା ମହାଆଡ଼ମ୍ବରରେ ପାଳିତ ହେଉଛି। ଗ୍ରାମର ଗୌନ୍ତିଆ ପରିବାର ପୂଜା ସଂଘର ସଭାପତି, ସମ୍ପାଦକ ପୁଝାରୀ, ଦିଆରୀ, ଗଣା ଝାଙ୍କର, ଛତ୍ରିଆ, ଡାହୁକ, ବାହୁକ, ଥନାପତି ଏବଂ ଗ୍ରାମବାସୀ ମିଳିମିଶି ଦଶହରା ଆୟୋଜନ କରିଥିଲେ।ଗ୍ରାମର ଇଷ୍ଟଦେବୀ ମାଁ କଳାପାହାଡ଼ଙ୍କ ଯାତ୍ରା ସକାଳୁ ଆରମ୍ଭ ହୋଇ ମାଁ ବିଭିନ୍ନ ଯାଚକଙ୍କ ଯାଚନା ଶୁଣିଥିଲେ। ଫଳକ ଯାଚକମାନେ ମାଁଙ୍କୁ ବୋଦା ଓ ଅନେକ ଜିନିଷ ଅର୍ପଣ କରିଥିଲେ।ଦଶହରାର ଦ୍ୱିତୀୟ ପ୍ରହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା, ଢୋଲ ମହୁରୀ ନିଶାନ, ଅନୁଷ୍ଠିତ ହୋଇଥିଲା। ବୀର ବାଦ୍ୟ ଘୁମୁରା ପରିବେଷଣ କରିଥିଲେ ତୁଷ ରାଜ ମାଝୀ ଏବଂ ସୀମିତ ମାଝୀ।କାର୍ଯ୍ୟକ୍ରମରେ ଟଙ୍କ ମାଝୀ, ଯଦୁ ମାଝୀ, ଦୂର୍ବାଦଳ ମାଝୀ, ତପନ ମାଝୀ, ଜୀତେନ୍ଦ୍ର ମାଝୀ, ଦୟାନିଧି ମାଝୀ, ମଣ୍ଟୁ ମାଝୀ, ସହଦେବ ମାଝୀ, ହେମନ୍ତ ମାଝୀ, ଟିକେ ମାଝୀ, ସୋମନାଥ ମାଝୀ, ହେମାଦାଗର ମାଝୀ, ବୃନ୍ଦାମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପନ୍ନ କରିଥିଲେ।

## ରାଞ୍ଚିରୋଡ୍-ମଙ୍ଗଳପଡ଼ା ରାସ୍ତା ଶୋଚନୀୟ

# ଯାତାୟାତ ବାଧାପ୍ରାପ୍ତ; ମରାମତି ଦାବି

**କୁତ୍ରା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ଗ୍ରାମପଞ୍ଚାୟତର ରାଞ୍ଚିରୋଡ୍ ଛକରୁ ମଙ୍ଗଳପଡ଼ାକୁ ଯାଇଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ରାସ୍ତାକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ରାଜ୍ୟରାଜପଥ-୧୦ରେ ଥିବା ରାଞ୍ଚିରୋଡ୍ ଛକଠାରୁ ମଙ୍ଗଳପଡ଼ାକୁ ଯାଇଥିବା ପାଖାପାଖି ୨କିଲୋମିଟର ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ଗୋମାରଡିହି, ତୁନମୁରା, ଗୀର୍ଜାପଡ଼ା, ମାଲୁପଡ଼ା, କୁତ୍ରା, ସିଆଲଯୋର, ବାଇଲମା ଗ୍ରାମକୁ ଯିବା ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତାରେ ମଙ୍ଗଳପଡ଼ା ଓ ଆଖପାଖର ଗ୍ରାମବାସୀ ସଦରମହକୁମା କୁତ୍ରା ଓ ରାଞ୍ଚିରୋଡକୁ ଯିବା ଆସିବା କରୁଥିବାବେଳେ ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯାତାୟାତ କରିଥାନ୍ତି। ବର୍ଷା ଦିନରେ ରାସ୍ତାଟି କାଦୁଅପୂର୍ଣ୍ଣ ହୋଇପଡୁଥିବାରୁ ଜନସାଧାରଣଙ୍କୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ିଥାଏ। ରାଞ୍ଚିରୋଡ୍ ଓ ମଙ୍ଗଳପଡ଼ା ମଧ ଭାଗରେ ଏକ ନାଳ ରହିଥିବା ବେଳେ ଉକ୍ତ ନାଳ ଉପରେ ପୋଲଟିଏ ନଥିବାରୁ ସାମାନ୍ୟ ବର୍ଷାରେ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଇଥାଏ। ବର୍ଷା ଦିନେ ସ୍କୁଲ, କଲେଜ, ଡାକ୍ତରଖାନା ଯିବା ପାଇଁ ଛାତ୍ରଛାତ୍ରୀଙ୍କୁ ଓ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଣୁ ଉକ୍ତ ରାସ୍ତା ଉପରେ ଏକ ପୋଲ ନିର୍ମାଣ ସହିତ ରାସ୍ତାଟିକୁ ପିଚୁରାସ୍ତାରେ ପରିଣତ କରିବା ପାଇଁ ମଙ୍ଗଳପଡ଼ାର ଗ୍ରାମବାସୀ ଦାବି କରିଛନ୍ତି।



# ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ସ୍ୱାମୀ ଗିରଫ

**ତୁରେକେଲା, ୨୫ ।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ସ୍ୱାମୀ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ତୁରେକେଲା ଥାନା ଅଧୀନ ଗୁର୍ଜିଭଟା ଗାଁର ଜିତେନ୍ଦ୍ର ତାଣ୍ଡି (୩୧)। କିଛି ବର୍ଷ ତଳେ ଜଣେ ଯୁବତୀଙ୍କୁ ସେ ବିବାହ କରିଥଲା; ହେଲେ ଉଭୟ ମନମାଳିନ୍ୟ ହେତୁ ଭିନ୍ନ ଭିନ୍ନ କରୁଛନ୍ତି। ଜିତେନ୍ଦ୍ର ଇଷ୍ଟାଗ୍ରାମରେ ସ୍ତ୍ରୀଙ୍କୁ ଅଶ୍ଳୀଳ ଭିଡ଼ିଓ ପଠାଇବା ସହ ଭାଇରାଲ କରିବାକୁ ଅନେକ ସମୟରେ ଧମକ ଦେଇ ଆସୁଥିଲେ। ଶେଷରେ ସେ ସ୍ତ୍ରୀର ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିବାକୁ ପଛାଇ ନାହାନ୍ତି। ଏନେଇ ମହିଳା ଜଣକ ତୁରେକେଲା ଥାନା ଦ୍ୱାରସ୍ଥ ହୋଇଥିଲେ। ତୁରେକେଲା ପୁଲିସ ଏକ ମାମଲା ରୁଜୁ କରି ଭିଡ଼ିଓ ଭାଇରାଲ କରିଥିବା ଜିତେନ୍ଦ୍ରକୁ ଗିରଫ କରିଥିବା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।



# ବ୍ଲକ୍ ପ୍ରଶାସନ ପକ୍ଷରୁ 'ସ୍ୱଚ୍ଛ ଉତ୍ସବ'

**ଥୁଆମୂଳରାମପୁର, ୨୫ ।୯ (ସମିସ):** ଗୁରୁବାର କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ମଧ 'ସ୍ୱଚ୍ଛ ଉତ୍ସବ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ମିଶନ ଶକ୍ତି ବିପିସି ତଥା ଭାରପ୍ରାପ୍ତ ବିପିଏମ୍ ପ୍ରତାପ ନାଏକ, ପଞ୍ଚାୟତ ସମିତିର ଅନ୍ୟାନ୍ୟ କର୍ମଚାରୀ ଓ ବିଜେପିର କର୍ମକର୍ତ୍ତାଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦୟାନିଧି ଭୋଇ, ଆଲୋକ ନାଏକ, ବାମନୁ ନାଏକ, ରାଧାକୃଷ୍ଣ ନାଏକ, ସତ୍ରୁଘନ ଗହୀର, ବାଜରା ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱନାଥପୁରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

# ଫାର୍ମାସିଷ୍ଟଙ୍କୁ ସାମ୍ବାଦିକ ସମୂହ ପକ୍ଷରୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୨୫ ।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଫାର୍ମାସିଷ୍ଟ କେ. ନେତ୍ରାନନ୍ଦ ସୁବୁଦ୍ଧି, ଟୁନା ପାଣିଗ୍ରାହୀ ଓ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା। ଏହା ପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ଼.ସୁମୀରନ ରାଉତ, ଡ଼. ସେଶାଙ୍କ ମାଣିକ, ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ଏବିଇଓ ଲକ୍ଷ୍ମୀ ପ୍ରିୟା ମୁଦୁଲି, ପିଏଚଇଓ ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ଼, ଲାଞ୍ଜିଗଡ଼ରୋଡ଼ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ନିରବଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ରୋଗୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଯୋଗସୂତ୍ରର ମାଧ୍ୟମ ସାଜିଥିବା ତିନିଜଣ ଫାର୍ମାସିଷ୍ଟ ଶ୍ରୀ ସୁବୁଦ୍ଧି, ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ସାହୁଙ୍କୁ ଲାଞ୍ଜିଗଡ଼ ସାମ୍ବାଦିକ ସମୂହ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଲାଞ୍ଜିଗଡ଼ ପ୍ରେସ କ୍ଲବର ଉପସଭାପତି କ୍ଷମାନିଧି ମହାଖୁଡ଼, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନର କାର୍ଯ୍ୟକାରୀ ସଭାପତି ସନ୍ତୋଷ ତୁଳ, ସାଧାରଣ ସମ୍ପାଦକ ଗୋପାଳଦାସ ମହାନନ୍ଦ, କୋଷାଧ୍ୟକ୍ଷ ନୀଳେଶ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ତିନି ଫର୍ମାସିଷ୍ଟଙ୍କୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଜଗବନ୍ଧୁ ଶବର, ଫାର୍ମାସିଷ୍ଟ ନରେଶ ମାଝୀ, ଏମ୍‌ଏଚଯୁ ଫାର୍ମାସିଷ୍ଟ ପ୍ରଗତି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ନିରଞ୍ଜନ ପ୍ରଧାନଙ୍କ ସ୍ମୃତିସଭା



**ଭବାନୀପାଟଣା, ୨୫ ।୯ (ସମିସ):** ସ୍ଥାନୀୟ ଅମଲା ଭବନରେ ନିରଞ୍ଜନ ପ୍ରଧାନ (ବିଦ୍ରୋହୀ)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଭାରତ ଭୂଷଣ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ପ୍ରଫେସର ବିଜୟ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଦ୍ରୋହୀଙ୍କ ଆନ୍ଦୋଳନାତ୍ମକ ଜୀବନର ସ୍ମୃତିଚାରଣ କରିଥିଲେ।ଦେଶର ବିଭିନ୍ନ ଟ୍ରେଡ଼ ୟୁନିଅନ ଦ୍ୱାରା ହେଉଥିବା ବିଦ୍ରୋହ ସମ୍ପର୍କରେ ସୂଚନାଦେଇ ନିରଞ୍ଜନ ବିଦ୍ରୋହୀଙ୍କ ଅବଦାନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଚାଷୀନେତା ଲିଙ୍ଗରାଜ ପ୍ରଧାନ, ଲିଙ୍ଗରାଜ ଆଜାଦ, ରଜତ ପ୍ରଧାନ, ଅନୱର ଭାରତୀ, ସତ୍ୟ ମାହାର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଞ୍ଜୟ ସୁନାନୀ, ସୁରେଶ ସଂଗ୍ରାମ, ଅଗଷ୍ଟ ନାୟକ, ସନ୍ତୋଷ ମୁଣ୍ଡ ପ୍ରମୂଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ସିଦ୍ଧାର୍ଥ ନାୟକ ମଞ୍ଚ ପରିଚାଳନା କରିଥିଲେ। ନିରଞ୍ଜନ ସ୍ମୃତି ସମ୍ମାନ ଭାବେ କୃଷି କ୍ଷେତ୍ରରେ ଜୁନାଗଡ଼ ଅଞ୍ଚଳର ଲକ୍ଷ୍ମଣ ରଣବୀର, ସମାଜ ସେବା କ୍ଷେତ୍ରରେ ଭାବଗ୍ରାହୀ ନାୟକ, ପରିବେଶ ସୁରକ୍ଷା କ୍ଷେତ୍ରରେ ରାୟଗଡ଼ା ଜିଲ୍ଲା କଲ୍ୟାଣୀସିଂପୁର କୃଷ୍ଣ ସିକକାଙ୍କୁ ସମ୍ମାନିତ କରାଯାଇଥିଲା। ନିରଞ୍ଜନ ସ୍ମୃତି କମିଟି ଆବାହକ ଇନ୍ଦ୍ରଜିତ୍ ମହାଖୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଆୟୋଜକ ଭେଲା ଓ କୋମନା

କୋମନା, ୨୫ ।୯ (ସମିସ)

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଭେଲାସ୍ଥିତ ଡ଼. କାଟଜୁ ହାଇସ୍କୁଲ ଖେଳ ପଡ଼ିଆରେ ଭେଲା ଫୁଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଦିବସରେ ଭେଲାଦଳ ଜନ୍ଦ୍ରାମୁଣ୍ଡାକୁ୨-୦ ଗୋଲରେ ହରାଇ ଫାଇନଲରେ ପ୍ରବେଶ କରିଥିବା ବେଳେ କୋମନା ଦଳ କୁରେଶ୍ୱର ଦଳକୁ ପେନାଲଟି ସୁଟରେ ୪-୩ ଗୋଲରେ ହରାଇ ଫାଇନଲରେ ପ୍ରବେଶ କରିଛି। ଆୟୋଜକ କମିଟି ସଭାପତି ହେତୁରାମ ଶବରଙ୍କ ନେତୃତ୍ୱରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଦିବସରେ ଯୁବ ସାମ୍ବାଦିକ ନଟ ଆଡବଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ତୁକାରାମ କମ୍ପାନ, ନେତା ଦଣ୍ଡସେନା, ପୂର୍ବତନ ସମିତି ସଭ୍ୟ ଅମ୍ବରନାଥ ଯୋଷୀ ପ୍ରମୁଖ ଯୋଗ ଦେଇଥିଲେ।ଉଦ୍‌ଘାଟନୀ ମ୍ୟାଚ୍‌କୁ ରେଫରି ଭାବେ ବନ ସାହୁ, ଦିନେସ ନାଏକ, ରାହୁଲ ଶବର ପରିଚାଳନା କରିଥିଲେ। କମିଟି ସଦସ୍ୟ ପିଙ୍କୁ ଶବର, ଉଦିତ ମାଝୀ, ତ୍ରିନାଥ କୁମ୍ଭାର, ଲିଟୁ ସେଠୀ, ରାଜେଶ ଯାଦବ, କାଲୁ ଶବର, ଟିଙ୍କୁ ଶବର, ଯୋଗେନ୍ଦ୍ର ମାଝୀ, ଲୋକନାଥ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ରହିଛି।



## ଲଦାଖ ହିଂସା ପଛରେ ୱାଙ୍ଗଚୁକଙ୍କ ହାତ

ଲେହ, ୨୫।୯ (ଏଜେନ୍ସି): ଲଦାଖରେ ଗୁରୁବାର ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଏବେ ନୂଆ ମୋଡ଼ ନେଇଛି। ଏହି ହିଂସାରେ ଜଳବାୟୁ କର୍ମୀ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ହାତ ରହିଛି ବୋଲି କେନ୍ଦ୍ର କହିଛନ୍ତି। ହିଂସା ପାଇଁ ସେ ଛାତ୍ରମାନଙ୍କ ଭିଡ଼କୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। କିନ୍ତୁ ୱାଙ୍ଗଚୁକ୍ ଏହାକୁ ଖଣ୍ଡନ କରିଛନ୍ତି। ମୋତେ ବଳିର ବୋଦା ବନା ଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୱାଙ୍ଗଚୁକଙ୍କ ଷ୍ଟୁଡେଣ୍ଟସ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ (ଏସ୍‌ଇସିଏମ୍‌ଓଏଲ୍)ର ଏଫ୍‌ସିଆରଏ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ଏହି ଲାଇସେନ୍ସ ମାଧ୍ୟମରେ ତାଙ୍କ ଏନ୍‌ଜିଓକୁ ପାଣ୍ଠି ଆସୁଥିଲା। ୱାଙ୍ଗଚୁକ୍ ଏଫ୍‌ସିଆରଏ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କେନ୍ଦ୍ର କହିଛି। ଏନ୍‌ଜିଓର ବ୍ୟାଙ୍କ ଆକାଉଣ୍ଟରୁ ଫଣ୍ଡ ଟ୍ରାନ୍ସଫର ହୋଇଛି ଓ ଏହା ଫେମା ନିୟମର ଉଲ୍ଲଂଘନ କରୁଛି ବୋଲି କୁହାଯାଇଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୋନମଙ୍କ ଏହି ଏନ୍‌ଜିଓକୁ ନୋଟିସ ପଠାଇଛି।

## ମୋ ବିରୋଧରେ ୩ଟି ଷଡ଼ଯନ୍ତ୍ର ହୋଇଛି: ଟ୍ରମ୍ପ

ନ୍ୟୁୟର୍କ, ୨୫।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଜାତିସଂଘ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜାତିସଂଘ ମହାସଭାର ୮୦ତମ ସଂସ୍କରଣ ଅବସରରେ ତାଙ୍କ ବିରୋଧରେ ୩ଟି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଜାତିସଂଘକୁ ଲଜ୍ଜା ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋଟିଏ,



ଦୁଇଟି ନୁହଁ ମୋ ସହିତ ୩ଟି ସଂଦିଗ୍ଧ ଘଟଣା ହୋଇଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ ଏହି ୩ଟି ଘଟଣା ଉପରେ ଆଲୋକପାତ କରିଛନ୍ତି। ୩ଟି ଘଟଣା ହେଲା ସେ ଭାଷଣ ଦେବା ଅବସରରେ ଟେଲି ପ୍ରିଣ୍ଟର ବନ୍ଦ ହେବା, ଟେଲି ପ୍ରିଣ୍ଟର ଖରାପ ହେବା ଓ ଭାଷଣ ପରେ ହଲ୍‌ରେ ସାଉଣ୍ଡ ସିଷ୍ଟମ ଖରାପ ହେବା। ଏହାଦ୍ୱାରା ଅନ୍ୟ ନେତାମାନଙ୍କୁ ଟ୍ରମ୍ପଙ୍କ କଥା ଶୁଣିବା ପାଇଁ ଟ୍ରାନ୍ସଲେଟର ଇୟରପିସ୍‌ର ସାହାରା ନେବାକୁ ପଡ଼ିଥିଲା। ଆକ୍ସେଲେଟର ପରେ ଟେଲିପ୍ରିଣ୍ଟର ଖରାପ ହେବା ଘଟଣାକୁ ଦୂର୍ଭାଗ୍ୟଜନକ କହିଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଟ୍ରମ୍ପ ୫୭ ମିନିଟ୍ ଭାଷଣ ଦେଇଥିଲେ।

## ଯୌନ ଅପରାଧୀଙ୍କୁ ହତ୍ୟା କଲେ ଆମେରିକାନ ଭାରତୀୟ

ଲସ୍‌ଏଞ୍ଜେଲ୍ସ, ୨୫।୯ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ରହୁଥିବା ବରୁଣ ସୁରେଶ ନାମକ ଜଣେ ଭାରତୀୟ ଜଣେ ବୟସ୍କ ଯୌନ ଅପରାଧୀଙ୍କୁ ଛୁରୀ ଭୁଷି ହତ୍ୟା କରିଛନ୍ତି। ସେ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ସେପ୍ଟେମ୍ବର ୧୮ରେ ବରୁଣ ଓ ୭୧ ବର୍ଷୀୟ ଡେଭିଡ ବ୍ରିମରଙ୍କ ମଧ୍ୟରେ ଝଗଡ଼ା ହେବାର ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳେ ଡେଭିଡ୍ ତଳେ ପଡ଼ିଯାଇଥିଲା ଓ ତାଙ୍କ ଦେହରେ ଛୁରି ମାଡର କେତୋଟି ଚିହ୍ନ ଦେଖିବାକୁ ମିଳିଥିଲା। ପୁଲିସ ଓ ମେଡିକାଲ ଟିମ୍ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଛୁରି ଜବତ କରାଯିବା ପରେ ବରୁଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୧୯୯୫ରେ ବ୍ରିମର ଜଣେ ନାବାଳକଙ୍କ ଯୌନ ଶୋଷଣ କରିଥିଲେ ଓ ଏଥିପାଇଁ ସେ ୭ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ବରୁଣ କାଲିଫର୍ଣ୍ଣିଆର ଏକ ୱେବସାଇଟ୍‌ରେ ଯୌନ ଅପରାଧୀଙ୍କ ତାଲିକାରେ ବ୍ରିମରଙ୍କୁ ଦେଖି ତାଙ୍କୁ ଟାର୍ଗେଟ କରିଥିଲେ। ଛୋଟ ପିଲାଙ୍କୁ ଯୌନ ଶୋଷଣ କରୁଥିବାରୁ ଏଭଳି ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ ବୋଲି ବରୁଣ ପୁଲିସକୁ କହିଥିଲେ। ହତ୍ୟା କରିଥିଲେ ମଧ୍ୟ ବରୁଣ ଆଦୌ ଅନୁତପ୍ତ ନୁହଁ ବୋଲି କହିଛି।

## କର୍ଣ୍ଣେଲ ପୁରୋହିତଙ୍କ ପଦୋନ୍ନତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ୨୦୦୮ରେ ବହୁ ଚର୍ଚ୍ଚିତ ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇ ଜେଲରୁ ମୁକୁଳିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ଶ୍ରୀକାନ୍ତ ପୁରୋହିତଙ୍କୁ କଲୋନେଲ ପଦକୁ ପ୍ରମୋଶନ ମିଳିଛି। ସେନାବାହିନୀରେ ଏହି ପ୍ରମୋଶନ ପାଇଁ ତାଙ୍କୁ ଦୀର୍ଘ ୧୭ ବର୍ଷ




ପ୍ରତୀକ୍ଷା ପରେ ମିଳିଛି। ୨୦୨୫ ଜୁଲାଇ ୩୧ରେ ମୁମ୍ବଇର ଏକ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣଲ ପୁରୋହିତଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଏହି ବିସ୍ଫୋରଣରେ ୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କୋର୍ଟ ତାଙ୍କୁ ଖଲାସ କରିବା ପରେ ସେନା ପୁରୋହିତଙ୍କ କ୍ୟାରିୟରରେ ଗତ ୧୬ ବର୍ଷ ଲାଗୁ କରାଯାଇଥିବା ଡିସିପ୍ଲିନ୍‌ଡ ଆଣ୍ଡ ଭିଜିଲାନ୍ସ (ଡିଭି) ପ୍ରତିବନ୍ଧ ହଟାଯାଇଛି। ଫଳରେ ତାଙ୍କର ପ୍ରମୋସନ ଓ ବାକି ଥିବା ଅନ୍ୟ ପ୍ରକ୍ରିୟାଗୁଡ଼ିକୁ ଆରମ୍ଭ କରାଯାଇଛି। ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଭାବେ ଗିରଫ କରାଯିବା ପରେ ତାଙ୍କ ଉପରେ ଡିଭି ପ୍ରତିବନ୍ଧ ଲାଗୁ କରାଯାଇଥିଲା। ତାଙ୍କୁ ପ୍ରମୋସନ ମିଳିବା ପରେ କେନ୍ଦମନ୍ତ୍ରୀ ତଥା ବିହାରର ବେଗୁସରାଇ ଲୋକସଭା ସଦସ୍ୟ ଗିରିରାଜ ସିଂ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶ ସାବ୍ୟସ୍ତ ହେବା ପରେ ମୁଁ ଦେଶକୁ ବହୁତ ଭଲ ପାଏ। ନିଜ ଯବାନଙ୍କୁ ସହଯୋଗ କରୁଥିବା ଭାରତୀୟ ସେନାକୁ କୃତଜ୍ଞତା ଜଣାଉଛି ବୋଲି ପୁରୋହିତ କହିଥିଲେ।

# ସଙ୍କଟରେ ହିମାଳୟ କ୍ଷେତ୍ର

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ହିମାଳୟ କ୍ଷେତ୍ରରେ ଅର୍ଥାତ ପାଦ ଦେଶରେ ଥିବା ରାଜ୍ୟଗୁଡ଼ିକର ଅସ୍ତିତ୍ୱ ଏବେ ସଙ୍କଟରେ ପଡ଼ିଛି ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିଛନ୍ତି। ଏହି ରାଜ୍ୟଗୁଡ଼ିକରେ ପରିବେଶ ଜନିତ ସଂନ୍ତୁଳନ ନେଇ କୋର୍ଟ ବାରମ୍ବାର ଚିନ୍ତା ପ୍ରକଟ କରି ଆସିଛନ୍ତି। ହିମାଳୟ କ୍ଷେତ୍ରରେ ୧୩ଟି ରାଜ୍ୟ ଅବସ୍ଥାନ କରୁଛି। ଏଗୁଡ଼ିକ ହେଲା ଜମ୍ମୁ-କଶ୍ମୀର, ଲାଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ,

### ଗୋଟିଏ ବର୍ଷରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ
### ପ୍ରାଣ ହରାଇଲେଣି ୬୨୬, ଶତାଧିକ ନିଖୋଜ
### ହଜାର ହଜାର କୋଟିର କ୍ଷତି



ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗର କିଛି ଅଂଶ। ଏହି ରାଜ୍ୟଗୁଡ଼ିକର ମୋଟ୍ ସୀମା ୨୫୦୦ କିଲୋମିଟର। ଏହାକୁ ଭାରତର 'ଜଳ ମୀନାର' ବୋଲି କୁହାଯାଇଥାଏ। କାରଣ ଏହି ରାଜ୍ୟ ତଥା ହିମାଳୟ କ୍ଷେତ୍ରରୁ ବଡ଼ ବଡ଼ ନଦୀଗୁଡ଼ିକ ବାହାରିଥାଏ। ଚଳିତ ବର୍ଷ ଏହି କ୍ଷେତ୍ରରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପଦ ଆସିଛି। ଖାସ୍ କରି ଉତ୍ତରାଖଣ୍ଡ, ହିମାଚଳ, ଜମ୍ମୁ-କଶ୍ମୀରରେ ବହୁତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ହୋଇଛି। ମୋଟ ଉପରେ ଏହି ଅଞ୍ଚଳରେ ଚଳିତବର୍ଷ ଏପର୍ଯ୍ୟନ୍ତ ୬୨୬ଜଣ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ପାକୃତିକ ବିପର୍ଯ୍ୟୟ ପାଇଁ ସୁପ୍ରିମକୋର୍ଟ ଖାସ୍ କରି ହିମାଚଳ ପ୍ରଦେଶର ସରକାରଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସଞ୍ଜୀବ ମେହେଟାଙ୍କ ବେଞ୍ଚ୍ କହିଛନ୍ତି ଯେ, ଏଥର ମୌସୁମୀରେ ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ଶହଶହ ଲୋକଙ୍କର ଜୀବନ ଯାଇଛି ଓ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିମାଚଳର ପରିବେଶ ବହୁତ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି ବୋଲି ଏହି ବିପର୍ଯ୍ୟୟରୁ ପ୍ରମାଣିତ ହୋଇଛି।

ସମ୍ପୂର୍ଣ୍ଣ ହିମାଳୟ କ୍ଷେତ୍ର ଗମ୍ଭୀର ସଙ୍କଟରେ ରହିଛି। ଲଗାତର ଭାବେ ହେଉଥିବା ଭୂସ୍ଖଳନ, ଘର ଭୁଶୁଡ଼ିବା, ସଡ଼କ ଦବିବା ଭଳି ଘଟଣା ପାଇଁ ପ୍ରକୃତିକୁ ନୁହଁ ବରଂ ମଣିଷକୁ ଦାୟୀ କରାଯାଇଛି। ବିଶେଷଜ୍ଞଙ୍କ ରିପୋର୍ଟର ଦ୍ୱାହି ଦେଇ କୋର୍ଟ ହିମାଚଳର ବିପର୍ଯ୍ୟୟ ପାଇଁ ଜଳବିଦ୍ୟୁତ ପ୍ରକଳ୍ପ, ଫୋରଲେନ୍ ସଡ଼କ, ଜଙ୍ଗଲ କାଟିବା ଓ ବହୁତଳ ବିଶିଷ୍ଟ କୋଠା ଯଥା ହୋଟେଲ, ଗେଷ୍ଟ ହାଉସ୍ ଓ ଶିଳ୍ପପ୍ରତିଷ୍ଠାନ ନିର୍ମାଣକୁ ଦାୟୀ କରିଛନ୍ତି। ଏହି କାରଣଗୁଡ଼ିକ ନେଇ କୋର୍ଟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରିସଂଖ୍ୟାନ ଭିତ୍ତିକ ପ୍ରଶ୍ନ ପଚାରିଛନ୍ତି। ଅକ୍ଟୋବର ୨୮ ପର୍ଯ୍ୟନ୍ତ ସରକାରଙ୍କୁ ଏ ନେଇ ଉତ୍ତର ଦେବାକୁ କୁହାଯାଇଛି। ହିମାଚଳରେ ଏବେ ୧୭ ହଜାର ୧୨୦ ଭୂସ୍ଖଳନ ପ୍ରବଣ କ୍ଷେତ୍ର ରହିଛି। ଏଥିମଧ୍ୟରୁ ୬୭୫ଟି କ୍ଷେତ୍ର ଜନବସତି ନିକଟରେ ରହିଛି। ହିମାଚଳର ଚମ୍ବା, ମଣ୍ଡି, କାଂଗ୍ରା, ଲାହଉଲ ଓ ସ୍ପିଟି, ଉନା, କୁଲ୍ଲୁ, ଶିମଳା, ସୋଲାନ, ବିଳାଶପୁର, ସରମରପୁର ଓ କିନ୍ନାଉରର ବହୁ ଅଞ୍ଚଳ ହାଇରିସ୍କ ଜୋନ୍ ଅର୍ଥାତ ବିପଜ୍ଜନକ ବିବେଚିତ ହେଉଛି।

ତେବେ ପର୍ଯ୍ୟଟନ ହେଉଛି ହିମାଚଳର ଆୟର ସବୁଠାରୁ ବଡ଼ ଉତ୍ସ ବୋଲି କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ଅନିୟନ୍ତ୍ରିତ ପର୍ଯ୍ୟଟନ ଓ ବିକାଶ କାରଣରୁ ବିପର୍ଯ୍ୟୟ ସୃଷ୍ଟି ହେଉଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ। ରାଜ୍ୟର ପର୍ଯ୍ୟଟନ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ପୂର୍ବରୁ ମଧ୍ୟ କୋର୍ଟ ଏ ନେଇ ଚେତାବନୀ ଦେଇଥିଲେ ଓ ହିମାଚଳ ଦେଶର ମାନଚିତ୍ରରୁ ଗାଏବ ହୋଇଯିବ ବୋଲି କହିଥିଲେ। ତେଣୁ ବେଳ ଥାଉଥାଉ ଗଠନମୂଳକ ପଦକ୍ଷେପ ନିଆଯିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ବିଧବା ଓ ନିସନ୍ତାନ ମହିଳାଙ୍କ ସମ୍ପତ୍ତି ମାମଲା

## ମାତାପିତା ନୁହେଁ; ଶାଶୂଘର ଦାବିଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ବିଧବା ଓ ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ହିନ୍ଦୁ ସମାଜରେ କନ୍ୟାଦାନ ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ ଯେତେବେଳେ ଜଣେ ହିନ୍ଦୁ ମହିଳା ବିବାହ କରିଥାନ୍ତି, ସେତେବେଳେ ତାଙ୍କ ଗୋତ୍ର ଅର୍ଥାତ କୂଳ ବା ବଂଶ ବଦଳିଯାଇଥାଏ। ଏଭଳି କ୍ଷେତ୍ରରେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କ ସମ୍ପତ୍ତି ଉପରେ ମାତାପିତା ନୁହେଁ, ତାଙ୍କ ସ୍ୱାମୀ ଅର୍ଥାତ ଶାଶୂଘର ଘରର ଲୋକଙ୍କ ଅଧିକାର ରହିବ। ମହିଳା କୌଣସି ଇଚ୍ଛାପତ୍ର ଛାଡ଼ିନଥିଲେ ଏହି ନିୟମ ଲାଗୁହେବ। ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି କୋର୍ଟ। ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟଙ୍କର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ ହିନ୍ଦୁ ସମାଜର ଏକ ସଂରଚନା ରହିଛି, ଆପଣ ତାହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷଧରି ଚାଲିଆସୁଥିବା ଏହି ପରମ୍ପରାରେ ବାଧା ସୃଷ୍ଟି କରିବାକୁ ଆମେ ଚାହୁଁନାହୁଁ। ମହିଳାମାନଙ୍କୁ ଅଧିକାର ଆବଶ୍ୟକ। କିନ୍ତୁ ମହିଳାଙ୍କ ଅଧିକାର ଓ ସାମାଜିକ ପରମ୍ପରା ଓ ସଂରଚନା ମଧ୍ୟରେ ସନ୍ତୁଳନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଏଭଳି ପରମ୍ପରାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନ ଉପରେ ଶୁଣାଣି କରୁଛନ୍ତି ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ। ଗୋଟିଏ ପିଟିସନ ଅନୁଯାୟୀ କୋଭିଡ ସମୟରେ ଏକ ନିଃସନ୍ତାନ ଦଂପତିଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ସଂପତ୍ତି ଦଖଲ କରିବା ଲାଗି ଉଭୟ ପୁରୁଷ ଓ ମହିଳାଙ୍କର ମା' ଦାବି କରୁଛନ୍ତି। ପୁରୁଷଙ୍କ ମା' ପରଂପରା ଅନୁଯାୟୀ ଉଭୟ ତାଙ୍କ ପୁଅ ଓ ବୋହୂର ସମସ୍ତ ସଂପତ୍ତି ନେବାକୁ ଦାବି କରୁଥିବା ବେଳେ ଝିଅର ମା' ତାଙ୍କ ଝିଅ ନାମରେ ଥିବା ସଂପତ୍ତି ନେବାକୁ ଦାବି କରୁଛନ୍ତି। ମାମଲାର ଶୁଣାଣି ବେଳେ ମାନ୍ୟବର ବେଞ୍ଚ କହିଲେ ଯେ ଜଣେ ମହିଳା ବିବାହ କରିବା ପରେ ତାଙ୍କର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଉପରେ ନ୍ୟସ୍ତ ହୋଇଯାଏ। ଜଣେ ମହିଳା ଭରଣପୋଷଣ ପାଇଁ କେବେ ନିଜ ଭାଇ ବିରୋଧରେ ପିଟିସନ କରିଛି କି? ଯଦି ନାହିଁ, ତାହାହେଲେ ତାର ସଂପତ୍ତି ଉପରେ ମହିଳାଙ୍କ ବାପା ଘର ଲୋକ କାହିଁକି ଦାବି କରିବେ? ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ ହେବ।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସରକୋଜିଙ୍କୁ ୫ ବର୍ଷ ଜେଲ୍

ପ୍ୟାରିସ୍, ୨୫।୯ (ଏଜେନ୍ସି): ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସରକୋଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ରେ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ସେ ସେତେବେଳର ଲିବିୟା ଏକଛତ୍ରବାଦୀ ଶାସକ ମୁଆମ୍ମାର ଗଦ୍ଦାଫିଠାରୁ ବିପୁଳ ପରିମାଣର ଅର୍ଥ ତଥା ପାଣ୍ଠି ନେଇଥିବାର ଅଭିଯୋଗ ହୋଇଥିଲା।



ରାଜଧାନୀ ପ୍ୟାରିସର ଏକ କ୍ରିମିନାଲ କୋର୍ଟ ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛି। ତେବେ କୋର୍ଟ ତାଙ୍କୁ ଦୁର୍ନୀତି ଓ ଅବୈଧ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଦୁଇଟି ମାମଲାରେ ନିର୍ଦ୍ଦୋଷ ବୋଲି କହିଛନ୍ତି। ନିକୋଲାସ କିନ୍ତୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଏହି ଦଣ୍ଡ ବିରୋଧରେ ଅପିଲ କରିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି। ୨୦୦୫ରେ ନିକୋଲାସ ଓ ତାଙ୍କ ସହଯୋଗୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପାଇଁ ବେଆଇନଭାବେ ଗଦ୍ଦାଫିଙ୍କଠାରୁ ଅର୍ଥ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବଦଳରେ ଗଦ୍ଦାଫି ନୋକାଲାସ୍‌ଙ୍କଠାରୁ କୂଟନୈତିକ ଓ ବ୍ୟବସାୟୀକ ସାହଯ୍ୟ ଲୋଡ଼ିଥିଲେ ଓ ହାସଲ ମଧ୍ୟ କରିଥିଲେ। ଗଦ୍ଦାଫି ତାଙ୍କ ଶାସନ କାଳରେ ମାନବଅଧିକାର ଉଲ୍ଲଂଘନ ଓ ଆତାଙ୍କବାଦ ପାଇଁ କୁଖ୍ୟାତ ଥିଲେ। ତେଣୁ ତାଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସାହଯ୍ୟ କରିବା ନିକୋଲାସଙ୍କ ପାଇଁ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କୁହାଯାଉଛି। ୭୦ ବର୍ଷୀୟ ନିକୋଲାସ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱରେ ଥିଲେ।

## ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀର ପର୍ଦ୍ଦାଫାସ୍ କଲା ବାୟୁସେନା ଅଧିକାରୀଙ୍କ ଇ-ମେଲ୍

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦିଲ୍ଲୀର ବସନ୍ତକୁଞ୍ଜସ୍ଥିତ ଏକ ଘରୋଇ ମ୍ୟାନେଜମେଣ୍ଟ ସଂସ୍ଥାର ଅଧ୍ୟକ୍ଷ ତଥା ଆତ୍ମଘୋଷିତ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ଡଃ ପାର୍ଥ ସାରଥୀଙ୍କ ଯୌନ ଶୋଷଣ ଜନିତ ଭାଣ୍ଡାମୀ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଶ୍ରୀଙ୍ଗେରିସ୍ଥିତ ଶ୍ରୀ ସାରଦା ପିଠ ସହିତ ଜଡ଼ିତ ଥିବା ଏହି ସଂସ୍ଥାରେ ପଢୁଥିବା ୧୭ ଜଣ ଛାତ୍ରୀ ଏହି ବାବାଙ୍କ ବରୋଧରେ ଯୌନ ଶୋଷଣର ଗମ୍ଭୀର ଅଭିଯୋଗ ଆଣିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରିଥିଲେ ମଧ୍ୟ ବାବା ଫେରାର ଅଛନ୍ତି। ବାବାଙ୍କ ଏହି ଚର୍ଚ୍ଚିତ କାଣ୍ଡ ଭାରତୀୟ ବାୟୁସେନାର ଜଣେ ଅଧିକାରୀଙ୍କ ଇ-ମେଲ୍‌ରୁ ହିଁ ସାମ୍ନାକୁ ଆସିଥିଲା। ଶାରଦା ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ଜଣେ ପୂର୍ବତନ ଛାତ୍ରୀ ଜୁଲାଇ ୨୮ରେ ଏହି ସଂସ୍ଥାକୁ ପତ୍ର ଲେଖି ବାବାଙ୍କ କାର୍ଯ୍ୟକଳାପକୁ ପର୍ଦ୍ଦାଫାସ କରିଥିଲେ। ଏହାର କିଛି ଦିନପରେ ଭାରତୀୟ ବାୟୁସେନାର ଜଣେ ଗ୍ରୁପ୍ କ୍ୟାପଟେନ୍ ଇ-ମେଲ ପଠାଇ ଏ ବିଷୟରେ ଉଲ୍ଲେଖ କରିଥିଲେ। କେତେଜଣ ଛାତ୍ରୀ ବାବାଙ୍କ ମନଇଚ୍ଛା ବ୍ୟବହାର ଓ ଉତ୍ପୀଡନ ନେଇ ଅଭିଯୋଗ କରିଥିଲେ ଓ ରାତିରେ ବାବା ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠାଇଥିଲେ ବୋଲି ଅଧିକାରୀ ଜଣକ ଉଲ୍ଲେଖ କରିଛନ୍ତି। ଏହି ଇ-ମେଲ ପାଇବା ପରେ ସଂସ୍ଥାର ଗଭର୍ଣ୍ଣିଂ କାଉନସିଲ୍ ଅଗଷ୍ଟ ୩ରେ ୩୦ରୁ ଅଧିକ ଛାତ୍ରୀଙ୍କ ସହିତ ଆଭାସୀ ବୈଠକ କରିଥିଲେ। ଏଥିରେ କେତେଜଣ ଛାତ୍ରୀ ବାବାଙ୍କ ବରୋଧରେ ଯୌନ ଉତ୍ପୀଡ଼ନ, ଅଭଦ୍ର ଭାଷା, ଅବାଞ୍ଛିତ ଶାରୀରିକ ସ୍ପର୍ଶ ନେଇ ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଜଣେ ଡିନ୍‌ଙ୍କ ସମେତ ସଂସ୍ଥାରେ ୩ ମହିଳା କର୍ମଚାରୀ ସବୁ ଜାଣି ମଧ୍ୟ ବାବାଙ୍କୁ ସହଯୋଗ କରିଥିଲେ।

## ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ୍‌ର ଚୂଡ଼ାନ୍ତ ଗଣତି

ପାଟନା, ୨୫।୯ (ଏଜେନ୍ସି): ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନରେ ଭୋଟ ଗଣତି ନେଇ ନୂଆ ପ୍ରଣାଳୀ ଲାଗୁ କରିବ। ନୂଆ ନିୟମ ଅନୁସାରେ ଯଦି ପୋଷ୍ଟାଲ ବାଲାଟ୍ ଗଣିତିରେ ବିଳମ୍ବ ହୁଏ, ତେବେ ଇଭିଏମ୍ କାଉଣ୍ଟିଂକୁ ରୋକି ଦିଆଯିବ। ଏଥିସହ ବାଲାଟ ଅଧିକ ହେଲେ କାଉଣ୍ଟିଂ ଟେବଲ ସଂଖ୍ୟାରେ ବୃଦ୍ଧି କରାଯିବ ବୋଲି କମିଶନ କହିଛନ୍ତି। କାଉଣ୍ଟିଂ ଦିନ ଭୋଟ ଗଣତି ସକାଳ ୮ଟାରେ ଆରମ୍ଭ ହୋଇଥାଏ। କିନ୍ତୁ ଇଭିଏମ୍ କାଉଣ୍ଟିଂ ୮.୩୦ରେ ଆରମ୍ଭ ହୋଇଥାଏ। କେତୋଟି ସେଣ୍ଟରରେ ମେସିନରେ କାଉଣ୍ଟିଂ ଶେଷ ହୋଇଥିଲେ ମଧ୍ୟ ବାଲାଟ ଗଣତି ପାଇଁ ସମୟ ଲାଗୁଥିଲା। କିନ୍ତୁ ଏବେ ଗଣତି ପ୍ରକ୍ରିୟା ଭିନ୍ନ ହେବ। ବାଲାଟ ଗଣତି ବାକି ଥିଲେ ଇଭିଏମ୍‌ର ଅନ୍ତିମ ରାଉଣ୍ଡ ବା ସେକେଣ୍ଡ ଲାଷ୍ଟ ରାଉଣ୍ଡ ଗଣତିକୁ ରୋକା ଯିବ। ଗୁରୁବାର କମିଶନ ପ୍ରେସ ବିଜ୍ଞପ୍ତି ଜାରି କରି ଏ ନେଇ ସୂଚନା ଦେଇଛନ୍ତି। ଏହି ନୂଆ ନିୟମ ବିହାର ବିଧାନସଭା ନିର୍ବାଚନରେ ପ୍ରଥମେ ଲାଗୁ କରାଯିବ।




## ଆଜି ଅବସର ନେବ ମିଗ୍-୨୧ ବିମାନ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୀର୍ଘ ୬୨ ବର୍ଷ ହେବ ଦେଶକୁ ରକ୍ଷା କରିଆସୁଥିବା ଲଢୁଆ ବିମାନ ମିଗ୍-୨୧ ଶୁକ୍ରବାର ଅବସର ନେବ। ଫଳରେ ଭାରତୀୟ ବାୟୁସେନା ପାଇଁ ଏକ ଯୁଗର ଅବସାନ ହେବ। ଚଣ୍ଡିଗଡ଼ ବାୟୁସେନା ଷ୍ଟେସନରେ ମିଗ୍-୨୧ର ଅନ୍ତିମ ବିଦାୟୀ ସମାରୋହର ଆୟୋଜନ ହେବ। ଏହି ବିଦାୟୀ ସମାରୋହ ପାଇଁ ଚଣ୍ଡିଗଡ଼ରେ ଡ୍ରେସ ରିହରସାଲ ହୋଇଛି। ଏଥିରେ ମିଗ୍-୨୧ ସମେତ ଜାଗୁଆର, ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶରେ ସୁନ୍ଦର ଉଡାଣ ଭରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ମିଗ୍-୨୧ ଉଡାଇ ତା'ର ଦକ୍ଷତା ପ୍ରଦର୍ଶନ କରିଥିଲେ। ଗୁରବାର ସେ ଏହି ଉଡାଣ ଭରିଥିଲେ ଓ ଶୁକ୍ରବାର ମଧ୍ୟ ସେ ମିଗ୍-୨୧ ଉଡାଇବେ। ଭାରତୀୟ ବାୟୁସେନାର ସପ୍ତମ ମହିଳା ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ଶୁକ୍ରବାର ଶେଷଥର ପାଇଁ ମିଗ୍-୨୧କୁ ଆକାଶରେ ଉଡାଇବେ। ଏହି ବିମାନ ଧ୍ୱନୀର ଗତି (ସେକେଣ୍ଡ ପ୍ରତି ୩୩୨ ମିଟର)ଠାରୁ ଆହୁରି ଅଧିକ ବେଗ୍‌ରେ ଗତି କରିଥାଏ। ୧୯୬୦ ଦଶକରେ ମିଗ୍-୨୧ର ଆରମ୍ଭ ହୋଇଥିଲା। ସେତେବେଳର ସୋଭିଏତ ସଂଘ (ରୁଷିଆ)ରେ ଏହି ବିମାନର ଡିଜାଇନ୍ ହୋଇଥିଲା। ୧୯୬୩ ଏପ୍ରିଲ୍‌ରେ ୬ଟି ମିଗ୍-୨୧ ବିମାନ ପ୍ରଥମ ପର୍ଯ୍ୟାୟରେ ମୁମ୍ବଇରୁ ଚଣ୍ଡିଗଡ଼କୁ ଅଣାଯାଇଥିଲା। ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ବିମାନ ମିଗ୍-୨୧ ୧୯୬୫, ୧୯୭୧ ଓ ୧୯୯୯ରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସାରା ଦୁନିଆକୁ ନିଜର ଦକ୍ଷତା ପ୍ରତିପାଦନ କରିଥିଲା। ତେବେ ବିଭିନ୍ନ କାରଣରୁ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୨୦ ପାଇଲଟ ମୃତ୍ୟୁବରଣ କରିଥିଲେ। ଖାସ୍ ଏଥିପାଇଁ ଏହାକୁ ଫ୍ଲାଇଙ୍ଗ କଫିନ ଓ ୱିଡୋ ମେକରର ଆଖ୍ୟା ଦିଆଯାଇଥିଲା। ୨୦୨୧ରେ ଏହି ବିମାନ ୭ଥର କ୍ରାଶ ହୋଇଛି। ଏହାର ବିଦାୟୀ ସମାରୋହକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସମାରୋହରେ ଏହି ବିମାନକୁ ପାଣିର ତୋପରେ ସଲାମୀ ଦିଆଯିବ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ରହିବେ।

## ପାକିସ୍ତାନ ସ୍କୁଲ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର'

ଇସ୍‌ଲାମାବାଦ୍, ୨୫।୯ (ଏଜେନ୍ସି): ପାକିସ୍ତାନ ନିଜ ସ୍କୁଲ ପାଠ୍ୟକ୍ରମରେ ଭାରତ ସହିତ ହୋଇଥିବା ୪ ଦିନର ଯୁଦ୍ଧକୁ ସାମିଲ କରିଛି। ଏଥିରେ ବିଭିନ୍ନ ପ୍ରକାର ତଥ୍ୟକୁ କଦର୍ଥ କରାଯାଇ ଉପସ୍ଥାପନ କରାଯାଇଛି। ଭାରତ ବିନା କୌଣସି କାରଣରେ ୨୦୨୫ ମେ ୭ରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ବୋଲି ବହିରେ ଦର୍ଶାଯାଇଛି। ଭାରତ କଶ୍ମୀର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ପାକିସ୍ତାନକୁ ମିଛରେ ଦାୟୀ କରିଛି। ଭାରତ ଯୁଦ୍ଧ ଆରମ୍ଭ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। କିନ୍ତୁ ଜବାବରେ ପାକିସ୍ତାନ ସେନା ଭାରତର ୪ଟି ରାଫେଲ ବିମାନକୁ ମାରି ଖସାଇଥିଲା ଓ କେତୋଟି ଏୟାର ବେସ୍‌କୁ ଧ୍ୱଂସ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାଠ୍ୟକ୍ରମରେ ସାମିଲ କରିଥିବା ସବୁ ତଥ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ କି, ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ୪ ଦିନର ସଂଘର୍ଷ ପରେ ପାକିସ୍ତାନ ଡିଜିଏମ୍‌ଓଙ୍କ ଅନୁରୋଧ କ୍ରମେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଶେଷ ହୋଇନାହିଁ ବରଂ ସ୍ଥଗିତ ରଖାଯାଇଛି ବୋଲି ସେତେବେଳେ କହିଥିଲେ।



## ଭାରତ ଆମକୁ ତାଲିବାନ ଓ ଆଇଏସ୍ ନଜରରେ ଦେଖୁଛି: ୟୁନୁସ୍


ୱାଶିଂଟନ, ୨୫।୯ (ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଭାରତ ସହିତ ଥିବା ସମ୍ପର୍କ ନେଇ ମୁହଁ ଖୋଲିଛନ୍ତି। ଦୁଇ ଦେଶ ମଧ୍ୟରେ ଏବେ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଭାରତକୁ ଆମ ଛାତ୍ରମାନଙ୍କ କାର୍ଯ୍ୟ ପସନ୍ଦ ଆସୁନାହିଁ ଓ ଆମକୁ ତାଲିବାନ ଓ ଇସଲାମିକ ଷ୍ଟେଟ୍ (ଆଇଏସ୍) ନଜରରେ ଦେଖାଯାଉଛି। ପୁଣି ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଶରଣ ଦେଇଛି। ଫଳରେ ବାଂଲାଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି। ହସିନାଙ୍କ କାରଣରୁ ବାଂଲାଦେଶରେ ବହୁ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ଏହି କାରଣ ଯୋଗୁଁ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ୨୦୨୪ ଅଗଷ୍ଟରୁ ଖରାପ ହେବା ଆରମ୍ଭ ହୋଇଥିଲା। ଯେତେବେଳେ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲି ଯାଇଥିଲେ। ଚାକିରି କୋଟା ନେଇ ଭେଦଭାବ ସୃଷ୍ଟି ହେବାରୁ ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାରଣ ଯୋଗୁଁ ବାଂଲାଦେଶରେ ସରକାର ପତନ ହୋଇଥିଲା। ଭାରତ ବାଂଲାଦେଶ ବିରୋଧରେ ଫେକ୍ ନ୍ୟୁଜ୍ ଅର୍ଥାତ ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାର୍କ (ଏସଏଆରସି) କେବଳ ଗୋଟିଏ ଦେଶର ରାଜନୀତି ନୁହଁ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବାଦ୍ ପଡ଼ିଲେ ନାୟର, ପଡିକାଲ ସାମିଲ

ଦୁବାଇ,୨୫ା୯ (ଏଜେନ୍ସି):





ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ମାଟିରେ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କୁ ଏହି ଦଳର ଅଧିନାୟକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜ୍ ପୂର୍ବରୁ ଇଂଲଣ୍ଡରେ ଖେଳିଥିବା ଭାରତୀୟ ଟେଷ୍ଟ ଦଳରୁ କରୁନ ନାୟର ଓ ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରିଜର୍ଭ ଖେଳାଳିଭାବେ ରହିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଏହି ଦଳରୁ ବାଦ୍ ଦିଆଯାଇଛି। ନାୟରଙ୍କ ସ୍ଥାନରେ ତାଙ୍କ ରାଜ୍ୟର ସାଥିଖେଳାଳି ଦେବଦତ୍ତ ପଡ଼ିକାଲଙ୍କୁ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ତାମିଲନାଡୁର ଦୁଇ ଖେଳାଳି ସାଇ ସୁଦର୍ଶନ ଓ ୱିକେଟ ରକ୍ଷକ ନାରାୟଣ ଜଗଦୀଶନଙ୍କୁ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଦଳର ନଂ-୧ ୱିକେଟରକ୍ଷକ ଋଷଭ ପନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ପୁଣିଥରେ ଭାରତୀୟ ଦଳର ନଂ-୧ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଫାଷ୍ଟ ବୋଲର ଆକାଶ ଦୀପ୍ ମଧ ଟେଷ୍ଟ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଖେଳାଯିବ।

ଏ ସମ୍ପର୍କରେ ବିସିସିଆଇ ସିନିଅର ଚୟନ କମିଟିର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହନ୍ତି ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ କରୁନ ନାୟରଙ୍କଠାରୁ ଆମେ କିଛି ସ୍ଥିର ଖେଳ ଓ ସଫଳତା ଆଶା କରୁଥିଲୁ। ସେ କିନ୍ତୁ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ଏହି ସ୍ଥାନରେ ଜଣେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦଳରେ ନେବାକୁ ଚାହିଁଥିଲୁ। ଭାରତ ପକ୍ଷରୁ ଖେଳିଥିବା ଦେବଦତ୍ତ ପଡ଼ିକାଲଙ୍କୁ ସୁଯୋଗ ଦେବାକୁ ଆମେ ନିଷ୍ପତ୍ତି ନେଇଛୁ। ଆମେ ସମସ୍ତଙ୍କୁ ୧୫ରୁ ୨୦ ଟେଷ୍ଟ ଖେଳିବାକୁ ସୁଯୋଗ ଦେବାକୁ ଯୋଜନା କରୁଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହେଉନାହିଁ। ଦୁବାଇରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା କରିବା ଅବସରରେ ଅଜିତ ଅଗରକର ଏହା କହିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ ଓ ନାରାୟଣ ଜଗଦୀଶନ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଷ୍ଟୋନ ଚେଜ୍ (ଅଧିନାୟକ), ବ୍ରାଣ୍ଡନ କିଙ୍ଗ୍, ଆଲିକ୍ ଆଥାନାଜେ, ଟାଗେନାରିନ ଚନ୍ଦରପଲ, କେଭଲନ ଆଣ୍ଡରସନ, ଜନ୍ କ୍ୟାମ୍ପବେଲ, ସାଇ ହୋପ୍, ଟେଭଲିନ ଇମ୍‌ଲାଚ୍, ଜଷ୍ଟିନ ଗ୍ରିଭ୍‌ସ, ଶମର ଯୋଶେଫ, ଆଲଜରୀ ଯୋଶେଫ, ଜେଡେନ ସିଲ୍ସ, ଆଣ୍ଡରସନ ଫିଲିପ୍, ଜୋମେଲ ୱାରିକାନ୍, ଖାରୀ ପିଏରେ।

ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

## ଏସିଆ କପ୍: ପାକ୍-ବାଂଲା ସୁପର-୪ ମୁକାବିଲା

# ଦୁବାଇରେ ବୋଲରଙ୍କ ପ୍ରାଧାନ୍ୟ



DP WORLD ASIA CUP
ଆଜିର ମ୍ୟାଚ୍
ଭାରତ-ଶ୍ରୀଲଙ୍କା
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ଦୁବାଇ,୨୫ା୯ (ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମହମ୍ମଦ୍ ହାରିସ୍ ସର୍ବାଧିକ ୩୧, ମହମ୍ମଦ୍ ନୱାଜ ୨୫, ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍ ଲେଖାଏଁ କରିଥିଲେ। ଜବାବରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୯ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ବିନିମୟରେ ୪୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ନୁରୁଲ ହାସନ ୧୨ ଓ ଶମିମ ହୋସେନ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ପ୍ରଥମ ଦୁଇ ବ୍ୟାଟର ପରଭେଜ ହୋସେନ ଏମନ (୦) ଓ ତୋହିଦ୍ ହୃଦୟ (୫) ଅନାବଶ୍ୟକ ସଟ୍ ଖେଳି ସାହିନ ଆଫ୍ରିଦୀଙ୍କ ଶିକାର ବନିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦଳର ଶ୍ରେଷ୍ଠ ବ୍ୟାଟର ତଥା ଓପନର ସୈଫ୍ ହାସନ ୧୮ ରନ୍ କରି ହାରିସ୍ ରୌଫ୍‌ଙ୍କ ଦ୍ୱାରା ଆଉଟ ହେବା ପରେ ପାକିସ୍ତାନ ମ୍ୟାଚ୍ ଜିତିଲାଭଳି ସିଲେବ୍ରେସନ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ଭାରତ ସହ ଆସନ୍ତା ରବିବାର ଫାଇନାଲ ଖେଳିବ। ସେହିପରି ଆସନ୍ତାକାଲି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସୁପର-୪ ପର୍ଯ୍ୟାୟର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ।

ଗୁରୁବାର ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମ ଓଭରରେ ୱିକେଟ ହରାଇ ବିପର୍ଯ୍ୟୟର ସୂତ୍ରପାତ କରିଥିଲା। ଏହି ଧାରା ଦଳ ବଜାୟ ରଖିବାରୁ ୧୧ଓଭର ସୁଦ୍ଧା ମାତ୍ର ୪୯ ରନ୍‌ରେ ଅଧା ଖେଳାଳିଙ୍କୁ ହରାଇଥିଲା। ଶେଷ ଭାଗରେ ମହମ୍ମଦ୍ ହାରିସ୍ ୨୩ ବଲ୍‌ରୁ ୩୧ ଓ ମହମ୍ମଦ୍ ନୱାଜ ୧୫ ବଲ୍‌ରୁ ୨୫ ରନ୍ କରିବା ଫଳରେ ଦଳ ଶହେ ରନ୍ ଅତିକ୍ରମ କରିଥିଲା। ଫହୀମ ଅଶ୍ରଫ ୯ ବଲ୍‌ରେ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ପାକସ୍ତାନ ପ୍ରଥମ ୧୦ ଓଭରରେ ୪ ୱିକେଟ ହରାଇ ୪୬ ଓ ଶେଷ ୧୦ ଓଭରରେ ୪ ୱିକେଟ ହରାଇ ୮୯ ରନ୍ କରିଥିଲା। ବାଂଲାର ପେସର ତସ୍କିନ ଅହମ୍ମଦ୍ ସର୍ବାଧିକ ୩ଟି, ଦୁଇ ସ୍ପିନର ମାହେଦୀ ହାସନ ଓ ରିଶାଦ ହୋସେନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ସର୍ବାଧିକ ୧୨ଟି କ୍ୟାଚ୍ ଛାଡ଼ିଛି ଭାରତ

ଦୁବାଇ, ୨୫।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ କ୍ୟାଚ୍ ଛାଡ଼ିବାରେ ରେକର୍ଡ କରିଛି। ଗ୍ରୁପରୁ ସୁପର୍-୪ ପର୍ଯ୍ୟାୟ ପର୍ଯ୍ୟନ୍ତ ଭାରତୀୟ ଖେଳାଳିମାନେ ମୋଟ୍ ୫ଟି ମ୍ୟାଚ୍ ଖେଳି ୧୨ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ସେହିଭଳି ହଂକଂ ଦଳ ୩ଟି ମ୍ୟାଚରେ ୧୧ କ୍ୟାଚ୍ ଛାଡ଼ି ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ୮ଟି, ଶ୍ରୀଲଙ୍କା ୬ଟି, ଆଫଗାନିସ୍ତାନ ୪ଟି, ଓମାନ ୪ଟି, ପାକିସ୍ତାନ ୩ଟି ଓ ଆୟୋଜକ ୟୁଏଇ ୨ଟି କ୍ୟାଚ୍ ଛାଡ଼ି ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## ଲିସା କେଟ୍‌ଲୀ ଏମ୍ଆଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବଇ,୨୫ା୯ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସିନିଅର ମହିଳା ଦଳର ପୂର୍ବତନ ହେଡ୍ କୋଚ୍ ଲିସା କେଟ୍‌ଲୀ ୨୦୨୬ ସିଜନ ମହିଳା ପ୍ରିମିୟର ଲିଗ୍ ପାଇଁ ମୁମ୍ବଇ ଇଣ୍ଡିଆନ୍ସ ମହିଳା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ମୁମ୍ବଇକୁ ଦୁଇଥର ଚାମ୍ପିଅନ କରାଇଥିବା ହେଡ୍ କୋଚ୍ ଚାର୍ଲୋଟି ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ନିଯୁକ୍ତି ପାଇନ୍ତି। ଚାର୍ଲୋଟିଙ୍କୁ ଇଂଲଣ୍ଡ ସିନିଅର ମହିଳା ଦଳର ହେଡ୍ କୋଚ୍ ଭାବେ ଦାୟିତ୍ୱ ମିଳିଛି। ୫୪ ବର୍ଷିୟା କେଟ୍‌ଲୀ ଅଷ୍ଟ୍ରେଲିଆ ପକ୍ଷରୁ ୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୭ ଓ ୨୦୦୫ରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ସେ ଏହି ଦଳର ସଦସ୍ୟ ରହିଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡରେ ଖେଳାଯାଉଥିବା ସୀମିତ ଓଭର ଲିଗ୍ କ୍ରିକେଟରେ ସେ ଜଣେ ସଫଳ କୋଚ୍ ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି।

## ଇରାନି କପ୍‌ରେ ଆକାଶଦୀପ, ଈଶ୍ୱରନ୍ ସାମିଲ



ମୁମ୍ବଇ,୨୫ା୯ (ଏଜେନ୍ସି): ଚଳିତ ସିଜନର ଭାରତର ଦ୍ୱିତୀୟ ଘରୋଇ କ୍ରିକେଟ ମୁକାବିଲା ଇରାନି କପ୍ ନାଗପୁରରେ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଅକ୍ଟୋବର ୧ରେ ଆରମ୍ଭ ହେବାକୁ ଥିବା ରଣଜୀ ଚାମ୍ପିଅନ ବିଦର୍ଭ ଦଳର ନେତୃତ୍ୱ ଅକ୍ଷୟ ୱାଡକରଙ୍କୁ ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶର ରଜତ ପାଟିଦାର ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ। ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିଥିବା ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। **ଘୋଷିତ ଦଳ:** ରଜତ ପାଟିଦାର (ଅଧିନାୟକ), ଋତୁରାଜ ଗାଏକ୍‌ୱାଡ୍ (ଉପଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଯଶ ଧୂଲ, ସେଖ ରଶିଦ୍, ଇଶାନ କିସାନ ଓ ଆର୍ଯ୍ୟନ ଜୁୟାଲ (ୱିକେଟରକ୍ଷକ), ତନୁଶ କୋଟିଆନ୍, ମାନବ ସୁତାର, ସାରାଂଶ ଜୈନ୍, ଗୁରନୁର ବ୍ରାର, ଖଲୀଲ ଅହମ୍ମଦ୍, ଆକାଶ ଦୀପ୍ ଓ ଅଂଶୁଲ କାମ୍ବୋଜ୍।

## ମହିଳା ଦିନିକିଆ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

## ଭାରତ ବିପକ୍ଷରେ ନାଟାଲୀଙ୍କ ଦମ୍‌ଦାର ଶତକ

ବେଙ୍ଗାଲୁରୁ, ୨୫।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଗୁରୁବାରଠାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଏଠାରେ ଘରୋଇ ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପାଇଁ ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୧୨୦ ରନ କରି ରିଟାୟାର୍ଡ ହର୍ଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମା ଲାମ୍ବ ୮୪, ହେଥର ନାଇଟ୍ ୩୭, ଆମି ଜୋନ୍ସ ୩୯ ରନ କରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ କ୍ରାନ୍ତି ଗୌଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ୧୭ ଓଭରରେ ୨ଟି ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ହର୍ଲିନ ଦେଓଲ ୫, ଉମା ଛେତ୍ରୀ ୪୫ ରନ କରି ଆଉଟ୍ ହୋଇଥିଲେ। ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ସେପ୍ଟେମ୍ବର ୩୦ରେ ଗୌହାଟୀରେ ଖେଳିବ।

## ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍

## ଆୟର ଭାରତ-ଏ' ଅଧିନାୟକ



ମୁମ୍ବଇ,୨୫ା୯ (ଏଜେନ୍ସି): ଉତ୍ତରପ୍ରଦେଶର କାନପୁରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଭାରତ-ଏ' ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ସହ ତାଙ୍କୁ ଇରାନି କପ୍ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦିନିକ୍ରି ସିରିଜ୍ ଲାଗି ଅଧିନାୟକ ମନୋନୀତ ହୋଇଥିବା ରଜତ ପାଟିଦାରଙ୍କୁ ଏବେ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶର ନେତୃତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନିକିଆ ଲାଗି ଘୋଷିତ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇ ଏସିଆ କପ୍ ଖେଳୁଥିବା ଅଭିଷେକ ଶର୍ମା, ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ ସିଂହଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳରେ ସାମିଲ କରାଯିବ।

**ପ୍ରଥମ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ପ୍ରୀୟାଂଶ ଆର୍ଯ୍ୟ ଓ ସିମରଜିତ ସିଂହ।

**ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ହର୍ଷିତ ରାଣା ଓ ଅର୍ଶଦୀପ ସିଂହ।

## ପୂର୍ବାଞ୍ଚଳ ଆଥଲେଟିକ୍ସରେ ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ

କଟକ,୨୫ା୯ (ସମିସ): ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ବୃହତ୍ତ ସଫଳତା ମିଳିଛି। ଓଡ଼ିଆ ଆଥଲେଟମାନେ ୨୧ଟି ସ୍ୱର୍ଣ୍ଣ ସହ ମୋଟ ୪୯ ପଦକ ଜିତିଛନ୍ତି। ଏଥିରେ ୧୬ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ରହିଛି। ଚାମ୍ପିଅନସିପ୍‌ରେ ଆୟୋଜକ ଝାଡଖଣ୍ଡ(୧୭୨ ପଏଣ୍ଟ) ଦଳଗତ ଚାମ୍ପିଅନ ହୋଇଥିବା ବେଳେ ବିହାର(୧୬୮ ପଏଣ୍ଟ) ଦ୍ୱିତୀୟ ଏବଂ ଓଡ଼ିଶା (୧୬୫ ପଏଣ୍ଟ) ତୃତୀୟ ସ୍ଥାନରେ ରହିଛି। ୧୬ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଏବଂ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ରନର୍ସଅପ ହୋଇଛି। ଏତଦବ୍ୟତୀତ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର ଆସ୍ତିକ ପ୍ରଧାନଙ୍କୁ ଶ୍ରେଷ୍ଠ ଆଥଲେଟ ଘୋଷଣା କରାଯାଇଛି।

## ସୁପର୍ କପ୍ | ଗୋଟିଏ ଗ୍ରୁପ୍‌ରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଅକ୍ଟୋବର ୨୫ରୁ ସୁପର୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଆଇଏଫ୍‌ଏଫ୍‌ର ଏହି ସିଜନ ଓପନିଂ ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଡ୍ର' ଘୋଷଣା ହୋଇଛି। ଆଇଏସ୍‌ଏଲ୍ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ଓ ୨୦୨୪ ସୁପର୍ କପ୍ ଚାମ୍ପିଅନ ଇଷ୍ଟ ବେଙ୍ଗଲ ସମାନ ଗ୍ରୁପରେ ସ୍ଥାନ ପାଇଛନ୍ତି। ଡ୍ର'ରେ ଉଭୟ ଦଳ ଗ୍ରୁପ୍-ଏ'ରେ ରହିଛନ୍ତି। ଏହି ଗ୍ରୁପରେ ଆଇଏସ୍‌ଏଲ୍‌ର ଅନ୍ୟତମ ଦଳ ଚେନ୍ନାଇନ ଏଫ୍‌ସି ଓ ଆଇ-ଲିଗ୍ ଦଳ ରିଅଲ୍ କାଶ୍ମୀର ସ୍ଥାନ ପାଇଛି। ଆଇଏସ୍‌ଏଲ୍‌ରୁ ୧୨ ଓ ଆଇ-ଲିଗ୍‌ରୁ ୪ଟି ଦଳ ଦଳ ଏଥର ସୁପର୍ କପ୍‌ରେ ଅଂଶଗ୍ରହଣ କରିବେ। ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୁପର୍ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ ଏଫ୍‌ସି ଗୋଆ ଗ୍ରୁପ୍-ବି'ରେ ରହିଛି।

### ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ:** ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ଚେନ୍ନାଇନ ଏଫ୍‌ସି ଓ ରିଅଲ କାଶ୍ମୀର

**ଗ୍ରୁପ୍-ବି:** ଏଫ୍‌ସି ଗୋଆ, ଜାମସେଦପୁର ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ଇଣ୍ଟର କାଶୀ

**ଗ୍ରୁପ୍-ସି:** ବେଙ୍ଗାଲୁରୁ ଏଫ୍‌ସି, ମହମ୍ମଡାନ ସ୍ପୋର୍ଟିଂ, ପଞ୍ଜାବ ଏଫ୍‌ସି ଓ ଗୋକୁଲମ କେରଳ

**ଗ୍ରୁପ୍-ଡି:** ମୁମ୍ବାଇ ସିଟି ଏଫ୍‌ସି, କେରଳା ବ୍ଲାଷ୍ଟର୍ସ, ହାଇଦରାବାଦ୍ ଏଫ୍‌ସି ଓ ରାଜସ୍ଥାନ ୟୁନାଇଡଟେଡ୍ ଏଫ୍‌ସି

## ଓପିଟିଏଲ୍ ୨୦୨୫ | ଫାଇନାଲରେ ସମ୍ବଲପୁର ୱାରିୟର୍ସ

କଟକ,୨୫ା୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସକୁ ଫାଇନାଲରେ ସୁଯୋଗ ମିଳିଛି। ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ବିପକ୍ଷ ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ରହିଥିଲା, ମାତ୍ର ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ ହୋଇ ପାରିନଥିଲା। ଖେଳ ସ୍ଥଗିତ ରହିବା ବେଳକୁ ପ୍ରଥମେ ବ୍ୟାଟିଂ କରୁଥିବା ଟାଇଗର୍ସ ୧୪ ଓଭରରେ ୪ ୱିକେଟ ବିନିମୟରେ ୮୩ ରନ ସଂଗ୍ରହ କରିଥିଲା। ତେବେ ଟୁର୍ଣ୍ଣାମେଣ୍ଟର ରାଉଣ୍ଡରବିନ୍ ଲିଗ୍‌ରେ ୱାରିୟର୍ସ ୧୪ ପଏଣ୍ଟ ସହ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟାଇଗର୍ସ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଅଧିକ ୨ ପଏଣ୍ଟ ୱାରିୟର୍ସକୁ ଫାଇନାଲରେ ପହଞ୍ଚାଇଛି। କଟକ ପାନ୍ଥର୍ସ ଏବଂ ପୁରୀ ଟାଇଟନ୍ସ ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପୁରୀ ଟାଇଟନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ପାନ୍ଥର୍ସ ଶେଷ ଖବର ସୁଦ୍ଧା ୧୬ ଓଭରରେ ୫ ୱିକେଟ୍ ହରାଇ ୧୫୧ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ ୨୮ ବଲ୍‌ରେ ୫ ଛକ୍ ସହାୟତାରେ ୪୮ ରନ୍ କରିଛନ୍ତି।

## କଳିଙ୍ଗରେ ଏସିଆନ୍ ଟିଟି ଟିମ୍ ଚାମ୍ପିଅନସିପ୍ ୧୧ରୁ

# ଭାଗନେବେ ୨୨ ଦେଶର ଖେଳାଳି



ଭୁବନେଶ୍ୱର, ୨୫।୯ (ସମିସ): ପ୍ରଥମଥର ଲାଗି ଓଡ଼ିଶାରେ ଏସିଆନ୍ ଟେବଲ୍ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୧ରୁ ଏହି ସମ୍ମାନଜନକ ପ୍ରତିଯୋଗିତାର ର ୨୮ତମ ସଂସ୍କରଣ ଆରମ୍ଭ ହେବ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ଦେଶର ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଟିଟି ମହାସଂଘର ସାଧାରଣ ସମ୍ପାଦକ କମଳେଶ ମେହେଟା ସୂଚନା ଦେଇଛନ୍ତି। ଆୟୋଜକ ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ଉତ୍ତରକୋରିଆ, ଚାଇନିଜ ତାଇପେଇ, ହଂକଂ, ସିଙ୍ଗାପୁର, ମାକାଉ, ବାଂଲାଦେଶ, ଇରାନ, କାଜାଖସ୍ଥାନ, କିର୍ଗିଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଉଜବେକିସ୍ତାନ ଦଳ ଭାଗନେବ। ଏଥିରେ ଉଭୟ ବାଳକ ଓ ବାଳିକା ଟିମ୍ ଇଭେଣ୍ଟରେ ମ୍ୟାଚ୍ ଖେଳାଯିବ।

ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ୨୦୨୬ରେ ଲଣ୍ଡନରେ ଖେଳାଯିବାକୁ ଥିବା ବିଶ୍ୱ ଟିଟି ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୦ରୁ ୪୦ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ଓ ୧୧ରୁ ଆଇଟିଏଫ୍ ମାଷ୍ଟର୍ସ-୧୦୦ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆୟୋଜକ କମିଟିର ନିର୍ଦ୍ଦେଶକ ଏନ୍. ଗଣେଶନ, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ଯେଦୁଲା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ରାଜେଶ ଓ ଡାନିସ୍‌ଙ୍କୁ ଚେତନଙ୍କ ପ୍ରଶଂସା

କଟକ,୨୫ା୯ (ସମିସ):



ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଘରୋଇ ଖେଳାଳିମାନଙ୍କ ନିମନ୍ତେ ଏକ ବଡ ପ୍ଲାଟଫର୍ମ। ଏଥିରେ ଭାଗ ନେଇଥିବା ଖେଳାଳିମାନେ ନିଜ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଦଳରେ କେତେକ ବ୍ୟାଟର ଓ ବୋଲର ରହିଛନ୍ତି, ଯାହାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରାଜେଶ ମହାନ୍ତି ଓ ମହମ୍ମଦ ଡାନିସ୍‌ଙ୍କ ଖେଳ ପସନ୍ଦ ଆସିଛି ବୋଲି ଓପିଟିଏଲରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଚେତନ ଶର୍ମା କହିଛନ୍ତି। ପୁରୀ ଟାଇଟନ୍ସ ଦଳରୁ ଦୁଇ ପେସ୍ ବୋଲର ରାଜେଶ ଓ ଡାନିସ ପ୍ରତିନିଧିତ୍ୱ କରୁଛନ୍ତି।

ଘରୋଇ କ୍ରିକେଟରୁ ଜାତୀୟ ଦଳର ଯାତ୍ରା ବାବଦରେ ଚେତନ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏଭଳି ପଦକ୍ଷେପ ନିହାତି ରୂପେ ପ୍ରଶଂସନୀୟ। ଗତବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରୁ ୬ଜଣ ଖେଳାଳି ରାଜ୍ୟ ଦଳରେ ସ୍ଥାନ ପାଇଥିଲେ। ଏମାନଙ୍କୁ ଆଇପିଏଲରେ ମଧ୍ୟ ସୁଯୋଗ ମିଳିଥିଲା। ଓପିଟିଏଲରେ ଖେଳୁଥିବା ୬ଟି ଯାକ ଦଳରୁ କିଛି ଖେଳାଳି ଅତିକମ୍‌ରେ ରାଜ୍ୟ ଦଳରେ ନିହାତି ରୂପେ ସ୍ଥାନ ପାଇବାର ହକ୍‌ଦାର ଅଟନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୭ ବିଶ୍ୱକପ୍‌ରେ ନିଜ ହ୍ୟାଟ୍ରିକ ୱିକେଟ ସଫଳତାକୁ ମନେ ପକାଇ ସେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳିର ସ୍ୱପ୍ନ ଥାଏ ଥରେ ଜାତୀୟ ଦଳର ଜର୍ସି ପିନ୍ଧିବାକୁ। ସେ ସୁଯୋଗ ପାଇବା ପରେ ଭଲ ଖେଳି ଦେଶର ନାମ ଉଜ୍ଜଳ କରିବାକୁ ଲକ୍ଷ୍ୟ ରଖିଥାଏ। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୋତେ ସେଭଳି ସୁଯୋଗ ମିଳିଥିଲା। କ୍ରିକେଟ ଦୁନିଆରେ ହ୍ୟାଟ୍ରିକ କଥା ଆଲୋଚନାକୁ ଆସିଲେ ଚେତନ ଶର୍ମାଙ୍କୁ ସମସ୍ତେ ମନେ ପକାଇବେ ବୋଲି ସେ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS